ବର୍ଷ-୨୫, ସଂଖ୍ୟା-୧୧୦
ଭୁବନେଶ୍ୱର
୨୨, ଏପ୍ରିଲ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 110
Bhubaneswar
22, April, 2025, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ବିସିସିଆଇ କେନ୍ଦ୍ରୀୟ ଚୁକ୍ତିରେ ପନ୍ତ

# ଏବେ ରାଜ୍ୟର ଅନ୍ୟ ସହରରେ ହେବ ମୁଖ୍ୟମନ୍ତ୍ରୀ ଜନଶୁଣାଣି

- ୨୪୦୦ ଲୋକଙ୍କ ଅଭିଯୋଗ ଶୁଣାଣି
- ୧୮ ପୀଡ଼ିତଙ୍କୁ ୧୯.୫୦ ଲକ୍ଷ ସହାୟତା ପ୍ରଦାନ
- ୯ ପାଳିରେ ୧୦ ହଜାର ଅଭିଯୋଗ ଗ୍ରହଣ, ୮୮ % ସମାଧାନ
- ଗରିବ, ଅସହାୟ ଲୋକଙ୍କ ଦୁଃଖ ପ୍ରତି ଉଦାସୀନ ରହି ହେବ ନାହିଁ : ମୁଖ୍ୟମନ୍ତ୍ରୀ
- କ୍ଷେତ୍ରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଗଣତନ୍ତ୍ର ପାଇଁ ଶୁଭଙ୍କର
- ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଲୋକଙ୍କ ନିକଟତର ହେବାକୁ ପ୍ରେରଣା ଦେଇଛି

**ସମ୍ବଲପୁର, ୨୧।୪(ମହାଭାରତ):** ପୁରା ରାଜ୍ୟ ପ୍ରଶାସନ ସମ୍ବଲପୁରରେ। ସମୟ ଥିଲା ସକାଳ ୮ ଟା। ଲୋକାରଣ୍ୟ ହୋଇ ଉଠିଥିଲା ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ପରିସର। କାରଣ ଲୋକଙ୍କ ମୁଖ୍ୟମନ୍ତ୍ରୀ ଆସିଛନ୍ତି ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିବା ପାଇଁ । କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି ତାଙ୍କ ସହିତ ଥିଲେ ସହଯୋଗୀ ୧୦ ଜଣ ମନ୍ତ୍ରୀ ଓ ରାଜ୍ୟ ପ୍ରଶାସନର ବିଭିନ୍ନ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀଗଣ। ସମ୍ପୂର୍ଣ୍ଣ ରାଜ୍ୟ ପ୍ରଶାସନ ସ୍ଥାନାନ୍ତରିତ ହୋଇଥିଲା ସମ୍ବଲପୁରକୁ ।ଲୋକଙ୍କ ଅଭିଯୋଗ ଶୁଣି ଏହାର ସମାଧାନ କରିବାକୁ। ବାସ୍ତବିକ ଏଇ ହେଉଛି ଲୋକଙ୍କ ସରକାର।

ଗତ କାଲି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟଗଣ ସମ୍ବଲପୁରରେ ପହଞ୍ଚି ମା' ସମଲେଶ୍ୱରୀଙ୍କ ଦର୍ଶନ କରି ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ସମ୍ବଲପୁରରେ ଏ ଜନ ଶୁଣାଣି କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ଶୁଭଙ୍କର । ସରକାରଙ୍କ ପାଇଁ, ଲୋକଙ୍କ ପାଇଁ, ଓଡ଼ିଶା ରାଜ୍ୟ ପାଇଁ ଓ ସର୍ବୋପରି ଗଣତନ୍ତ୍ର ପାଇଁ ଏକ ସକରାତ୍ମକ ବାର୍ତ୍ତା ଦେଉଛି ।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଆମର ଏହି ଜନ ଶୁଣାଣି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନ ଆମକୁ ଲୋକଙ୍କ ଆହୁରି ନିକଟତର ହେବାକୁ ପ୍ରେରଣା ଦେଇଛି ବୋଲି ସେ କହିଛନ୍ତି। ସେ ପୁଣି କହିଥିଲେ ଯେ, ଆମର ଉଦ୍ଦେଶ୍ୟ ହେଉଛି ରାଜ୍ୟର ବୃହତ୍ତର ବିକାଶର ଲକ୍ଷ୍ୟ ପୂରଣ ଭିତରେ ଗରିବ, ଅସହାୟ ଲୋକଙ୍କ ଦୁଃଖକୁ ଆମେ ଯେପରି ନଜର ଅନ୍ଦାଜ୍ ନ କରୁ। ସେମାନେ ଯେପରି ଅନୁଭବ ନ କରନ୍ତି ଯେ, ସେମାନଙ୍କ ଦୁଃଖ ଶୁଣିବା ପାଇଁ କେହି ନାହାନ୍ତି। ପୂର୍ବ ସରକାର ଏଥିପ୍ରତି ଉଦାସୀନ ମନୋଭାବ ପୋଷଣ କରୁଥିଲେ। ଆମେ କିନ୍ତୁ, ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନ ଶୁଣାଣି କରିବା ପାଇଁ ନିଷ୍ପତ୍ତି ନେଇଛୁ।



ଆଜି ସମ୍ବଲପୁରରେ ହେଲା, ଆଗାମୀ ଦିନରେ ରାଜ୍ୟର ଅନ୍ୟ ସ୍ଥାନରେ ହେବ।

ସେ ଆହୁରି କହିଥିଲେ ଯେ, ଏହି କ୍ଷେତ୍ରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଦ୍ୱାରା ଅଧିକାରୀ ମାନେ ସେମାନଙ୍କ ସ୍ତରରେ ହିଁ, ଯେତେଦୂର ସମ୍ଭବ, ଲୋକଙ୍କ ସମସ୍ୟା ସମାଧାନ କରିବାକୁ ତତ୍ପର ହେବେ। ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ଦିଗରେ ଅଧିକ ସଚେତନ ହେବେ ବୋଲି ସେ କହିଛନ୍ତି। ସମସ୍ତ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ଅଧିକାରୀ ମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆ ଯାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

ପୂର୍ବ ଜନଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଗରୁ ଭୁବନେଶ୍ୱରରେ ଆମର ନଅ'ଟି ଜନ ଶୁଣାଣି ହୋଇଛି। ପୂର୍ବ ନଅ'ଟି ପାଳିରେ ୯,୩୭୭ ଲୋକଙ୍କ ଅଭିଯୋଗ ଗ୍ରହଣ କରିଛୁ ଏବଂ ପ୍ରାୟ ୮୮ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ଅବଶିଷ୍ଟ ଗୁଡିକ ପ୍ରକ୍ରିୟା ଭିତରେ ଅଛି। ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ୧୦ମ ପାଳି। ଏହି ପାଳିରେ ପ୍ରାୟ ୧୦୦୦ ଜଣ ଅନଲାଇନ ଜରିଆରେ (ପୃଷ୍ଠା-୮)

# ୪୫ ଟପିଲା ତାତି, ବଢ଼ିଲା ଅଂଶୁଘାତ

ଭୁବନେଶ୍ୱର,୨୧।୪(ମହାଭାରତ): ପ୍ରାୟ ଏକ ମାସ ପରେ ରାଜ୍ୟରେ ପୁଣି ଥରେ ପାରଦ ବଢ଼ିଛି। ଦୁଇ ଦିନ ହେଲା ତାପମତ୍ରା ରାଜ୍ୟବାସୀଙ୍କୁ ଅଧିକ କଷ୍ଟ ଦେଇଛି। ରାଜ୍ୟରେ ଚଳିତବର୍ଷ ପ୍ରଥମ ଥର ପାଇଁ ୪୫ ଟପିଛି ତାତି। ଗତ ଦୁଇଦିନ ହେଲା ଝାରସୁଗୁଡା ରାଜ୍ୟର ଉତପ୍ତ ସହର ପାଲଟିଛି। ଆଜି ଝାରସୁଗୁଡାରେ ସର୍ବୋଚ୍ଚ ତାପମାତ୍ରା ୪୫.୪ ଡିଗ୍ରୀ ରେକର୍ଡ କରାଯାଇଛି। ଆଜି ରେକର୍ଡ ଝାରସୁଗୁଡାରେ ସର୍ବୋଚ୍ଚ ତାପମାତ୍ରା ରେକର୍ଡ ହୋଇଥିଲା ବେଳେ ଏହା ପଛକୁ ସମ୍ବଲପୁର ୪୩, ହୀରାକୁଦ ୪୨.୪, ରାଉରକେଲା ୪୨, କେନ୍ଦୁଝର ୩୮.୩, ଚନ୍ଦବାଲି ୩୮.୨, ବାଲେଶ୍ୱର ୩୭, ଭୁବନେଶ୍ୱର ୩୬ ରହିଛି।



ତେବେ ମଙ୍ଗଳବାରଠାରୁ ରାଜ୍ୟରେ ଆହୁରି ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏଥିପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମଙ୍ଗଳବାର ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ଼ ଏବଂ ବଲାଙ୍ଗୀର ଜିଲାକୁ ହିଟୱେଭ ଆଲର୍ଟ ଜାରି କରାଯାଇଛି। ସେହିପରି ବୁଧବାର ପାଇଁ ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, ନୂଆପଡା, ସୋନପୁର ଏ ବୌଦ୍ଧ ଜିଲାକୁ ହିଟୱେଭ ଆଲର୍ଟ ଜାରି କରାଯାଇଥିଲା। ବେଳେ ଗଜପତି, ଗଂଜାମ, ନୟାଗଡ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କଟକ, ଯାଜପୁର, କେନ୍ଦ୍ରାପଡା, ଭଦ୍ରକ ଏବଂ ବାଲେଶ୍ୱର ଜିଲାକୁ ଆର୍ଦ୍ରତା ଅନୁଭବ ହେବା ନେଇ ଆଲର୍ଟ ଜାରି କରାଯାଇଛି।

ପ୍ରବଳ ଖରା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ ଲୋକମାନଙ୍କର ଅସୁସ୍ଥତା ସଂଖ୍ୟା ମଧ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୪୯ ଜଣ ଲୋକ ରୌଦ୍ରତାପଜନିତ କାରଣରୁ ବିଭିନ୍ନ ଡାକ୍ତରଖାନାରେ ଭର୍ତି ହୋଇଛନ୍ତି। ଏଥିରୁ ସମ୍ବଲପୁରରୁ ସର୍ବାଧିକ ୪୦ ଜଣ ରହିଛନ୍ତି। ସେହିପରି ଦେବଗଡ଼ରେ ୬ ଜଣ, ଖୋର୍ଦ୍ଧା, ମୟୂରଭଂଜ ଓ କେନ୍ଦୁଝରରେ ଜଣେ ଲେଖାଏଁ ଡାକ୍ତରଖାନାରେ ଭର୍ତି ହୋଇଛନ୍ତି। ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ଶ୍ରୀ ମିଶ୍ର କହିଛନ୍ତି, ଦେବଗଡ଼ରେ ୬ ଜଣ, ଖୋର୍ଦ୍ଧା, ମୟୂରଭଂଜ ଓ କେନ୍ଦୁଝରରେ ଜଣେ ଲେଖାଏଁ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

# ଝାଡ଼ଖଣ୍ଡରେ ୮ ନକ୍ସଲ ନିପାତ୍

ବୋକାରୋ, ୨୧।୪(ମହାଭାରତ): ଯେବେଠୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଭାରତକୁ ନକ୍ସଲ ମୁକ୍ତ କରିବାକୁ ଘୋଷଣା କରିଛନ୍ତି ସେବେଠାରୁ ମାଓବାଦୀଙ୍କୁ ନିସ୍ତାର ମିଳୁନି। ସବୁଦିନ ମାଓବାଦୀଙ୍କୁ ହତ୍ୟା ସହ ନକ୍ସଲ ଆତ୍ମସମର୍ପଣ କରିଥିବାର ଖବର ମଧ ଆସୁଛି। ଯାହା ଦେଶକୁ ମାଓମୁକ୍ତ କରିବାର ସ୍ୱପ୍ନକୁ ଶକ୍ତି ଦେଉଛି।

ଝାଡ଼ଖଣ୍ଡ ବୋକାରୋ ଜିଲ୍ଲାରେ ଆଜି ସୁରକ୍ଷାବଳ ଓ ନକ୍ସଲଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ଏହି ଏନକାଉଣ୍ଟରରେ ନକ୍ସଲଙ୍କୁ ବଡ଼ ଧରଣ ଆଘାତ ଲାଗିଛି। ଉଭୟପଟରୁ ହୋଇଥିବା



## ୪ ହାର୍ଡକୋର ମାଓ ନେତା ନିହତ

ଗୁଳିବିନିମୟରେ ୮ ଜଣ ନକ୍ସଲ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଦୁର୍ଦ୍ଦାନ୍ତ ନକ୍ସଲ ନେତା ପ୍ରୟାଗ ମାଁଝୀ ଥିବାର ଜଣାପଡିଛି। ମାଁଝୀ ମୁଣ୍ଡରେ ୧ କୋଟି ଟଙ୍କାର ପୁରସ୍କାର ଥିଲା। ବୋକାରୋ ଜିଲ୍ଲା ଲୁଗୁ ପାହାଡ ତଳେ ସକାଳେ ନକ୍ସଲ ଓ ସୁରକ୍ଷା କର୍ମୀ ମୁହାଁ ମୁହିଁ ହୋଇଥିଲେ।

ବିହାର ଜାଗେଶ୍ୱର ଥାନା ଲୁଗୁ ପାହାଡ଼ ତଳ ଲାଲପାନୀରେ ନକ୍ସଲମାନେ ଏକତ୍ରୀତ ହୋଇଥିବାର ପୂର୍ବରୁ ପୋଲିସକୁ ସୂଚନା ମିଳିଥିଲା। ସେହି ଅନୁସାରେ ଝାଡ଼ଖଣ୍ଡ ପୋଲିସ, ସିଆରପିଏଫ ଓ ଝାଡଖଣ୍ଡ ଜାଗୁଆର ଟିମ୍ ମିଳିତ ଅପରେଶନ ଆରମ୍ଭ କରିଥିଲେ। ସୁରକ୍ଷାବଳଙ୍କୁ ଅତି ନିକଟରେ ଦେଖି ନକ୍ସଲ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲେ। ଉଭୟପଟରୁ ହୋଇଥିବା ଗୁଳି ବିନିମୟରେ ଅନେକ ନକ୍ସଲ ପ୍ରାଣ ହରାଇଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ୮ ଜଣ ନକ୍ସଲଙ୍କ ଶବ ଜବତ ହୋଇଥିବା ବେଳେ ଘଟଣା ସ୍ଥଳରୁ ସୁରକ୍ଷା ବଳ ଏକେ-୪୭, ଏସଏଲଆର ବନ୍ଧୁକ ସମେତ ବିପୁଳ ପରିମାଣରେ ବିସ୍ଫୋରକ ମିଳିଛି।

ଏହି ଏନକାଉଣ୍ଟରରେ କେତେକ ବଡ଼ ନକ୍ସଲ କମାଣ୍ଡର ମଧ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଇନାମୀ ନକ୍ସଲ କମାଣ୍ଡର ପ୍ରୟାଗ ମାଁଝୀ ସମେତ ଅରବିନ୍ଦ ଯାଦବ, ସାହେବରାମ ମାଁଝୀ ଆଦି ମଧ ଅଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରୟାଗ ଉପରେ ୧ କୋଟି ଟଙ୍କାର ପୁରସ୍କାର ଥିବା ବେଳେ ଅରବିନ୍ଦ ଲାଗି ୨୫ଲକ୍ଷ ଟଙ୍କା ଓ ସାହେବରାମ ଉପରେ ୧୦ଲକ୍ଷ ଟଙ୍କାର ପୁରସ୍କାର ଥିଲା। ଏହି ଏନକାଉଣ୍ଟରରେ ପ୍ରାଣ ହରାଇଥିବା ଅନ୍ୟ ନକ୍ସଲଙ୍କ ମଧ୍ୟରେ ମହେଶ ମାଁଝୀ ଓରଫ ମୋଟା, ତାଲୁ, ରାଜୁ ମାଁଝୀ, ଗଙ୍ଗାରାମ ଓ ମହେଶ ଭାବେ ଚିହ୍ନଟ କରାଯାଇଛି।

ସୁରକ୍ଷା ବଳଙ୍କ ଅନୁସାରେ ପ୍ରୟାଗ ମାଁଝୀ ଜଣେ ଦୁର୍ଦ୍ଦାନ୍ତ ନକ୍ସଲ କମାଣ୍ଡର ଥିଲା। ସେ ପୂର୍ବରୁ ସୁରକ୍ଷା ବଳଙ୍କ ଉପରେ ହୋଇଥିବା ଅନେକ ଆକ୍ରମଣରେ ସାମିଲ ଥିଲା। ନକ୍ସଲ ସଙ୍ଗଠନରେ ତାକୁ ଉଚ୍ଚ ପଦବୀ ମିଳିଥିଲା। ସୁରକ୍ଷା ବଳ ଦୀର୍ଘ ସମୟରୁ ତାର ସନ୍ଧାନ ନେଉଥିଲେ। ଝାଡଖଣ୍ଡ ସମେତ ପାଖପଡୋଶୀ ରାଜ୍ୟରେ ମଧ ତା ଉପରେ ପୋଲିସ ପୁରସ୍କାର ଘୋଷଣା କରିଥିଲା।

## ମୁର୍ଶିଦାବାଦ ଦଙ୍ଗା ମାମଲାରେ ଝାରସୁଗୁଡ଼ାରୁ ଦୁଇ ଗିରଫ

ଝାରସୁଗୁଡ଼ା, ୨୧।୪(ମହାଭାରତ): ମୁର୍ଶିଦାବାଦ ଦଙ୍ଗା ମାମଲାର ତଦନ୍ତ ପାଇଁ ଝାରସୁଗୁଡ଼ାରେ ପହଞ୍ଚିଥିବା ପଶ୍ଚିମବଙ୍ଗ ଏସଟିଏଫ୍ ୨ ଜଣକୁ ଗିରଫ କରିଛି ।ଗିରଫ ଦୁଇ ଜଣ ହେଉଛନ୍ତି ବାନି ଇଶ୍ରାଇଲ ଓ ସୈଫୁଲ ହକ। ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ ସହ ୪ଟି ୯ ଏମ୍ଏମ୍ ଗୁଳି ଜବତ ହୋଇଛି।

ପ୍ରକୃତରେ ପୋଲିସ ସନ୍ଦେହ କରୁଥିଲା ମୁର୍ଶିଦାବାଦ ହିଂସା ଘଟଣା ଘଟାଇଥିବା ହିଂସାକାରୀ ଝାରସୁଗୁଡ଼ାରେ ଲୁଚିଛନ୍ତି। ଏଥିପାଇଁ ରବିବାର ହିଁ ପଶ୍ଚିମବଙ୍ଗ ଏସଟିଏଫ୍ର ୬ ଜଣିଆ ଟିମ୍ ଝାରସୁଗୁଡ଼ା ବନ୍ଧବାହାଲରେ ପହଞ୍ଚି ଛାନଭିନ କରିଥିଲା। ମୁର୍ଶିଦାବାଦ ଅଞ୍ଚଳରୁ ଝାରସୁଗୁଡ଼ା ଜିଲ୍ଲାରେ କାମ କରୁଥିବା ୨୦ରୁ ଅଧିକ ଶ୍ରମିକଙ୍କୁ ପଚରାଉଚରା କରିଥିଲା। ଅଧିକ ତଥ୍ୟ ପାଇଁ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ଝାରସୁଗୁଡ଼ା ଏସପି ସ୍ମିଥ ପରମାରଙ୍କ ସହ ମଧ ଆଲୋଚନା କରିଥିଲା।

## ପୁତୁରାକୁ ମାରିଲା ଦାଦା

**ପୁରୀ, ୨୧।୪(ମହାଭାରତ):** ଡେଲାଙ୍ଗ ଥାନା ସୂଜନପୁର ପଞ୍ଚାୟତ ଅନ୍ତର୍ଗତ ରତନପୁର ଗ୍ରାମର ନିଖୋଜ ୧୧ ବର୍ଷର ନାବାଳକ ଆଶୀର୍ବାଦ ସାହୁର ମିଳଛି ମୃତଦେହ। ଗତ ୧୫ ତାରିଖ ସନ୍ଧ୍ୟାରୁ ନିଖୋଜ ଥିଲେ। ତେବେ ଘର ପାଖ ପାଇଖାନା ଟାଙ୍କିରୁ ମୃତଦେହ ଉଦ୍ଧାର ହୋଇଛି। ଗଲା ୭ ଦିନ ଧରି ନିଖୋଜ ଥିଲା ରତନପୁର ଗାଁର 'ଆଶୀର୍ବାଦ'। ପଡ଼ୋଶୀଙ୍କ ପାଇଖାନା ଟାଙ୍କିରୁ ମୃତଦେହ ଉଦ୍ଧାର ହୋଇଛି। ଘଟଣାରେ ପଡୋଶୀଙ୍କୁ ଗିରଫ କରାଯାଇଛି।



ହତ୍ୟା ସନ୍ଦେହରେ ଅଭିଯୁକ୍ତ ଦାଦାକୁ ଅଟକ ରଖିଛି ପୋଲିସ। ତେବେ ମୃତଦେହ ଜବତ କରି ପୁରୀ ମୁଖ୍ୟ ଚିକିସ୍ତାଳୟକୁ ପଠାଇଛି ଡେଲାଙ୍ଗ ପୋଲିସ। ଆଶୀର୍ବାଦଙ୍କୁ ଖୋଜିବା ପାଇଁ ୩ଟି ଟିମ ଗଠନ କରିଥିଲା ପୋଲିସ। ସାଇବର ଟିମ ମଧ ତଦନ୍ତ କରୁଥିଲା। ସନ୍ଧନୀ କୁକୁର ସାହାଯ୍ୟରେ ଖୋଜା ଖୋଜି କରିବା ପରେ ୧୮ ତାରିଖରେ ଗ୍ରାମର ପ୍ରଭାକର ସାହୁଙ୍କୁ ଧରିଥିଲା।

# ପୋପ୍ ଫ୍ରାନସିସ୍ଙ୍କ ପରଲୋକ

ଭାଟିକାନ ସିଟି,୨୧।୪(ମହାଭାରତ): କ୍ୟାଥୋଲିକ୍ ଖ୍ରୀଷ୍ଟିଆନଙ୍କ ସର୍ବୋଚ୍ଚ ନେତା ପୋପ୍ ଫ୍ରାସିସଙ୍କ ଇଷ୍ଟର ୮୮ ବର୍ଷ ବୟସରଙ୍କ ପରଲୋକ ହୋଇଛି। ସେ ଭାଟିକାନର କାସା ସାଂତା ମାର୍ଟା ସ୍ଥିତ ନିଜ ଆଧିକାରିକ ନିବାସରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ଅପୋଷ୍ଟୋଲିକ ଚ୍ୟାମ୍ବରର କୈମରଲେଂଗୋ କାର୍ଡିନଲ କେବିନ ଫୈରେଲ କାସା ସାନ୍ତା ମାର୍ଟାରୁ ସକାଳ ୯.୪୫ରେ ପୋପ୍ ଫ୍ରାନ୍ସିସଙ୍କ ମୃତ୍ୟୁର ଘୋଷଣା କରାଯାଇଥିଲା। ତାଙ୍କ ହେହାନ୍ତରେ ବିଶ୍ୱର ସବୁ ଦେଶର ରାଷ୍ଟ୍ରମୁଖ୍ୟ ଶୋକ ପ୍ରକାଶ କରିଛନ୍ତି।



ଭାଟିକାନ ନ୍ୟୁଜ୍ ଅନୁଯାୟୀ ଅପୋଷ୍ଟୋଲିକ ଚ୍ୟାମ୍ବରର କୈମରଲେଂଗୋ କାର୍ଡିନଲ କେବିନ ଫୈରେଲ କହିଛନ୍ତି ଯେ ପ୍ରିୟ ଭାଇ ଏବଂ ଭଉଣୀ ! ମୁଁ ଦୁଃଖର ସହିତ ପବିତ୍ର ପିତା ଫ୍ରାନ୍ସିସଙ୍କ ମୃତ୍ୟୁର ଘୋଷଣା କରୁଛି। ବିଶପ ଫ୍ରାନ୍ସିସ ଆଜି ସକାଳ ୭.୩୫ରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ପୂରା ଜୀବନ ପ୍ରଭୁ ଏବଂ ଚର୍ଚ୍ଚର ସେବା ପାଇଁ ସମର୍ପିତ ରହିଥିଲା। ସେ ଆମକୁ ନିଷ୍ଠା, ସାହସ ଏବଂ ସାର୍ବଭୌମିକ ପ୍ରେମ ସହିତ ନୈତିକ ମୂଲ୍ୟ ସହିତ ଜୀବନ ଶିଖାଇଛନ୍ତି। ତାଙ୍କୁ ପ୍ରଭୁ ଯୀଶୁଙ୍କ ସଚ୍ଚା ଶିଷ୍ୟ ରୂପେ ଅପାର କୃତଜ୍ଞତା ସହିତ ସବୁବେଳେ ମନେରଖାଯିବ। ପୋପ

ଫ୍ରାନ୍ସିସଙ୍କ ଆତ୍ମାକୁ ତ୍ରିଦେବ ଈଶ୍ୱରଙ୍କ ଅସୀମ ଦୟାଳୁ ପ୍ରେମ ପାଇଁ ସମର୍ପିତ କରାଯାଉଛି।

ତାଙ୍କର ଉଭୟ ଫୁସଫୁସରେ ନିମୋନିଆ ହୋଇଥିଲା, ଯାହା ଯୋଗୁଁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିଲା। ସେ ବହୁତ ଦିନ ଧରି ଡାକ୍ତରଖାନାରେ ଥିଲେ। ୩୮ଦିନ ଧରି ହସ୍ପିଟାଲରେ ରହିବା ପରେ କିଛି ଦିନ ତଳେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା। ହେଲେ ସୋମବାର ତାଙ୍କର ସ୍ୱାସ୍ଥ୍ୟବସ୍ଥ ବିଗିଡ଼ିବା ସହ ନିଜ ବାସଭବନ କାସା ସାଣ୍ଟ ମାର୍ଟାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଇଷ୍ଟର ଅବସରରେ ରବିବାର ଦିନ ପୋପ୍ ଫ୍ରାନ୍ସିସ୍ ସେଣ୍ଟ ପିଟର୍ସ ସ୍କୋୟାରରେ ୩୫ହଜାର ଲୋକଙ୍କ ଅଭିବାଦନକୁ ହାତ ହଲାଇ ଗ୍ରହଣ କରିଥିଲେ ବୋଲି କୁହାଯାଉଛି। ଲ ସେ ରୋମାନ କ୍ୟାଥୋଲିକ ଚର୍ଚ୍ଚର ପ୍ରଥମ ଲାଟିନ ଆମେରିକୀୟ ପାଦ୍ରୀ ଥିଲେ। ପୋପ୍ ଆର୍ଜେଣ୍ଟିନାରେ ଜନ୍ମଗ୍ରହଣ କରିଥିଲେ ଏବଂ ତାଙ୍କ ନାମ ଥିଲା ଜର୍ଜମାରିଓ ବେର୍ଗୋଲିଓ। ସେ ୨୦୧୩ ମସିହାରୁ ଏହି ପଦବୀ ସମ୍ଭାଳିଆସୁଥିଲେ। ପୋପ୍ ଷୋଡ଼ଷ ବେନେଡିକ୍ଟଙ୍କ ଇସ୍ତଫା ପରେ ସେ ଏହି ପଦବୀ ଗ୍ରହଣ କରିଥିଲେ।

# ବିଜେଡିରେ କମିଟି ଗଠନକୁ ନେଇ କସରତ

ଭୁବନେଶ୍ୱର, ୨୧।୪(ମହାଭାରତ): ବିଜେଡିରେ କମିଟି ଗଠନକୁ ନେଇ ଆରମ୍ଭ ହୋଇଛି କସରତ। ଆଜି ନବୀନ ନିବାସରେ ବିଜେଡି ସଭାପତିଙ୍କୁ ଭେଟି ଏନେଇ ଆଲୋଚନା କରିଛନ୍ତି ଦଳର ବରିଷ୍ଠ ନେତା। ୨୪ ନିର୍ବାଚନରେ ଦଳର ପରାଜୟକୁ ନେଇ ଏକାଧିକ ନେତା ଗଣମାଧମ ଆଗରେ ଖୋଲାଖୋଲି ନିଜର ଅସନ୍ତୋଷ ଜାହିର କରିଥିଲେ। ସେମାନଙ୍କ ଭିନ୍ନ ଭିନ୍ନ ବକ୍ତବ୍ୟ ଦଳ ପାଇଁ ଅଡୁଆ। ପରିସ୍ଥିତି ସୃଷ୍ଟି କରିଥିଲା। ଏସବୁ ନେତାଙ୍କୁ ଯଦି ବିଭିନ୍ନ କମିଟିରୁ ବାହାର କରାଯାଏ ତାହେଲେ ଆଗକୁ ବିଦ୍ରୋହ ସୃଷ୍ଟି ହୋଇପାରେ ତେଣୁ କାହାକୁ ନକାଟି, ସବୁ ନେତାଙ୍କୁ କମିଟିରେ ସାମିଲ କରିବା ଲାଗି ଆଜିର ବୈଠକରେ ବିଜେଡିର ବରିଷ୍ଠନେତା ମାନେ ନବୀନଙ୍କ ଆଗରେ ଦାବି ରଖିଛନ୍ତି।

କମିଟି ଗଠନକୁ ନେଇ ବିଜେଡିରେ କସରତ ବଡ ବିଦ୍ରୋହ ରୋକିବାକୁ ଆରମ୍ଭ ହୋଇଛି। ପ୍ରୟାସ କୌଣସି ନେତାଙ୍କୁ କମିଟିରୁ ବାଦ ନଦେବାକୁ ଦାବି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଜେଡି ସଭାପତି ଭାବେ ନିର୍ବାଚିତ ହେବା ପରେ ଆଜି ନବୀନ ନିବାସ ଯାଇ ସଭାପତିଙ୍କୁ ଭେଟି ଏଭଳି ଦାବି କରିଛନ୍ତି। ସମନ୍ୱୟ କମିଟି ଅଧକ୍ଷ ଦେବୀ ମିଶ୍ର, ପ୍ରତାପ ଦେବ, ଅରୁଣ ସାହୁ, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନା ଏବଂ ପ୍ରଣବ ପ୍ରକାଶ ଦାସ ପ୍ରମୁଖ। ଏହି ନେତାମାନେ ନବୀନଙ୍କୁ ଭେଟି ପ୍ରାୟ ୧ ଘଣ୍ଟା କାଳ ସଙ୍ଗଠନ ସମ୍ପର୍କରେ ଆଲୋଚନା କରିଥିଲେ ।

# ଭାରତରେ ଆମେରିକା ଉପରାଷ୍ଟ୍ରପତି



**ନୂଆଦିଲ୍ଲୀ,୨୧।୪(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆମେରିକାର ଉପରାଷ୍ଟ୍ରପତି ଜେ. ଡି. ଭାନ୍ସ, ଦ୍ୱିତୀୟ ମହିଳା ଶ୍ରୀମତୀ ଉଷା ଭାନ୍ସ, ସେମାନଙ୍କ ସନ୍ତାନ ଏବଂ ଆମେରିକା ପ୍ରଶାସନର ବରିଷ୍ଠ ସଦସ୍ୟଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି।

ପ୍ରଧାନମନ୍ତ୍ରୀ ଫେବୃଆରୀରେ ତାଙ୍କର ୱାଶିଂଟନ୍ ଡିସି ଗସ୍ତ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ତାଙ୍କର ଫଳପ୍ରଦ ଆଲୋଚନାକୁ ସ୍ମରଣ କରିଥିଲେ। ଏହା ମେକ୍ ଆମେରିକା ଗ୍ରେଟ୍ ଏଗେନ୍ (ଏମଏଜିଏ) ଏବଂ ବିକଶିତ ଭାରତ ୨୦୪୭ର ଶକ୍ତିକୁ ଉପଯୋଗ କରି ଭାରତ ଏବଂ ଆମେରିକା ମଧ୍ୟରେ ଘନିଷ୍ଠ ସହଯୋଗ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିଥିଲା। ପ୍ରଧାନମନ୍ତ୍ରୀ ଏବଂ ଉପରାଷ୍ଟ୍ରପତି ଭାନ୍ସ ଦ୍ୱିପାକ୍ଷିକ ସହଯୋଗର ବିଭିନ୍ନ କ୍ଷେତ୍ରରେ ଅଗ୍ରଗତିର ସମୀକ୍ଷା ଏବଂ ସକାରାତ୍ମକ ମୂଲ୍ୟାଙ୍କନ କରିଥିଲେ। ଦୁଇ ଦେଶର ଲୋକଙ୍କ କଲ୍ୟାଣ ଉପରେ ଧ୍ୟାନ କେନ୍ଦ୍ରିତ କରି ପାରସ୍ପରିକ ଲାଭପ୍ରଦ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ପାଇଁ ଆଲୋଚନାରେ ଉଲ୍ଲେଖନୀୟ ଅଗ୍ରଗତିକୁ ସେମାନେ ସ୍ୱାଗତ କରିଥିଲେ। ସେହିଭଳି, ଶକ୍ତି, ପ୍ରତିରକ୍ଷା, ରଣନୀତିକ ପ୍ରଯୁକ୍ତି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗ ବୃଦ୍ଧି ଦିଗରେ ନିରନ୍ତର ପ୍ରୟାସ ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ।

ଭେନ୍ସ ଏମିତି ସମୟରେ ଭାରତ ଗସ୍ତରେ ଆସିଛନ୍ତି, ଯେତେବେଳେ କିଛି ଦିନ ପୂର୍ବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସହିତ ପାଖାପାଖି ୬୦ ଦେଶ ଉପରେ ଟାରିଫ ବଢାଇବା ପରେ ଏହାକୁ ସ୍ଥଗିତ ରଖିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପୂର୍ବରୁ ଜେଡି ଭେନ୍ସ ପତ୍ନୀ ଉଷା ଚିଲୁକୁରୀ ଓ ତିନି ସନ୍ତାନଙ୍କ ସହ ଦିଲ୍ଲୀ ସ୍ଥିତ ଅକ୍ଷରଧାମ ମନ୍ଦିର ଦର୍ଶନ କରିଛନ୍ତି। ସେଠାରେ ଭେନ୍ସ ଦମ୍ପତି ଚାରି ଘଣ୍ଟା ସମୟ ବିତାଇଛନ୍ତି । ଏହି ସମୟରେ ତାଙ୍କ ତିନି ସନ୍ତାନ ପାରମ୍ପରିକ ଭାରତୀୟ ପୋଷାକ ପରିଧାନ କରିଥିଲେ ।

# ଡାଇନିଂ ଟେବୁଲରେ ପୂର୍ବତନ ଡିଜିପିଙ୍କୁ ହତ୍ୟା କରିଥିଲେ ପତ୍ନୀ

ବେଙ୍ଗାଲୁରୁ,୨୧।୪: କର୍ଣ୍ଣାଟକର ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଓମ ପ୍ରକାଶଙ୍କ ହତ୍ୟା ମାମଲା ପତ୍ନୀଙ୍କୁ ଗିରଫ କରିଛି ପୋଲିସ। ଓମ ପ୍ରକାଶଙ୍କୁ ଡାଇନିଂ ଟେବୁଲରେ ମଧାହ୍ନ ଭୋଜନ କରୁଥିବା ସମୟରେ ଛୁରି ଭୁସି ହତ୍ୟା କରାଯାଇଥିଲା।

ରିପୋର୍ଟରେ କୁହାଯାଇଛି ଯେ ଓମ ପ୍ରକାଶ ଏବଂ ତାଙ୍କ ପତ୍ନୀଙ୍କ ମଧ୍ୟରେ ଜମି ଜାଗା ସମ୍ପତ୍ତିକୁ ନେଇ ବିବାଦ ହୋଇଥିଲା। ଓମ ପ୍ରକାଶ ସେହି ସମ୍ପତ୍ତି ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଦେଇଥିଲେ, ଯେଉଁଥିପାଇଁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ଝଗଡ଼ା ଏତେ ବଢ଼ିଗଲା ଯେ ମାରପିଟ ଆରମ୍ଭ ହୋଇଗଲା ଏବଂ ସନ୍ଦେହ କରାଯାଉଛି ଯେ ପତ୍ନୀ ହିଁ ତାଙ୍କୁ ହତ୍ୟା କରିଛନ୍ତି। ଝଗଡ଼ା ସମୟରେ ତାଙ୍କ ପତ୍ନୀ ତାଙ୍କ ଉପରେ ଲଙ୍କାଗୁଣ୍ଡ ପକାଇଥିଲେ, ତାଙ୍କୁ ବାନ୍ଧିଥିଲେ ଏବଂ ତାପରେ ଛୁରୀରେ ଆକ୍ରମଣ କରି ହତ୍ୟା କରିଥିଲେ। ୬୮ ବର୍ଷୀୟ ଓମ ପ୍ରକାଶଙ୍କ ଉପରେ କାଚ ବୋତଲରେ ମଧ ଆକ୍ରମଣ କରାଯାଇଥିଲା। ପୋଲିସ ଏବେ ଏହା ମଧ ତଦନ୍ତ କରୁଛି ଯେ ତାଙ୍କ ଝିଅ ମଧ ଏହି ଘଟଣାରେ ସାମିଲ ଥିଲେ କି ନାହିଁ ଓମ ପ୍ରକାଶଙ୍କ ପୁତ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



ସୂତ୍ର ଅନୁସାରେ, ପ୍ରାରମ୍ଭିକ ପଚରାଉଚରା ସମୟରେ ପଲ୍ଲବୀ ଦାବି କରିଥିଲେ ଯେ ସେ ଆତ୍ମରକ୍ଷା ପାଇଁ ଓମ ପ୍ରକାଶଙ୍କୁ ହତ୍ୟା କରିଛନ୍ତି। ସେ କଥିତ ରୂପେ ଅଭିଯୋଗ କରିଥିଲେ ଯେ ତାଙ୍କ ସ୍ୱାମୀ ଘରେ ସବୁବେଳେ ଏକ ବନ୍ଧୁକ ସାଙ୍ଗରେ ରଖି ବୁଲୁଥିଲେ। ଏମନକି ଛୋଟ ଝଗଡ଼ା ସମୟରେ ମଧ ସେ ବନ୍ଧୁକ ଦେଖାଇ ଗୁଳି ମାରିବାକୁ ଧମକ ଦେଉଥିଲେ ବୋଲି ପଲ୍ଲବୀ ଅଭିଯୋଗ କରିଥିବା ସୂତ୍ର କହିଛି।

ତଦନ୍ତ ସହ ସୂତ୍ରରୁ ଜଣାପଡିଛି ଯେ ରବିବାରର ଝଗଡ଼ା ସମୟରେ ଓମ ପ୍ରକାଶ ପ୍ରଥମେ ହିଂସାତ୍ମକ ହୋଇଥିଲେ ଏବଂ ପୁଣି ତାଙ୍କୁ ବନ୍ଧୁକ ଦେଖାଇ ଧମକ ଦେଇଥିଲେ, ଯେତେବେଳେ ସେ ଛୁରୀରେ ଆଘାତ କରିଥିଲେ ବୋଲି ପଲ୍ଲବୀ ଘଟଣା ପରେ ପୋଲିସକୁ ସୂଚନା ଦେଇଥିବା କୁହାଯାଇଛି।

ସେ ମାଡିୱାଲା ସହକାରୀ ପୋଲିସ ଆୟୁକ୍ତଙ୍କ ଉପସ୍ଥିତିରେ ପୋଲିସ ପଚରାଉଚରା ସମୟରେ ଏହି ବୟାନ ଦେଇଥିଲେ

ତଥାପି, ସୂତ୍ର ପ୍ରକାଶ କରିଛି ଯେ ଓମ ପ୍ରକାଶ କଥିତ ରୂପେ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ଅନେକ ଥର ଜଣାଇଥିଲେ ଯେ ସେ ତାଙ୍କ ପତ୍ନୀଙ୍କ ଦ୍ୱାରା ନିର୍ଯାତନାକୁ ସହ୍ୟ କରିପାରୁ ନାହାନ୍ତି। ପତ୍ନୀ ସିଜୋଫର୍ଣିଆ ରୋଗରେ ପଡ଼ିତ ହୋଇ ଚିକିସାଧୀନ ଅଛନ୍ତି।

## ପ୍ରସ୍ତୁତ କରନ୍ତୁ ଚକଲେଟ



ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କୁ ଚକଲେଟ ପସନ୍ଦ ହୋଇଥାଏ। ତେଣୁ କରୋନା ପାଇଁ ବାହାରକୁ ବାହାରି ହେଉନାହିଁ। ଏଣୁ ଘରେ ରହି ମଧ୍ୟ ଆସନ୍ତୁ ଆଜି ପ୍ରସ୍ତୁତ କରିବା ଚକଲେଟ।

ଆବଶ୍ୟକୀୟ ସାମଗ୍ରୀ : ଲୁଣ ନଥିବା ବଟର , ଆଇସିଙ୍ଗ ସୁଗାର, ଭାନିଲା ଇସେନ୍ସ, କୋକୋ ପାଉଡ଼ର, ମିଲ୍କି ପାଉଡ଼ର,ଆଲମଣ୍ଡ ଖଣ୍ଡ , ଗୁଆ ଘିଅ।

ପ୍ରସ୍ତୁତି ପ୍ରଣାଳୀ : ଗ୍ୟାସ ଅନ କରି ସେଥିରେ ଏକ ପାତ୍ର ବସାନ୍ତୁ। ଅଳ୍ପ ଗୁଆ ଘିଅ ପକାନ୍ତୁ ସେଥିରେ ଖଣ୍ଡ ଆଲମଣ୍ଡ ପକାଇ ଧୀରେ ଧୀରେ ଭାଜନ୍ତୁ। ଟିକେ କଲର ହେବା ପରେ ତାକୁ ଗାଢି ଦିଅନ୍ତୁ। ଚିନି ଗୁଣ୍ଡ , କୋକୋ ପାଉଡ଼ର , ମିଲକି ପାଉଡ଼ର ଆଦିକୁ ଭଲ ଭାବେ ଏକ ଚଲାରେ ଚଲେଇ ଦିଅନ୍ତୁ। ଯାହା ଦ୍ୱାରା ଏଥିରେ ଥିବା ଖଦଡ଼ା ଅଂଶ ଅଲଗା ହୋଇଯିବ। ଏକ ପାତ୍ର ନିଅନ୍ତୁ ଏବଂ ସେଥିରେ କିଛି ବଟର ପକାନ୍ତୁ। ବଟର ମେଲଟ ହେଲା ପରେ ଚିନି ଗୁଣ୍ଡକୁ ପକାନ୍ତୁ। ଭଲ ଭାବରେ ମିଶିଗଲା ଦୁଇ ବୁଧା ଭାନିଲା , ମିଲକି ପାଉଡ଼ର ଏବଂ କୋକ ପାଉଡ଼ରକୁ ପକାଇ ଭଲ ଭାବେ ମିଶାନ୍ତୁ। ଭଲ ଭାବେରେ ମିଶିଗଲା ପରେ ଏଥିରେ ବାଦାମ ଖଣ୍ଡ ପକାଇ ଦିଅନ୍ତୁ। ଏହ ପରେ ଏହି ମିଶ୍ରଣକୁ ଚକଲେଟ ଛାଞ୍ଚରେ ପକାନ୍ତୁ। ଏହାକୁ ଫ୍ରିଜରେ ରଖନ୍ତୁ। ଦୁଇ ଘଣ୍ଟା ପର୍ଯ୍ୟନ୍ତ ଏହାକୁ ରଖନ୍ତୁ। ଚକଲେଟ ସେଟ ହୋଇଗଲା ପରେ ଏହାକୁ ଛାଞ୍ଚରୁ ବାହାର କରନ୍ତୁ। ପ୍ରସ୍ତୁତ ହୋଇଗଲା ଚକେଲଟ।

### ····· ପରଦା ଖବର ·····

# ଏଲନ ମସ୍କଙ୍କ ମା'ଙ୍କ ସହିତ ସିଦ୍ଧିବିନାୟକ ମନ୍ଦିର ଗଲେ ଜାକ୍ଲିନ

ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଭାବେ ଜଣାଶୁଣା ଏଲନ ମସ୍କଙ୍କ ମା' ମେୟ ମସ୍କଙ୍କ ସହ ମନ୍ଦିର ଗଲେ ବଲିଉଡ ଅଭିନେତ୍ରୀ ଜାକଲିନ୍ ଫର୍ଣ୍ଣାଣ୍ଡିଜ୍। ରବିବାର ସେ ତାଙ୍କ ଇଷ୍ଟର ମୁମ୍ବାଇର ସିଦ୍ଧିବିନାୟକ ମନ୍ଦିରରେ ବିତାଇଥିଲେ। ଏହି ସମୟରେ ସେ ଏଲନ ମସ୍କଙ୍କ ମା' ମେୟ ମସ୍କଙ୍କ ସହିତ ନଜର ଆସିଥିଲେ। ଏବେ ଏହି ସମୟର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଜ୍ୟାକଲିନ୍, ଏକ ହଳଦିଆ ରଙ୍ଗର ସାଲୱାର୍ ସୁଟ୍ ପିନ୍ଧିଥିବା ବେଳେ ମୁଣ୍ଡରେ ଏକ ଓଣୀ ପକାଇଛନ୍ତି। ଏହା ସହ ମେୟ ମସ୍କ ଏକ ପ୍ରିଣ୍ଟେଡ୍ ହଳଦିଆ ସୁଟ୍ ପିନ୍ଧିଛନ୍ତି। ଦୁହେଁ ପ୍ରାର୍ଥନା କରୁଥିବା ଏବଂ ପୁରୋହିତଙ୍କଠାରୁ ଆଶୀର୍ବାଦ ନେଉଥିବାର ଫଟୋ ଏବେ ଭାଇରାଲ ହେଉଛି।ସୂଚନା ମୁତାବକ, ଏଲନ ମସ୍କଙ୍କ ମା' ବର୍ତ୍ତମାନ ତାଙ୍କ ପୁସ୍ତକ- 'ଏ ଓମ୍ୟାନ୍ ମେକ୍ସ ଏ ପ୍ଲାନ୍'ର ହିନ୍ଦୀ ସଂସ୍କରଣ ଉନ୍ମୋଚନ କରିବା ପାଇଁ ଭାରତରେ ଅଛନ୍ତି। ମନ୍ଦିର ପରିଦର୍ଶନ ନେଇ ଜାକଲିନ୍ କହିଛନ୍ତି, ମୋର ପ୍ରିୟ ବନ୍ଧୁ ମେୟଙ୍କ ସହ ମନ୍ଦିରରେ ଆଶୀର୍ବାଦ ନେବା ଏକ ସୁନ୍ଦର ଅନୁଭୂତି ଥିଲା, ଯିଏ ତାଙ୍କ ପୁସ୍ତକର ଉନ୍ମୋଚନ ପାଇଁ ଭାରତ ଆସିଛନ୍ତି। ମେୟଙ୍କ ପୁସ୍ତକ ଜଣେ ମହିଳାଙ୍କ ଦୃଢ଼ତାର କାହାଣୀ ଉପରେ ଆଧାରିତ। ଏହା ମୋତେ ବହୁତ କିଛି ଶିଖାଇଛି।ମା'ଙ୍କୁ ହରାଇବା ପରେ ଜାକଲିନ୍ ପ୍ରଥମ କରି ନଜର ଆସିଛନ୍ତି। ତାଙ୍କ ମା'



କିମ୍ ଫର୍ଣ୍ଣାଣ୍ଡିଜ୍‌ଙ୍କୁ ଷ୍ଟୋକ୍ ହେବା ପରେ ମାର୍ଚ୍ଚ ୨୪ ତାରିଖରେ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଏହା ପରେ ଏପ୍ରିଲ ୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ବାହାରିନର ମନାମାରେ ରହୁଥିବା କିମ୍ ପୂର୍ବରୁ ୨୦୨୨ମସିହାରେ ସମାନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଏବଂ ପରେ ତାଙ୍କୁ ବାହାରିନର ଏକ ହସ୍ପିଟାଲରେ ମଧ୍ୟ ଭର୍ତ୍ତି କରାଯାଇଥିଲା।

## ଗୋଲାପ ଚା' ପିଇଲେ ଚମକିବ ତ୍ୱଚା ,କମିବ ଓଜନ



ତ୍ୱଚାର ଚମକ ପାଇଁ ଆପଣ ନିଜ ସ୍କିନ୍ ରୁଟିନରେ ଗୋଲାପ ଜଳ ପ୍ରୟୋଗ କରନ୍ତି। ଗୋଲାପ ଜଳରୁ ତ୍ୱଚାକୁ ଅତ୍ୟଧିକ ଲାଭ ମିଳିଥାଏ। ତ୍ୱଚାରେ ଗୋଲାପ ଲଗାଇବାର ତ ଅନେକ ଫାଇଦା ରହିଛି କିନ୍ତୁ ଯଦି ଆପଣ ଏହାକୁ ଖାଇବା ପାଇଁ ବ୍ୟବହାର କରୁଛନ୍ତି ତେବେ ମଧ୍ୟ ଆପଣଙ୍କୁ ଭରପୂର ଫାଇଦା ମିଳିଥାଏ। ଗୋଲାପ ଖାଇବା ଦ୍ୱାରା ଆପଣଙ୍କୁ ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଲାଭ ହୋଇପାରେ। ଆମେ ସାଧାରଣତଃ ଗୋଲାପ ଜଳକୁ କସମେଟିକ୍ ରୂପକୁ ବ୍ୟବହାର କରିଥାଉ। କିନ୍ତୁ ଆଜି ଆମେ ଆପଣଙ୍କୁ ଗୋଲାପ ଚା' ବିଷୟରେ କହିବାକୁ ଯାଉଛୁ। ଗୋଲାପ ଚା' ଦ୍ୱାରା ଆପଣଙ୍କ ଶରୀରକୁ ଅନେକ ଲାଭ ମିଳିଥାଏ। ଓଜନ କମଠୁ ନେଇ ତ୍ୱଚାରେ ଚମକ ଆଣିବାର କାମ କରୁଥିବା ଏହି ଚା ଅତ୍ୟନ୍ତ ଲାଭଦାୟକ ହୋଇଥାଏ।

# କାକୁଡି ଓ ଟମାଟୋ ମିଶେଇ ଖାଇବା ବିପଦ !

କାକୁଡି ଓ ଟମାଟୋ ବିନା ସାଲାଡ଼ର କଳ୍ପନା ମଧ୍ୟ କରାଯାଇ ପାରିବ ନାହିଁ। ଶରୀର ପାଇଁ ସାଲାଡ଼ ବହୁତ ହିତକର ବିଶେଷକରି ଗରମ ଦିନରେ ସାଲାଡ଼ ବହୁତ ଉପାଦେୟ। ପ୍ରତିଦିନ ଭୋଜନରେ ସାଲାଡ଼ ଖାଇଲେ ଶରୀର ସୁସ୍ଥ ରହେ। ତେବେ ଆପଣ ଜାଣିଛନ୍ତି ସାଲାଡ଼ର ପ୍ରଭାବ ପାଚନ ତନ୍ତ୍ର ଉପରେ ମଧ୍ୟ ପଡିପାରେ। ସାଲାଡ଼ରେ କାକୁଡି, ପିଆଜ, ଟମାଟୋ, ମୂଳା ଆଦି ମିଶ୍ରଣ ଆକର୍ଷଣୀୟ ହୋଇଥାଏ। କିନ୍ତୁ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏହା ହାନିକାରକ ବିଶେଷଜ୍ଞଙ୍କ କହିବାନୁଯାୟୀ, କାକୁଡିର ପୋଷାକ ତତ୍ୱ ରହିଛି। ଯାହା ଶରୀରକୁ ହାଇଡ୍ରେଟେଡ଼ ରଖିଥାଏ। କାକୁଡିରେ ଏମିତି ଏକ ଗୁଣ ମଧ୍ୟ ରହିଛି। ଯାହା ଭିଟାମିନ-ସି ଅବଶୋଷଣ ସହ ହସ୍ତକ୍ଷେପ କରିଥାଏ। ସେଥିପାଇଁ ଟମାଟୋ ଓ କାକୁଡିକୁ ଏକାସଙ୍ଗେ ଖାଇବାକୁ ବାରଣ କରାଯାଇଥାଏ। ଟମାଟୋ ଓ କାକୁଡି ଅଲଗା ଅଲଗା ଭାବେ ହଜମ ହୋଇଥାଏ। ଯେଉଁଥିପାଇଁ ମିଶେଇ ଖାଇବାକୁ ବାରଣ କରାଯାଇଥାଏ। ବିଶେଷଜ୍ଞଙ୍କ ଅନୁଯାୟୀ, କାକୁଡି ଓ ଟମାଟୋ ଏକାସଙ୍ଗେ ଖାଇଲେ ଏସିଡ ଫରମେସନ ଓ ବ୍ଲୋଟିଙ୍ଗ୍‌ର କାରଣ ହୋଇଥାଏ।



ପାଚନ କ୍ରିୟା ସମୟରେ ପ୍ରତ୍ୟେକ ଖାଦ୍ୟ ଭିନ୍ନ ଭିନ୍ନ ଭାବେ ରିଆକ୍ଟ କରିଥାଏ। କିଛି ଆହାର ସହଜରେ ହଜମ ହୋଇଯାଇଥାଏ। କିନ୍ତୁ ଆଉ କିଛି ଆହାର ହଜମ ହେବାକୁ ବହୁତ ଅଧିକ ସମୟ ନେଇଥାନ୍ତି। ଦୁଇଟି ଆହାରର ମିଶ୍ରଣ ମଧ୍ୟ ହଜମ ହେବାକୁ ଅଲଗା ଅଲଗା ସମୟ ନେଇଥାଏ। ଏହାଦ୍ୱାରା ପେଟରେ ଯନ୍ତ୍ରଣା, ଗ୍ୟାସ, ଥକାପଣ ଦେଖାଦେଇଥାଏ।

ସାଲାଡ଼, ସୁପ, ମିଠା, ତରକାରୀ ଆଦି ରୋଷେଇ କରିବା ସମୟରେ ବିଭିନ୍ନ ପ୍ରକାର ପନିପରିବା ମିଶ୍ରଣ କରାଯାଇଥାଏ। କିନ୍ତୁ କାକୁଡି ଓ ଟମାଟୋର ମିଶ୍ରଣ ଅଧିକ ସମୟରେ ମେଟାବୋଲିକ ସ୍ତର କମ କରିବାର କାରଣ ହୋଇଥାଏ। ସାଲାଡ଼ରେ ମିଶ୍ରଣ ହୋଇଥିବା ସମସ୍ତ ପରିବା ହଜମ ହେବା ପାଇଁ ଅଲଗା ଅଲଗା ସମୟ ନେଇଥାଏ। କିଛି ସହଜରେ ହଜମ ହୋଇଯାଇଥିବା ବେଳେ ଆଉ କିଛି ଶରୀରରେ ଅଧିକ ସମୟ ଯାଏଁ ରହିଥାଏ। କାକୁଡିରେ ଅଧିକ ମାତ୍ରାରେ ଜଳୀୟ ଅଂଶ ଥିବାରୁ ପେଟ ପାଇଁ ହାଲୁକା ପ୍ରମାଣିତ ହୋଇଥାଏ ଏବଂ ହଜମ ହେବାପାଇଁ କମ୍ ସମୟ ନେଇଥାଏ। କିନ୍ତୁ ଟମାଟୋ ଓ ଟମାଟୋ ମଞ୍ଜି ହଜମ ହେବାକୁ ଅଧିକ ସମୟ ନେଇଥାଏ। ସେଥିପାଇଁ ଏହିଭଳି ଦୁଇଟି ପରିବାକୁ ମିଶାଇ ଖାଇବା ଦ୍ୱାରା ଫର୍ମେଣ୍ଟେସନ ପ୍ରକ୍ରିୟାରେ ଗ୍ୟାସ ଓ ତରଳ ପଦାର୍ଥ ନିର୍ଗତ ହୋଇଥାଏ। ଯାହାଫଳରେ ଅନେକ ରୋଗ ହେବାର ଆଶଙ୍କା ଥାଏ। ଏହା ଶରୀରକୁ ଲାଭ ଦେବା ବଦଳରେ କ୍ଷତି କରାଇଥାଏ ଆଶଙ୍କା ରହିଥାଏ। ସେଥିପାଇଁ କାକୁଡି ଓ ଟମାଟୋକୁ ମିଶାଇ ଖାଇବା ଅନୁଚିତ।

# ରୁଦ୍ରାକ୍ଷର ଧାର୍ମିକ ମହତ୍ୱ



ରୁଦ୍ରାକ୍ଷ ଏକମାତ୍ର ଏମିତି ଫଳ ଯାହାର ଧର୍ମ, କର୍ମ, ଅର୍ଥ ଏବଂ ମୋକ୍ଷ ପ୍ରଦାନ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିବ ପୁରାଣ, ପଦ୍ମା ପୁରାଣ, ରୁଦ୍ରାକ୍ଷକଳ୍ପ, ରୁଦ୍ରାକ୍ଷ ମାହାତ୍ମ୍ୟ ଆଦି ରୁଦ୍ରାକ୍ଷ ମହିମା ସମ୍ପର୍କରେ ଉଲ୍ଲେଖ ରହିଛି। ରୁଦ୍ରାକ୍ଷ ସମସ୍ତଙ୍କ ଲଭଦାୟୀ। କିନ୍ତୁ ମୁଖ ଅନୁସାରେ ଏହାର ମହତ୍ୱ ଭିଭ ଭିଭ ରହିଥାଏ। ପ୍ରତ୍ୟେକ ରୁଦ୍ରାକ୍ଷ ଉପରେ ଧାରା ରହିଥାଏ। ଧାରା ଅନୁଯାୟୀ ରୁଦ୍ରାକ୍ଷର ମୁଖ ନିର୍ଣ୍ଣୟ ହୋଇଥାଏ। ରୁଦ୍ରାକ୍ଷ ଏକମୁଖୀରୁ ଏକୋଇଶ ମୁଖୀ ରହିଛି।

ଧାର୍ମିକ ମାନ୍ୟତା ଅନୁସାରେ ଯେଉଁ ଘରେ ନିୟମିତ ରୁଦ୍ରାକ୍ଷ ପୂଜା ହୋଇଥାଏ। ସେଠାରେ ଅନ୍ନ, ବସ୍ତ୍ର, ଧନର ଅଭାବ ରହେନାହିଁ। ଏମିତି ଘରେ ସର୍ବଦା ମା ଲକ୍ଷ୍ମୀ ବାସ କରନ୍ତି। ବିଶ୍ୱାସ ରହିଛି ଯେ ରୁଦ୍ରାକ୍ଷ ଧାରଣ କରୁଥିବା ବ୍ୟକ୍ତି କିମ୍ବା ପୂଜା କରୁଥିବା ବ୍ୟକ୍ତି ଶେଷ ସମୟରେ ଶରୀରକୁ ତ୍ୟାଗ କରି ଶିବଲୋକରେ ସ୍ଥାନ ପ୍ରାପ୍ତ କରିଥାଏ। ପୁରାଣରେ ଉଲ୍ଲେଖ ରହିଛି ଯେ ସତୀଙ୍କ ଦେହ ତ୍ୟାଗରେ ଶିବ ଅତ୍ୟନ୍ତ ଦୁଖୀ ହୋଇଯାଇଥିଲେ। ଶିବଙ୍କ ଆଖିରୁ ଝରିଥିବା ଲୁହ ଯେଉଁଠାରେ ପଡିଥିଲା। ସେଠାରେ ରୁଦ୍ରାକ୍ଷ



ଉତ୍ପତ୍ତ ହୋଇଥିଲା। ସେଥିପାଇଁ ଶନି ଚନ୍ଦ୍ରମାଙ୍କୁ ପୀଡିତ କରି ଆପଣଙ୍କୁ କଷ୍ଟ ଦିଅନ୍ତୁ, ରୁଦ୍ରାକ୍ଷ ସବୁ ଦୃଷ୍ଟିରୁ ଫଳଦାୟୀ ହୋଇଥାଏ।

ଯଦି କୁଣ୍ଡଳୀରେ କଳସର୍ପ ଦୋଷ ଥାଏ ଏବଂ ଜୀବନରେ ସମସ୍ୟା ଦେଖାଦିଏ ତାହେଲେ ରୁଦ୍ରାକ୍ଷ ଧାରଣ କଲେ ଅନୁକୂଳ ଫଳ ପ୍ରାପ୍ତ ହୋଇଥାଏ। ଯଦି କୌଣସି ଶୁଭ ଦିନରେ ଗଙ୍ଗା ସ୍ନାନ କରିବାକୁ ଚାହୁଁଛନ୍ତି ଏବଂ କୌଣସି କାରଣବଶତଃ ଗଙ୍ଗାକୂଳକୁ ଯାଇ ନ ପାରନ୍ତି ତାହେଲେ ରୁଦ୍ରାକ୍ଷକୁ ମୁଣ୍ଡରେ ରଖି ଭଗବାନ ଶିବଙ୍କୁ ଧ୍ୟାନ କଲେ ଗଙ୍ଗା ସ୍ନାନର ଫଳ ପ୍ରାପ୍ତ ହୋଇଥାଏ।

# ଫ୍ୟାଶନରେ ପିଙ୍କ୍ ଆଇ ଲାଇନର

କୁହାଯାଏ ହୃଦୟକୁ ପହଞ୍ଚିବାର ମାଧ୍ୟମ ହେଉଛି ଆଖି। ଏଣୁ ମେକ୍‌ଅପ ଦୁନିଆରେ ଆଖିକୁ ବା ଆଇ ମେକ୍‌ଅପକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଠିକ୍ ଭାବେ କରାଯାଇଥିବା ଆଇ ମେକ୍‌ଅପ୍ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱକୁ ବଦଳାଇଦେଇ ପାରେ। ଯଦି



ଆପଣ ମଧ୍ୟ ଆଖିକୁ ସଜେଇବାକୁ ଭଲ ପାଆନ୍ତି ଆଉ ନିଜ ମେକ୍‌ଅପରେ କିଛି ଡ୍ରାମା ଭରିଦେବାକୁ ଚାହାନ୍ତି ସେଥିପାଇଁ ମେକ୍‌ଅପ ପ୍ରେମୀମାନେ ଜାଣନ୍ତି ଯେ, ଠିକ୍ ଆଇ ମେକ୍‌ଅପ୍ ଆପଣଙ୍କ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ। କିନ୍ତୁ ଯେତେବେଳ ଡେଲି ମେକ୍‌ଅପ କଥା ଆସେ, ଆମେ ସେହି ରେଡ୍ ସେଡ୍ ଲିପଷ୍ଟିକ୍, ବ୍ଲାକ୍ ଲାଇନର୍, କାଜଲ୍, ଓ ମସ୍କାରା ଲଗାଇ ନିଅନ୍ତି। ଯଦି ଆପଣ ବି ଏଭଳି ନିତି ଦିନିଆ ମେକ୍‌ଅପରେ ବୋର୍ ହୋଇଗଲେଣି ତେବେ ଆଜି ପ୍ରସ୍ତୁତ ହୋଇଯାନ୍ତୁ ନିଜ ଆଖିରେ କିଛି ରଙ୍ଗ ମିଶାଇବାକୁ। ଲାଇଟ୍ ପିଙ୍କ୍ ବା ଡାର୍କ ପିଙ୍କ୍ ଆଇଲାଇନର୍ ସହ ନିଜ ମେକ୍‌ଅପ ଏକ୍ସପେରିମେଣ୍ଟ କରନ୍ତୁ। କେବଳ ବ୍ଲାକ୍ କାହିଁକି ବିଭିନ୍ନ କଲର୍ ସହ ଆପଣ ନିଜର ଆଇ ମେକ୍‌ଅପ୍ ଏକ୍ସପେରିମେଣ୍ଟ କରିପାରିବେ। ହେଲେ ଆଜିକାଲି ଫ୍ୟାଶନ ଟ୍ରେଣ୍ଡରେ ଚାଲିଛି ପିଙ୍କ୍ ସେଡ୍। ବ୍ଲାକ୍ ଡ୍ରାମା ଆଇ ଲାଇନର ସହ ପିଙ୍କ୍ ଲାଇନର୍ ମିଶାଇ ନିଜ ଆଇ ମେକ୍‌ଅପରେ ଟିକେ ଅଧିକା ଡ୍ରାମା ଭରିଦେଇପାରିବେ। ଏବେ ଗ୍ରୀଷ୍ମଋତୁ ଆରମ୍ଭ ହୋଇଯାଇଛି। ଏହି ସମୟରେ ଏଭଳି ଆଇ ମେକ୍‌ଅପ ଆପଣ ଏକ ଗ୍ଲାମର୍ସ ଲୁକ୍ ଦେଇପାରିବ। ଚଳିତବର୍ଷ ପିଙ୍କ ସେଡ୍ ଆଏଲାଇନର୍ ଫ୍ୟାଶନରେ ଟ୍ରେଣ୍ଡ ହେଉଛି। ଆପଣ ନିଜ ତ୍ୱଚାର ସେଡ୍ ଅନୁସାରେ ପିଙ୍କ୍ ଆଇ ଲାଇନର୍ ସେଡ୍ ଚୟନ କରିପାରିବେ। ତେବେ ଫ୍ୟାଶନ୍ ଟ୍ରେଣ୍ଡରେ ଚାଲିଥିବାରୁ ଭିନ୍ନ ଭିନ୍ନ ବ୍ରାଣ୍ଡର ପିଙ୍କ୍ ଆଇ ଲାଇନର୍ ଅନଲାଇନ୍ ଓ ଅଫଲାଇନ୍ ମାର୍କେଟରେ ଆପଣ ପାଇପାରିବେ।

ଯଦି ଆପଣଙ୍କୁ ଡାର୍କ ପିଙ୍କ୍ ସେଡ୍ ପସନ୍ଦ କିନ୍ତୁ ଆପଣ ଡବଲ କୋଟ୍ କରିବାକୁ ଚାହାନ୍ତି ନାହିଁ। ତା'ହେଲେ ସିଙ୍ଗଲ୍ କୋଟ୍ କରି ବ୍ଲୁ ସେଡ୍ କିମ୍ବା ବ୍ଲାକ୍ ସେଡ୍ ଜେଲ୍ ଆଇ ଲାଇନର୍ ସହ ମିଶାଇ ଆପଣ ନିଜ ଆଖିକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ। ପିଙ୍କ୍ ଏକ ସଫ୍ଟ କଲର୍ ହୋଇଥିବାରୁ ସମସ୍ତଙ୍କୁ ଭଲ ଲାଗିଥାଏ।

# କ୍ରୀଡ଼ା ପ୍ରତିଭାର ବିକାଶ କରିବ ଖେଲୋ ଇଣ୍ଡିଆ ସେଣ୍ଟର

**ଭୁବନେଶ୍ୱର,୨୧।୪ (ମହାଭାରତ):** କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଓଡ଼ିଶାର ୩୦ଟି ଜିଲ୍ଲାରେ ୩୦ଟି ଖେଲୋ ଇଣ୍ଡିଆ ସେଂଟରର ଉଦଘାଟନ କରାଯାଇଛି।ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ହେବା ସହିତ ଓଡ଼ିଶାର ପ୍ରତିଟି ଜିଲ୍ଲାରେ ଯେପରି କ୍ରୀଡ଼ା ପ୍ରତିଭା ବିକଶିତ ହୋଇପାରିବ ସେ ଲକ୍ଷ୍ୟ ନେଇ ଖେଲୋ ଇଣ୍ଡିଆ ସେଂଟରର ନିର୍ମାଣ କରାଯାଇଛି। ଖେଲୋ ଇଣ୍ଡିଆ ସେଂଟର ମାନଙ୍କରେ କ୍ରୀଡ଼ାବିତମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ବିଭିନ୍ନ କ୍ରୀଡ଼ା ଯଥା ଫୁଟବଲ, ଭଲିବଲ, ହକି, ଆଥଲେଟିକ୍ସ, ଖୋଖୋ, କବାଡ଼ି ଆଦି ନିମନ୍ତେ ସୁଦୃଢ଼ ଭିତ୍ତିଭୂମି ଏବଂ ସମସ୍ତ ପ୍ରକାର ସୁବିଧା ଖେଳାଳୀ ମାନଙ୍କୁ ପ୍ରଦାନ କରାଯିବ। ଏଥିସହିତ ଏହି ଖେଲୋ ଇଣ୍ଡିଆ ସେଂଟର ଗୁଡ଼ିକର ଉପଯୁକ୍ତ ପରିଚାଳନା ନିମନ୍ତେ ସରକାରଙ୍କ ତରଫରୁ ବାର୍ଷିକ ୫ ଲକ୍ଷ ଟଙ୍କାର ଅନୁଦାନ ରାଶି ମଧ୍ୟ ପ୍ରଦାନ କରାଯିବ। ଜିଲ୍ଲା ମାନଙ୍କରେ ସ୍ଥାପିତ ହୋଇଥିବା ଏହି ଖେଲୋ ଇଣ୍ଡିଆ ସେଂଟର ମାନଙ୍କରେ ପ୍ରତ୍ୟେକ ଜିଲ୍ଲାର



ଆଞ୍ଚଳିକ କ୍ରୀଡ଼ାକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ। ପୂର୍ବରୁ ଜାତୀୟ ସ୍ତରୀୟ ଏବଂ ରାଜ୍ୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା କ୍ରୀଡ଼ାବିତ ହିଁ ଖେଲୋ ଇଣ୍ଡିଆ ସେଂଟରର କୋଚ୍ ଭାବରେ ଆଗାମୀ ଭବିଷ୍ୟତରେ କ୍ରୀଡ଼ାବିତମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ। ଏଥିସହିତ ଅଧିକରୁ ଅଧିକ କ୍ରୀଡ଼ାବିତମାନେ ଯେପରି ଖେଲୋ ଇଣ୍ଡିଆ ସେଂଟରରେ ଅନ୍ତର୍ଭୁକ୍ତ ହେବେ ତାହାକୁ ମଧ୍ୟ ସୁନିଶ୍ଚିତ କରାଯିବ।କେବଳ ପ୍ରମୁଖ ସହର ନୁହେଁ ବରଂ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ କ୍ରୀଡ଼ା ପ୍ରତିଭାର ଯେପରି ବିକାଶ ହୋଇପାରିବ ସେହି ଲକ୍ଷ୍ୟରେ ଖେଲୋ ଇଣ୍ଡିଆ ସେଂଟରର ନିର୍ମାଣ କରାଯାଇଛି', ବୋଲି କହିଛନ୍ତି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ। କଳିଙ୍ଗ ଷ୍ଟାଡିୟମ ଠାରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଖେଲୋ ଇଣ୍ଡିଆ ସେଂଟରର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ଖେଲୋ ଇଣ୍ଡିଆ ସେଂଟର ସ୍ଥାପନର ଲକ୍ଷ୍ୟ ଏବଂ କାର୍ଯ୍ୟକାରିତା ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ପ୍ରଶାସନର ଅଧିକାରୀ, କ୍ରୀଡ଼ାବିତ ଏବଂ ପ୍ରଶିକ୍ଷକମାନେ ଆଭାସୀ ମାଧ୍ୟମରେ ଏହି ବୈଠକରେ ଯୋଗଦେଇ କ୍ରୀଡ଼ାରେ ବିକାଶର ଲକ୍ଷ୍ୟକୁ ନେଇ ଜିଲ୍ଲା ସ୍ତରରେ ଉଦଘାଟିତ ହୋଇଥିବା ଖେଲୋ ଇଣ୍ଡିଆ ସେଂଟର ନିମନ୍ତେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମନ୍ତ୍ରୀ ଶ୍ରୀ ସୂରଜ ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାର କ୍ରୀଡ଼ାବିତ ଏବଂ ପ୍ରଶିକ୍ଷକମାନଙ୍କ ସହିତ ଓଡ଼ିଶାରେ କ୍ରୀଡ଼ାକ୍ଷେତ୍ରର ଯେପରି ସାମଗ୍ରିକ ବିକାଶ ହୋଇପାରିବ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିସହିତ କ୍ରୀଡ଼ାବିତମାନଙ୍କୁ କ୍ରୀଡ଼ାଜଗତରେ ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିପାରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ଓଡ଼ିଶାର ୩୦ଟି ଜିଲ୍ଲାରେ ଖେଲୋ ଇଣ୍ଡିଆ ସେଂଟରର ଉଦଘାଟନ ହେବା, ଆଗାମୀ ଦିନରେ ଓଡ଼ିଶାର ସମସ୍ତ ବ୍ଲକରେ ବ୍ଲକ ସ୍ତରୀୟ ଷ୍ଟାଡିୟମର ନିର୍ମାଣ ହେବା ଏବଂ ତୃଣମୂଳ ସ୍ତରରେ ସିଏମ-ଫୁଟବଲ ଟ୍ରଫି ପ୍ରତିଯୋଗିତାର ଆୟୋଜନ କରାଯିବା ଆଦି ପଦକ୍ଷେପ ମାଧ୍ୟମରେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଓ କ୍ରୀଡ଼ାପ୍ରତିଭାର ବିକାଶ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଛନ୍ତି।

# ଖୋର୍ଦ୍ଧା ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଉଦଘାଟିତ

**ଭୁବନେଶ୍ୱର,୨୧।୪ (ମହାଭାରତ):** ଜିଲ୍ଲା ସଦର ମହକୁମାସ୍ଥ ଟିଏଲସି ରୋଡ ଭାରତୀୟ ଜୀବନ ବୀମା ନିଗମ କାର୍ଯ୍ୟାଳୟ ସମ୍ମୁଖ ୩କୋଟି ୬୫ଲକ୍ଷ ବ୍ୟୟରେ ୩ମହଲା ବିଶିଷ୍ଟ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ କଲ୍ୟାଣ ନିଗମ ଦ୍ୱାରା ନବନିର୍ମିତ ଖୋର୍ଦ୍ଧା ଜିଲ୍ଲା ଅବକାରୀ କାର୍ଯ୍ୟାଳୟକୁ ଆଇନ, ପୂର୍ତ୍ତ ଏବଂ ଅବକାରୀ



ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତାକାଟି ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ଶ୍ରୀ ବଳଭଦ୍ର ଓ ମା ସୁଭଦ୍ରାଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟିତ କରି ଜିଲ୍ଲାବାସୀଙ୍କ ସେବା ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅବକାରୀ ନିୟମ ଓ ଅଧିନିୟମ ପ୍ରଣୟନ ଦ୍ୱାରା ଚୋରା ମଦ କାରବାର ବିକ୍ରି ବନ୍ଦ କରିବା, ଚୋରା ବେପାରୀଙ୍କୁ ପ୍ରତିହତ କରିବା ଓ ନିଶାର କୁପ୍ରଭାବ ସହ ନିଶା କ୍ରିତଦାସରୁ ସମାଜକୁ ବଞ୍ଚାଇ ଏକ ନିଶାମୁକ୍ତ ସଶକ୍ତ ସମାଜ ଗଠନରେ କାର୍ଯ୍ୟାଳୟ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି କହିଥିଲେ। ମନ୍ତ୍ରୀ କହିଥିଲେ ଅବକାରୀ କର୍ମଚାରୀ ମାନଙ୍କୁ ଆର୍ମ -୩ ଅସ୍ତ୍ର ଦିଆଯାଇ ଚୋରା ବେପାରୀଙ୍କୁ ଦୃଢ଼ ମୁକାବିଲା କରି ସାରା ରାଜ୍ୟକୁ ସଶକ୍ତ କରାଯିବ।

ସମ୍ମାନିତ ଅତିଥି ରୂପେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ରୁପଶ୍ରୀରାଣୀ ଗୁମାନ ସିଂହ, ଖୋର୍ଦ୍ଧା ପୌରପରିଷଦ ଅଧକ୍ଷା ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି, ସାଂସଦଙ୍କ ପ୍ରତିନିଧି, ରାଜ୍ୟ ଅବକାରୀ ବିଭାଗ ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ଭାରପ୍ରାପ୍ତ ଅବକାରୀ ଆୟୁକ୍ତ ଧର୍ମେନ୍ଦ୍ର ମଲ୍ଲିକ, ଆରକ୍ଷୀ ଅଧିକ୍ଷିକା ଶ୍ରୀମତୀ ସୁମତି ତ୍ରିପାଠୀ, ଭୁବନେଶ୍ୱର ଆରକ୍ଷୀ ଅଧିକ୍ଷକ ଦେବାଶିଷ ପଟେଲ, ଆରକ୍ଷୀ ଅଧିକ୍ଷକ କଟକ କରୁଣା ଶଙ୍କର ତିୱାରୀ, ଯୁଗ୍ମ ଆୟୁକ୍ତ ଅବକାରୀ ରାଜେନ୍ଦ୍ର ଭୋତ୍ରା, ଅଶୋକ କୁମାର ଗଡତିଆ, ଡମ୍ବରୁଧର ଖଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂହ, ଉପଜିଲ୍ଲାପାଳ ଅଶୋକ କୁମାର ପଣ୍ଡା, ଡେପୁଟି କଲେକ୍ଟର ଦେବବ୍ରତ କର ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଟର ତାଲିକା ଅନିୟମିତତା ଦାବି ପ୍ରତ୍ୟାଖ୍ୟାନ

**ଭୁବନେଶ୍ୱର,୨୧।୪ (ମହାଭାରତ):** ଭାରତ ନିର୍ବାଚନ ଆୟୋଗ ଏକ ସ୍ପଷ୍ଟ ବିବୃତିରେ କହିଛି ଯେ ଭୋଟର ତାଲିକା ସଂପର୍କିତ ଅନିୟମିତତା ଦାବି ସତ୍ୟ ନୁହେଁ। ମହାରାଷ୍ଟ୍ରରେ ୯ କୋଟି ୭୦ ଲକ୍ଷ ପଞ୍ଜିକୃତ ଭୋଟର ମଧ୍ୟରୁ, ତାଲିକା ସଂଶୋଧନ ପାଇଁ କେବଳ ୮୯ଟି ପ୍ରଥମ ଆବେଦନ ଏବଂ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟରେ ଗୋଟିଏ ଦ୍ୱିତୀୟ ଆବେଦନ ଦାଖଲ ହୋଇଛି। ବିରୋଧୀ ଦଳଙ୍କ ତରଫରୁ ଶୀତକାଳୀନ ଅଧିବେଶନରେ ଉଠାଯାଇଥିବା ଭୋଟର ତାଲିକା ଅନିୟମିତତା ଅଭିଯୋଗକୁ ନିର୍ବାଚନ କମିଶନ ସଂଖ୍ୟାତ୍ମକ ତଥ୍ୟ ସହିତ ଖଣ୍ଡନ କରିଛି। କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଦ୍ୱାରା ଉଠାଯାଇଥିବା ଦାବି - '୨୦୧୪ ରୁ ୨୦୧୯ ମଧ୍ୟରେ ୩୦ ଲକ୍ଷରୁ ଅଧିକ ଭୋଟର ଅନୁଚିତ ଭାବେ ତାଲିକାରେ ଯୋଡ଼ାଯାଇଛନ୍ତି' - ପ୍ରତି ନିର୍ବାଚନ କମିଶନ ପ୍ରମାଣ ଅଭାବ ଉଲ୍ଲେଖ କରି ଏହାକୁ ଅସ୍ୱୀକାର କରିଛି। ନିର୍ବାଚନ କମିଶନ ସଂକ୍ଷିପ୍ତ ସଂଶୋଧନ ଅଭିଯାନ ଅନୁସାରେ, ଭୋଟର ତାଲିକା ସୁଦୃଢ଼ ଓ ସଠିକ୍ ରହିବା ନିମନ୍ତେ ବାର୍ଷିକ ଅପଡେଟ୍ କାର୍ଯ୍ୟ ସାଂଘିକ ଭାବେ ଚାଲିଥାଏ। ଏହି ଅଭିଯାନ ଅଧୀନରେ ନୂତନ ଯୋଗ୍ୟ ଭୋଟର ଯୋଗ, ନିର୍ବାଚନମଣ୍ଡଳୀ ପରିବର୍ତ୍ତନ, ଏବଂ ଡୁପ୍ଲିକେଟ୍/ଅନୁଚିତ ଭୋଟର ନାମ ବାଦ କରାଯାଏ। ଭାରତରେ ମୋଟ ପଞ୍ଜିକୃତ ଭୋଟର ୯୨କୋଟି ୨୦ ଲକ୍ଷ ହୋଇଥିବାବେଳେ ବୁଥ୍ ସ୍ତରୀୟ ଅଧିକାରୀ ଙ୍କ ସଂଖ୍ୟା ୧୦ ଲକ୍ଷ ୫୦ ହଜାର, ବୁଥ୍ ସ୍ତରୀୟ ଏଜେଂଟଙ୍କ ସଂଖ୍ୟା ୧୩ ଲକ୍ଷ ୯୦ ହଜାର ଏବଂ ମହାରାଷ୍ଟ୍ରରେ ଜାନୁଆରୀ ୨୦୨୫ରେ ଅଭିଯାନ ପରେ ୮୯ଟି ପ୍ରଥମ ଏବଂ ଗୋଟିଏ ଦ୍ୱିତୀୟ ପରିବର୍ତ୍ତନ ଆବେଦନ ଆସିଛି ।

# 'ରାଜା କୃଷ୍ଣସିଂହଙ୍କ ପ୍ରଣୀତ ମହାଭାରତ' ଲୋକାର୍ପିତ

**ଭୁବନେଶ୍ୱର,୨୧।୪ (ମହାଭାରତ):** ଜ୍ଞାନଯୁଗ ପବ୍ଲିକେଶନ୍ ଭୁବନେଶ୍ୱର ଦ୍ୱାରା ପ୍ରକାଶିତ 'ରାଜା କୃଷ୍ଣସିଂହଙ୍କ ପ୍ରଣୀତ ମହାଭାରତ' ପୁସ୍ତକ ଲୋକାର୍ପିତ ହୋଇଛି। 'ଚିନ୍ତା ଓ ଚେତନା' ତରଫରୁ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଓଡ଼ିଆ ନବବର୍ଷର ଶୁଭ ଉତ୍ସବ ସମାରୋହର ଉଦଯାପନୀ ଦିବସରେ ଗତକାଲି ଏହି ପୁସ୍ତକ ଉନ୍ମୋଚନ ହୋଇଥିଲା। ପ୍ରଥମେ ଓଡ଼ିଆ ଜାତିର ଆରାଧ୍ୟ ଦେବତା କୋଟି ଓଡ଼ିଆର ପ୍ରାଣ ଶ୍ରୀ ଜଗନ୍ନାଥଙ୍କର ପହଣ୍ଡିବିଜେ କରାଯାଇଥିଲା। ବାଦ୍ୟ ନୃତ୍ୟ ସଂଗୀତ ସହ ଘଣ୍ଟା ମର୍ଦ୍ଦଳ ବଜାଇ ଶ୍ରୀ ଜଗନ୍ନାଥଙ୍କୁ ମଞ୍ଚ ଉପରେ ସ୍ଥାପିତ କରାଯାଇଥିଲା। ତା'ପରେ 'ମହାଭାରତ' ଲୋକାର୍ପଣ ଉତ୍ସବ ଆରମ୍ଭ ହୋଇଥିଲା। ଏହି ସମାରୋହରେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଡ଼ଃ ପ୍ରଫୁଲ୍ଲ କୁମାର ମହାନ୍ତି, ସଂଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଳିତ ଏବଂ ସିଆରପିଏଫ ଡ଼ି.ଜି. ଭାରତ ଭୁଷଣ, ପ୍ରଦ୍ୟୁମ୍ନ ଶତପଥି,




ଭାରତ ସରକାରଙ୍କ ସୂଚନା ପ୍ରସାରଣ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ପ୍ରଦୀପ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସୁରେନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ। ମହାଭାରତ ଉପରେ ଆଲୋଚନା କରି ଡ଼ଃ ପ୍ରଫୁଲ୍ଲ କୁମାର ମହାନ୍ତି କହିଥିଲେ ଯେ 'ମହାଭାରତ' କେବଳ ଏକ ମହାକାବ୍ୟ ନୁହେଁ, ଏହା ବୈଦିକ ଭାରତୀୟ ସଭ୍ୟତାର ସଂସ୍କୃତି, ଦର୍ଶନ, ଜୀବନଧାରା ଓ ଜୀବନାଭିମୁଖ୍ୟର ଏକ ଅମର ଗ୍ରନ୍ଥ। ମହାଭାରତ ସର୍ବଭାରତୀୟ ସଭ୍ୟତାର ବିବିଧତା ଗ୍ରହଣ କରି ମଧ୍ୟ ଏକ ଓ ଅନନ୍ୟ। ଓଡ଼ିଶାରେ ବ୍ୟାସଦେବଙ୍କ ମହାଭାରତର ପ୍ରଭାବରେ ପ୍ରଥମେ ସାରଳା ଦାସ ୧୫ ଶହ ଶତାବ୍ଦୀରେ ତାଙ୍କର ବିରାଟ କାବ୍ୟ ମହାଭାରତ ରଚନା କରିଥିଲେ। ପରେ ରୀତି ଯୁଗର କବିମାନେ ଓ ଅନ୍ୟମାନେ ମହାଭାରତ ଓ ରାମାୟଣର ଉପାଖ୍ୟାନ ମାନଙ୍କର କବିତା କାବ୍ୟ, ଗଳ୍ପ-ଉପନ୍ୟାସ ଲେଖିଛନ୍ତି। ଓଡ଼ିଆ ସାହିତ୍ୟ ବିଶେଷ ଭାବେ ରାମାୟଣ ଓ ମହାଭାରତ ଦ୍ୱାରା ପ୍ରଭାବିତ। ଶ୍ରୀ ମହାନ୍ତି କହିଥିଲେ ଯେ କୃଷ୍ଣସିଂହ ଧରାକୋଟର ରାଜା ଥିଲେ। ତାଙ୍କର ମହାଭାରତ ସାରଳା ମହାଭାରତ ଠାରୁ ଅଲଗା। ସାରଳାଙ୍କ କୃତି ଏକ ମୌଳିକ। କିନ୍ତୁ କୃଷ୍ଣସିଂହଙ୍କ କାବ୍ୟ ଏକ ଅନୁସୃଜନ। ବ୍ୟାସଙ୍କ ପ୍ରତ୍ୟେକ ପଂକ୍ତିକୁ ପଦ୍ୟରେ ଛନ୍ଦାୟିତ କରାଯାଇଛି। ରୀତି ଯୁଗର କାବ୍ୟଛନ୍ଦ ସହ ବର୍ଣ୍ଣନା ଓ ଚରିତ୍ର ଚିତ୍ରଣରେ କିଛି ଆଞ୍ଚଳିକ ଛାୟା ନିଶ୍ଚୟ ରହିଛି। କିନ୍ତୁ ଏହା ଓଡ଼ିଆ ଶବ୍ଦ ଭଣ୍ଡାରକୁ ଏହା ସମୃଦ୍ଧ କରେ। ଆଜିର ପିଢ଼ି ଏହି ମହାଭାରତ ପିଢ଼ି ଭାରତୀୟ ସନାତନୀୟ ପରମ୍ପରାର ଆନନ୍ଦ ନେବା ଉଚିତ। ସାରଳା ଓ କୃଷ୍ଣସିଂହ ମହାଭାରତର ତୁଳନାତ୍ମକ ବିଚାର ଗବେଷଣା ଲାଗି ପ୍ରଚୁର ତଥ୍ୟ ଯୋଗାଇ ଦେବ। ଏହି ଛନ୍ଦ ଚିତ୍ରକଳା - ରୂପକ ଓ ନୂତନ ମାର୍ଗ ସମ୍ପର୍କିତ ଗ୍ରନ୍ଥ ବର୍ତ୍ତମାନର ପିଢିମାନେ ନିଶ୍ଚୟ ଉପଭୋଗ କରିବେ ବୋଲି ଶ୍ରୀ ମହାନ୍ତି କହିଥିଲେ।

# ଜିଲ୍ଲା ପରିଷଦ ସାଧାରଣ ବୈଠକ

**ଭୁବନେଶ୍ୱର,୨୧।୪ (ମହାଭାରତ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଷଷ୍ଠ ଜିଲ୍ଲା ପରିଷଦ, ଖୋର୍ଦ୍ଧାର ଚତୁର୍ଥ ସାଧାରଣ ବୈଠକ ଜିଲ୍ଲା ପରିଷଦ ସଭାପତି ରୁପଶ୍ରୀ ରାଣୀ ଗୁମାନ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ବିଧାୟକ, ଖୋର୍ଦ୍ଧା, ପ୍ରଶାନ୍ତ କୁମାର ଜଗଦେବ, ବିଧାୟକ ଜୟଦେବ, ନବ କିଶୋର ମଲ୍ଲିକ, ଜଟଣୀ ବିଭୂତି ଭୂଷଣ ବଳବନ୍ତରାୟ, ବେଗୁନିଆ, ପ୍ରଦୀପ କୁମାର ସାହୁ, ସାଂସଦ,ଭୁବନେଶ୍ୱରଙ୍କ ପ୍ରତିନିଧି,ଅଶୋକ ପଟ୍ଟନାୟକ, ପୁରୀ ସାଂସଦଙ୍କ ପ୍ରତିନିଧି,ଉପ ସଭାପତି,ଜିଲ୍ଲା ପରିଷଦ ଖୋର୍ଦ୍ଧା ଗୋପୀନାଥ ମହାରଣା , ଜିଲ୍ଲାପାଳ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ,ଜିଲ୍ଲା ପରିଷଦ, ଖୋର୍ଦ୍ଧା, ଚଂଚଳ ରାଣା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ,ବନଖଣ୍ଡ ଅଧିକାରୀ, ଖୋର୍ଦ୍ଧା, ପୂର୍ଣ୍ଣିମା ପାଣ୍ଡିଆନ ଯୋଗଦେଇଥିଲେ। ତେବେ ବୈଠକ ପ୍ରାରମ୍ଭରେ ଗତ ଅକ୍ଟୋବର ୪ରେ ଅନୁଷ୍ଠିତ ହୋଇଥିବା ଖୋର୍ଦ୍ଧା ଜିଲ୍ଲା ପରିଷଦର ତୃତୀୟ ସାଧାରଣ ବୈଠକ ବିବରଣୀକୁ ଆଲୋଚନା କରାଯାଇ ଦୃଢ଼ୀକରଣ କରାଯାଇଥିଲା । ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ନିଜ ଉଦବୋଧନରେ କହିଲେଯେ ଜାତି,ଧର୍ମ,ବର୍ଣ୍ଣ, ଲିଙ୍ଗ, ଭାଷା,ଦଳ, ନିର୍ବିଶେଷରେ ପ୍ରଶାସନ ଓ ଜନ ପ୍ରତିନିଧି ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ନିଷ୍ଠାପର ଭାବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସୁଚାରୁରୂପେ ପରିଚାଳନା କରି କାର୍ଯ୍ୟ କଲେ ରାଜଧାନୀକୁ ପରିମଣ୍ଡନ କରୁଥିବା ଖୋର୍ଦ୍ଧା ଜିଲ୍ଲା ସମଗ୍ର ରାଜ୍ୟରେ ଦୃଷ୍ଟାନ୍ତ ହେବ ବୋଲି ପ୍ରକାଶ କରିଥିଲେ । ସେହିପରି ବିଧାୟକ, ଜିଲ୍ଲାପାଳ,ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ରିଂ ରୋଡ ନିର୍ମାଣ,ଖୋର୍ଦ୍ଧାର ହେବାକୁ ଥିବା ୫୧ଟି ଶିଳ୍ପ ବିକାଶ ଉଦ୍ୟୋଗରେ ୬୦ ହଜାର ନିଯୁକ୍ତି ,ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାରେ ଦଳ ମତ ନିର୍ବିଶେଷରେ ଆମ ଖୋର୍ଦ୍ଧା ଜିଲ୍ଲାର ବିକାଶ ପାଇଁ ଏବଂ ଜିଲ୍ଲାକୁ ୧ନମ୍ବର ଜିଲ୍ଲା ଭାବେ ଗଢି ତୋଳିବା ପାଇଁ କାର୍ଯ୍ୟ କରିବା ବୋଲି କହିଥିଲେ। ଚଳିତ ଗ୍ରୀଷ୍ମ ପ୍ରବାହ ପାଇଁ ଜିଲ୍ଲାକୁ ୬୮୩ ନଳକୂପ ପ୍ରୋଜେକ୍ଟ ଆସିଥିବାବେଳେ ୧୪୫ ନଳକୂପ ଖୋଳା ସରିଲାଣି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଚିଲିକା ବ୍ଲକ ବ୍ରାହ୍ମଣ କୁଷଡିହ ଠାରେ କୁକ୍କୁଡ଼ା ଚାଷ ସମସ୍ୟା ରାସ୍ତାର ତୁରନ୍ତ ସମାଧାନ ନିମନ୍ତେ ଜିଲ୍ଲାପାଳ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକଳ୍ପ ଗୁଡ଼ିକର ନମନୀୟତା ବି ଡି ଓ ମାନେ ଦେଖି ଜିଲ୍ଲା ପରିଷଦକୁ ପ୍ରେରଣ କରିବେ। ସେହିପରି ଟାଙ୍ଗୀ ସ୍ୱାସ୍ଥ୍ୟ କେନ୍ଦ୍ର ଷ୍ଟାଫ୍ କ୍ୱାର୍ଟର ହସ୍ତାନ୍ତର, ତାଳଚୁଙ୍ଗ ଓ ମାଣିବନ୍ଧ ଘର ହସ୍ତାନ୍ତର, ୨୨ନମ୍ବର ଜୋନରେ ମେଡ଼ିକାଲର ୨ଗୋଟି କ୍ୱାର୍ଟର ହସ୍ତାନ୍ତର ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ଯେତେ ପ୍ରୋଜେକ୍ଟ ଅଛି ୭ଦିନ ଭିତରେ ବିଭାଗୀୟ କର୍ତ୍ତୃପକ୍ଷ ଜିଲ୍ଲାପାଳଙ୍କୁ ଫାଇଲ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ଏଥି ସହ ରାସ୍ତା ଓ କୋଠାବାଡ଼ି ଅଧୀନ ଖଣ୍ଡ ୪ର କୁଶଭଦ୍ରା ନଦୀର ସେତୁ ଦୁଇପଟ ରାସ୍ତା, ବାଲିଅନ୍ତା ମେଡିକାଲରେ ଗୃହ ହସ୍ତାନ୍ତର,ନିରାକାରପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି, ଅନ୍ତୋଦ୍ୟ ଗୃହ ଯୋଜନାରେ ସୁଦ୍ଧତା, କୃଷିକ୍ଷେତ ଫସଲକୁ ବନ୍ୟ ଜୀବଜନ୍ତୁ ଦାଉରୁ ରକ୍ଷାକରିବା ନିମନ୍ତେ ସୋଲାର ବାଡ଼, ମାଣିଆ ବନ୍ଧ କାଜୁ ଜଙ୍ଗଲ ୧୦୦ଏକର ଜମିକୁ ପୁନଃ ବୃକ୍ଷ ରୋପଣ, ବାଲିଅନ୍ତା ବ୍ଲକର ଶ୍ରୀକାନ୍ତ ପୃଷ୍ଟିଙ୍କ ୨କିଡନୀ ହରାଇଥିବା ହେତୁ ଜିଲ୍ଲାପାଳ ଆର୍ଥିକ ସହାୟତା ନିମନ୍ତେ ପ୍ରକାଶ କରିଥିଲେ।

# ସୈନିକ ସ୍କୁଲ୍ ନିକଟରୁ ଡମ୍ପିଂୟାର୍ଡ ହଟାଇବାକୁ ଦାବି

**ଭୁବନେଶ୍ୱର,୨୧।୪ (ମହାଭାରତ):** ଭୁବନେଶ୍ୱର ସୈନିକ ସ୍କୁଲ୍ ଅଂଚଳରେ ସହରର ଆବର୍ଜନା ଡମ୍ପିଂୟାର୍ଡ ହଟାଇବା ଦାବିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏବଂ ବିକେଏମ୍‌ୟୁ ପକ୍ଷରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।ଭୁବନେଶ୍ୱରର ଖ୍ୟାତି ସମ୍ପନ୍ନ ସୈନିକ ସ୍କୁଲ୍ ଅଞ୍ଚଳରେ ଡମ୍ପିଂୟାର୍ଡ କରାଯାଇ ସୈନିକ ସ୍କୁଲ୍‌କୁ ଦୁର୍ଗନ୍ଧମୟ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ସରକାର ଆବଦ୍ଧ କରିଛନ୍ତି। ଏପରିକି ଏହି ଅଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲରୁ ଦୁର୍ଗନ୍ଧମୟ ପରିବେଶ ଯୋଗୁଁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ପଢ଼ିବା ପାଇଁ ଛାଡୁନାହାନ୍ତି। ଏହି ସମସ୍ୟା ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁକ୍ରମାଗତ ଆନ୍ଦୋଳନ ହୋଇ ଆସୁଥିବା ବେଳେ ଡମ୍ପିଂୟାର୍ଡ ଯୋଗୁଁ ଏ ସମଗ୍ର ଅଞ୍ଚଳ ଦୁର୍ଗନ୍ଧ ଜନିତ ସଂକ୍ରାମକରୂପ ନେଉଥିବାରୁ ସିପିଆଇ ଏବଂ ବିକେଏମ୍‌ୟୁ ପକ୍ଷରୁ ଚରମ ଆନ୍ଦୋଳନର ଚେତାବନୀ ଦିଆଯାଇଛି।

# କଂଗ୍ରେସରେ ମିଶିଲେ ବିଜେଡ଼ି ଓ ବିଜେପି କର୍ମୀ

**ଭୁବନେଶ୍ୱର,୨୧।୪ (ମହାଭାରତ):** ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ସରପଂଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ, ନାଏବ ସରପଂଚ, ପୂର୍ବତନ ସରପଂଚ ପ୍ରମୁଖ ବହୁ ନେତୃବୃନ୍ଦ ବିଜେଡ଼ି ଓ ବିଜେପି ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି। ଏହି ଅବସରରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କଂଗ୍ରେସ ଦଳରେ ଯୋଗ ଦେଇଥିବା



ନେତୃବୃନ୍ଦଙ୍କୁ ସ୍ୱାଗତ କରି କହିଲେ ଯେ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କ ନେତୃତ୍ୱ ଜନନାୟକ ତଥା ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀଜୀ ଆଦର୍ଶ ଓ ସଂଗ୍ରାମ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀଙ୍କ ତ୍ୟାଗରେ ଅନୁପ୍ରାଣିତ ହୋଇ ଆଜି ଭଞ୍ଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭଞ୍ଜନଗର ନିର୍ବାଚନ ମଣ୍ଡଳୀର କୁଡୁତାଇ, ହରିଗଡ ଓ ଦଦରଲୁଣ୍ଡା, ଗ୍ରାମ ପଂଚାୟତରୁ ବହୁ ବିଜେଡ଼ି ଓ ବିଜେପିର ବହୁ ପଦାଧିକାରୀ କଂଗ୍ରେସ ଦଳରେ ଯୋଗଦେଇଛନ୍ତି। ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ବିଧାୟକ ପାର୍ଥୀ ତଥା ଯୁବନେତା ପ୍ରଶାନ୍ତ କୁମାର ବିଶୋୟୀଙ୍କ ନିଷ୍ଠାପର ସାଧାରଣ ଜନତା ଓ ବିଶେଷ କରି ମହିଳା, ଯୁବକ, କୃଷକ, ଛାତ୍ର ଏବଂ ଆଦିବାସୀ ଓ ଦଳିତମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଯେଉଁ ନିଷ୍ଠାପର ସଂଗ୍ରାମ କରିଆସୁଛନ୍ତି ସେଥିରେ ତାଙ୍କ ଜନଆଦୃତି ବଢ଼ିଛି। ଶ୍ରୀ ବିଶୋୟୀଙ୍କ ଉପରେ ଆସ୍ଥା ପ୍ରକଟ କରି ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱକୁ ପାଥେୟ କରି ଆମେ କଂଗ୍ରେସ ଦଳରେ ଯୋଗ ଦେଇଛୁ ବୋଲି ଯୋଗଦେଇଥିବା ନେତୃବୃନ୍ଦମାନେ କହିଥିଲେ।

# ସୁଭଦ୍ରା ସର୍ଭେକ୍ଷଣରେ ସାମିଲ ହେବେ କଲେଜ ଛାତ୍ରୀ

**ଭୁବନେଶ୍ୱର,୨୧।୪ (ମହାଭାରତ):** ସୁଭଦ୍ରା ସୋସାଇଟି ପରିଚାଳନା ପରିଷଦର ତୃତୀୟ ବୈଠକ ଆଜି ନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସୂଚନା ଓ ଲୋକ ସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭ୍ରା ଶର୍ମା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ଆର୍. ଏସ୍ ଗୋପାଳନଙ୍କ ସମେତ ସୁଭଦ୍ରା ସୋସାଇଟିର ଅନ୍ୟ ସଦସ୍ୟ ସଦସ୍ୟାମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ କମିଟିରେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷରେ ସୁଭଦ୍ରା ଯୋଜନା ଓ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ବଜେଟ୍ ବ୍ୟବସ୍ଥା ଅନୁସାରେ ଅଦ୍ୟାବଧି କରାଯାଇଥିବା ଖର୍ଚ୍ଚ ସଂପର୍କରେ ଆଲୋଚନା କରାଯାଇ ଅନୁମୋଦନ କରାଯିବା ସହ ୨୦୨୫-୨୬ ବର୍ଷ ପାଇଁ ଆଗତ ପ୍ରସ୍ତାବକୁ ସମୀକ୍ଷା ପୂର୍ବକ ଅନୁମୋଦନ କରାଯାଇଛି। ସୁଭଦ୍ରା ପାଇଁ ସୂଚନା,



ଶିକ୍ଷା, ଯୋଗାଯୋଗ ଠାରୁ ଆରମ୍ଭ କରି ରାଜ୍ୟ, ଜିଲ୍ଲା ଓ ବ୍ଲକ ସ୍ତରରେ ଏଥିପାଇଁ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ବାବଦକୁ କରାଯାଇଥିବା ଖର୍ଚ୍ଚ ସଂପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା।

ଯେଉଁ ହିତାଧିକାରୀମାନେ ପ୍ରଥମେ ସୁଭଦ୍ରା ସହାୟତା ପାଇଁ ପଂଜୀକରଣ କରିଥିଲେ, କିନ୍ତୁ ପଂଜୀକରଣ ପରେ ସେମାନେ ହୃଦୟଙ୍ଗମ କଲେ ବା ଜାଣିବାକୁ ପାଇଲେ ଯେ, ଏହି ସହାୟତା ପାଇବା ପାଇଁ ସେମାନେ ଯୋଗ୍ୟ ନୁହନ୍ତି ବା ପୂର୍ବରୁ ଯୋଗ୍ୟ ଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କ ପରିବାର ଆର୍ଥିକ ସ୍ୱଚ୍ଛଳ ବର୍ଗରେ ଆସୁଥିବା ଜାଣି ସେମାନେ ସୁଭଦ୍ରା ପୋର୍ଟାଲ୍‌ରେ ସହାୟତା ନ ନେବା ପାଇଁ ଅପ୍ଟ ଆଉଟ୍ କରିଛନ୍ତି ବା ସ୍ୱେଚ୍ଛାକୃତ ଭାବେ ମନା କରିଛନ୍ତି, ସେମାନଙ୍କର ଏହି ପଦକ୍ଷେପ ଯୋଗୁଁ ଅନ୍ୟ ଯୋଗ୍ୟ ହିତାଧିକାରୀ ସୁବିଧା ପାଉଛନ୍ତି, ସେ କ୍ଷେତ୍ରରେ ଅପ୍ଟ ଆଉଟ୍ କରିଥିବା ମହିଳାମାନଙ୍କୁ ସାବାସ୍ ସୁଭଦ୍ରା ଆଖ୍ୟା ଦିଆଯାଇ ସମ୍ବର୍ଦ୍ଧିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ସୁଭଦ୍ରା ସହାୟତା ପାଇଥିବା ହିତାଧିକାରୀଙ୍କ ଠାରୁ ମତାମତ ସଂଗ୍ରହ ସର୍ବେକ୍ଷଣରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ସାମିଲ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୂର୍ବରୁ ସୁଭଦ୍ରାର ପ୍ରଭାବ ସଂପର୍କରେ ମୂଲ୍ୟାୟନ କରିବା ପାଇଁ ଆଇଆଇଏମ, ସମ୍ବଲପୁର ସହିତ ରାଜ୍ୟ ସରକାରଙ୍କ ସହ ଏକ ବୁଝାମଣାପତ୍ର ସ୍ୱାରିତ ହୋଇଥିଲା। ଆଇଆଇଏମ, ସମ୍ବଲପୁରର ସହାୟତାରେ ହିତାଧିକାରୀମାନଙ୍କଠାରୁ ମତାମତ ସଂଗ୍ରହ କରିବା ପାଇଁ ସର୍ବେକ୍ଷଣରେ ମହାବିଦ୍ୟାଳୟର ବାଳିକାମାନଙ୍କୁ ସାମିଲ କରିବାକୁ ଅଜିର ବୈଠକରେ ନିଷ୍ପତ୍ତି ନିଆଯାଇଛି ସୁଭଦ୍ରା ପୋର୍ଟାଲରେ ଗ୍ରହଣ କରାଯାଇଥିବା ଅଭିଯୋଗ ଓ ସେସବୁ ସମାଧାନ ପାଇଁ କାର୍ଯ୍ୟାନୁଷ୍ଠାନ ସଂପର୍କରେ ଆଲୋଚନା କରାଯାଇଥିଲା ବର୍ତ୍ତମାନ ସୁଦ୍ଧା ଯେଉଁମାନେ ସୁଭଦ୍ରାରେ ଅନ୍ତର୍ଭୁକ୍ତ ହୋଇନାହାନ୍ତି ବା କୌଣସି କାରଣରୁ ବାଦ୍ ପଡ଼ିଛନ୍ତି, ସେମାନଙ୍କ ସଂପର୍କରେ କମିଟି ମାଧ୍ୟମରେ ତର୍ଜମା କରାଯାଇ ଏ ସଂପର୍କିତ ଅଭିଯୋଗର ସମାଧାନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସୁଭଦ୍ରା ସହାୟତା ପରିଚାଳନା ସୁବ୍ୟବସ୍ଥା ପାଇଁ କାର୍ଯ୍ୟକାରୀ ହୋଇଥିବା ସହାୟତା କେନ୍ଦ୍ର (ହେଲ୍ପ ଡେସ୍କ) ବ୍ୟବସ୍ଥାକୁ ଆଉ ୩ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ବୈଠକରେ ନିଷ୍ପ ିନିଆଯାଇଛି ଏଥି ସହିତ ସୁଭଦ୍ରା ହେଲ୍ପ ଲାଇନ ମଧ୍ୟ ଜାରି ରହିବ ଆଦିବାସୀ ଅଧୁଷିତ ଜିଲ୍ଲାଗୁଡ଼ିକରେ ସୁଭଦ୍ରା ସହାୟତା ଫଳରେ କିପରି ଗୁଣାତ୍ମକ ପ୍ରଭାବ ପଡ଼ିଛି, ସେ ସମ୍ପର୍କରେ ମୂଲ୍ୟାୟନ କରାଯିବା ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା ସୁଭଦ୍ରା ପାଇଥିବା ଯୋଗ୍ୟ ହିତାଧିକାରୀଙ୍କ ଦକ୍ଷତା ବିକାଶ, ସେମାନଙ୍କୁ ରୋଜଗାରକ୍ଷମ ଓ ଭବିଷ୍ୟତ ପନ୍ଥା ନିର୍ଦ୍ଧାରଣ ନିମନ୍ତେ ବିଭିନ୍ନ ପରାମର୍ଶ ଦେବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସହଯୋଗରେ ପ୍ରଶିକ୍ଷଣ ଦିଆଯିବା ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି।

# ପୂର୍ବତନ ବିଧାୟକଙ୍କୁ ଆକ୍ରମଣ ଘଟଣାର ଅଭିଯୁକ୍ତଙ୍କୁ ଗିରଫ ଦାବି

**ଭୁବନେଶ୍ୱର,୨୧।୪ (ମହାଭାରତ):** ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପରେ ଆକ୍ରମଣ ଘଟଣାରେ ପୋଲିସର ନିଷ୍କ୍ରିୟତା ଅଭିଯୋଗ ଆଣି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନେ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କ ସମର୍ଥକ ବୋଲି ଦଳ ଅଭିଯୋଗ କରିବା ସହିତ ଘଟଣାକୁ ସରକାର ଘଂଟ ଘୋଡାଉଛନ୍ତି ବୋଲି ବିଜୁ ଜନତା ଦଳ କହିଛି। ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ନେତା ତଥା କାର୍ଯ୍ୟକ୍ରମ ରୂପାୟନ କମିଟିର ଆବାହକ ସଞ୍ଜୟ ଦାସବର୍ମା, ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ବିଧାୟକ ବ୍ୟୋମକେଶ ରାୟ ଘଟଣାକୁ ନିନ୍ଦା କରିବା ସହିତ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବୀ କରିଥିଲେ। ଗଣ୍ଡଗୋଳ ସମୟର ଭିଡିଓ ଫୁଟେଜ ସାମ୍ବାଦିକ ସମ୍ମିଳନୀରେ ଦର୍ଶାଇବା ସହ ଗଣ୍ଡଗୋଳକାରୀ ମାନଙ୍କ ସହିତ ବିଧାୟକ ଓ ବିଜେପି ଦଳର ସମ୍ପୃକ୍ତିର ପ୍ରମାଣ ଉପସ୍ଥାପନ କରାଯାଇଥିଲା। ଶ୍ରୀ ଦାସବର୍ମା କହିଥିଲେ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଆରୁହା ଗ୍ରାମରେ ଥିବା ଏକ ମନ୍ଦିରର କାର୍ଯ୍ୟକ୍ରମରେ ଯୋଗଦେବାକୁ ଯିବାର ତିନି ଦିନ ପୂର୍ବରୁ ଗଣ୍ଡଗୋଳର ଆଶଙ୍କା କରି ସ୍ଥାନୀୟ ପୋଲିସକୁ ସୂଚନା ଦେଇଥିଲେ। ପରେ ସେଠାକୁ ଯିବା ଦିନ ଯାଜପୁର ଜିଲ୍ଲା ଏସପିଙ୍କୁ ମଧ୍ୟ ଅବଗତ କରାଇବା ସହିତ ତାଙ୍କପାଇଁ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଏସବୁ ସତ୍ତ୍ୱେ, ପୋଲିସ ଉପସ୍ଥିତିରେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା । ଏହି ଘଟଣାକୁ ଆମେ ଦୃଢ଼ ନିନ୍ଦା କରୁଛୁ।

ଗଣ୍ଡଗୋଳର ଭିଡିଓ ଫୁଟେଜ ପ୍ରଦର୍ଶନ ହେବା ପରେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ କହିଥିଲେ, ଭିଡିଓରେ ଆପଣମାନେ ସ୍ପଷ୍ଟ ଦେଖି ପାରୁଛନ୍ତି, ଧର୍ମଶାଳାର ବର୍ତ୍ତମାନର ବିଧାୟକଙ୍କ ସହିତ ଆକ୍ରମଣକାରୀମାନଙ୍କ ସଂପୃକ୍ତି ରହିଛି। ନିର୍ବାଚନ ପରେ ଧର୍ମଶାଳାରେ ବିଧାୟକଙ୍କ ନେତୃତ୍ୱରେ ସମ୍ପୃକ୍ତ ବ୍ୟକ୍ତିମାନେ ଅରାଜକତା ଚଳାଇ ଆସୁଛନ୍ତି। ପୋଲିସ କେବଳ ନୀରବଦ୍ରଷ୍ଟା ସାଜି ନାହିଁ ବରଂ ସେମାନଙ୍କୁ ସହଯୋଗ କରୁଛି। ଘଟଣାକୁ ସାତ ଆଠ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିନାହିଁ।

# ବିହାର ରାଜନୀତି

ଅସାଦୁଦ୍ଦିନ ଓୱେସିଙ୍କ ଏଆଇଏମଆଇଏମ ଏବଂ ପ୍ରଶାନ୍ତ କିଶୋରଙ୍କ ଦଳ ସ୍ୱରାଜ ପାର୍ଟୀ। ତେବେ ଏସବୁ ଦଳ ରାଜ୍ୟରେ କ୍ଷମତା ଦଖଲ କରିବ ସମ୍ଭାବନା ନାହିଁ କହିଲେ ଭୁଲ ହେବ ନି। କିନ୍ତୁ କିଛି ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀରେ ଏହିସବୁ ଦଳ ଭୋଟ ସମୀକରଣ ବଦଳାଇପାରନ୍ତି। କିନ୍ତୁ ସାମଗ୍ରୀକ ଭାବେ ନୀତିଶ କୁମାରଙ୍କ ନେତୃତ୍ୱରେ ଏନଡିଏ ଏବଂ ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧିନ ଇଣ୍ଡିଆ ବ୍ଲକ। ଇଣ୍ଡିଆ ବ୍ଲକରେ ଆରଜେଡି, କଂଗ୍ରେସ ଏବଂ ବାମପନ୍ଥୀ ଦଳ ରହିଥିବା ବେଳେ ଏନଡିଏରେ ଜେଡିୟୁ, ବିଜେପି, ଏଲଜେପି ଏବଂ ଅନ୍ୟ କିଛି ଛୋଟ ଦଳ ଅଛନ୍ତି। ଜିତନରାମ ମାନଝୀ ଏବଂ ଉପେନ୍ଦ୍ର କୁଶୱାହାଙ୍କ ଦଳ ଏହି ମେଣ୍ଟରେ ରହିଛନ୍ତି। ଯଦିଓ ଏନଡିଏରେ ବିଜେପି ସବୁଠାରୁ ବଡ଼ ଦଳ, କିନ୍ତୁ ଜେଡିୟୁ ନେତା ନୀତିଶ କୁମାର ହେଉଛନ୍ତି ବିହାରରେ ଏନଡିଏର ନେତା। ଗତ ଦୁଇ ଦଶନ୍ଧି ଧରି ବିହାରରେ ନୀତିଶଙ୍କ ନେତୃତ୍ୱରେ ଏନଡିଏ ବିଭିନ୍ନ ନିର୍ବାଚନ ଲଢ଼ି ଆସୁଛି ଏବଂ ସଫଳତା ମଧ୍ୟ ପାଉଛି। କିନ୍ତୁ ଏବେ ବିଜେପି ବିହାରରେ ବିଜେପି ନୀତିଶଙ୍କୁ ପଛକୁ ଠେଲି ଏନଡିଏର ନେତୃତ୍ୱ ନେବାକୁ ଉଦ୍ୟମ କରିବା ଅନୁଭବ କରାଯାଉଛି। ଗତ ନିର୍ବାଚନରେ ବିଜେପି ରାଜ୍ୟ ବିଧାନସଭାରେ ଜେଡିୟୁ ତୁଳନାରେ ଢେର ଅଧିକ ଆସନ ପାଇଥିଲା। କିନ୍ତୁ ମେଣ୍ଟ ଧର୍ମ ମାନି ବିଜେପି ନୀତିଶଙ୍କୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ି ଦେଇଥିଲା। ବିଜେପି କେନ୍ଦ୍ରୀୟ ନେତୃତ୍ୱ ଏବେ ବି ନୀତିଶଙ୍କ ନେତୃତ୍ୱକୁ ମାନ୍ୟତା ପ୍ରଦାନ କରୁଛନ୍ତି ଏବଂ ନୀତିଶ ହିଁ ବିହାରରେ ଏନଡିଏର ନେତା ବୋଲି ସ୍ୱୀକାର କରୁଛନ୍ତି। କିନ୍ତୁ ନିକଟରେ ବିଜେପିର ବରିଷ୍ଠ ନେତା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ କହିଛନ୍ତି ଯେ, ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ରାଜନୈତିକ ଜୀବନରୁ ଅବସର ଦେବା ପାଇଁ ତାଙ୍କୁ ଦେଶର ଉପ-ପ୍ରଧାନମନ୍ତ୍ରୀ କରାଯିବ। ସମ୍ମାନର ସହ ତାଙ୍କୁ ରାଜ୍ୟ ରାଜନୀତିରୁ ବିଦାୟ ଦେବା ପାଇଁ ଏହାଠାରୁ ବଳି ବଡ଼ ରାସ୍ତା ଆଉ କିଛି ନାହିଁ। ଯଦି ଏହା ସମ୍ଭବ ହେବ, ତେବେ ଦେଶର ଉପପ୍ରଧାନମନ୍ତ୍ରୀ ହେବାରେ ବାବୁ ଜଗଜ୍ଜୀବନ ରାମଙ୍କ ପରେ ନୀତିଶ ହେବେ ବିହାରର ଦ୍ୱିତୀୟ ନେତା। ଚୌବେ କହିଛନ୍ତି ଯେ, ଏନଡିଏ ଗଠନ ଏବଂ ଏହାକୁ ସୁଦୃଢ଼ କରିବାରେ ନୀତିଶଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏଥିପାଇଁ ସେ ଦେଶର ଉପ-ପ୍ରଧାନମନ୍ତ୍ରୀ ହେବାକୁ ହକଦାର। କିନ୍ତୁ ଅସଲ କଥା ହେଲା ଏଥର ବିହାରରେ ନୀତିଶଙ୍କ ନେତୃତ୍ୱରେ ଏନଡିଏ ଜିତିବା ସମ୍ଭାବନା କମ। କାରଣ ନୀତିଶ ବହୁ ବର୍ଷ ହେବ ବିହାର ମୁଖ୍ୟମନ୍ତ୍ରୀ ପଦରେ ରହିଆସିଛନ୍ତି। ଏବେ ବିହାରରେ ପରିବର୍ତ୍ତନ ସପକ୍ଷରେ ଜନମତ ଥିବା କୁହାଯାଉଛି। ନୀତିଶଙ୍କ ନେତୃତ୍ୱରେ ବିହାରରେ ଏନଡିଏ ଏଥର ଜିତିବା କଷ୍ଟକର। ଦ୍ୱିତୀୟରେ ବିହାରରେ ଏବେ ବିଜେପି ମୁଖ୍ୟମନ୍ତ୍ରୀ ପଦ ଉପରେ ଆଖି ରଖିଛି । ବିହାରରେ ଏନଡିଏ ଯଦି ସଂଖ୍ୟାଗରିଷ୍ଠତା ହାସଲ କରିବ ତେବେ ବିଜେପି ଆଉ ଉପ-ମୁଖ୍ୟମନ୍ତ୍ରୀ ନୁହେଁ, ମୁଖ୍ୟମନ୍ତ୍ରୀ ପଦ ଅକ୍ତିଆର କରିବାକୁ ଲକ୍ଷ୍ୟ ରଖିଛି। ଜେଡିୟୁରେ ନୀତିଶଙ୍କ ପରେ ଆଉ କେହି ସେଭଳି ନେତା ନାହାଁନ୍ତି ଯିଏ ନୀତିଶଙ୍କ ବିକଳ୍ପ ହୋଇପାରିବ। ସେହିପରି ବିଜେପିରେ ମଧ୍ୟ କେହି ଜଣେ ସେପରି ନେତା ନାହାଁନ୍ତି ଯାହାକୁ ଦଳ ପକ୍ଷରୁ ରାଜ୍ୟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯାଇ ଭୋଟ ସଂଗ୍ରହ କରାଯାଇପାରିବ। ତେଣୁ ନିର୍ବାଚନରେ ଏନଡିଏ ନୀତିଶଙ୍କ ନେତୃତ୍ୱରେ ଲଢ଼ିବା ସୁନିଶ୍ଚିତ। କିନ୍ତୁ ନିର୍ବାଚନ ପରେ ନୀତିଶଙ୍କୁ କେନ୍ଦ୍ରୀୟ ରାଜନୀତିକୁ ଆଣି ଦେଶର ଉପ-ପ୍ରଧାନମନ୍ତ୍ରୀ କରାଯାଇପାରେ।

# ପାକ୍ ଓ ଜମାତର ଭାରତ ବିରୋଧୀ ପ୍ରଚ୍ଛର

॥ ସୌମେନ୍ଦ୍ର ଜେନା ॥

> “ ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧ୍ୟମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି ।

ମଣିଷ ପ୍ରାକୃତିକ ଭାବେ ବଂଚିବା ଲକ୍ଷରେ କେବଳ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ବ୍ୟତୀତ କେତେବେଳେ କିଛି ଆନନ୍ଦ ଉପଭୋଗ କରିବା ପାଇଁ ଅତ୍ୟଧିକ ଖର୍ଚ୍ଚ କରିବାକୁ ପଡିଥାଏ । ଖାଦ୍ୟ ବସ୍ତ୍ର ଏବଂ ବାସଗୃହର ସଞ୍ଜ୍ଞା ଦୁଇଟି ପରିବାର ପାଇଁ ସମାନ ହୋଇଥବା ବେଳେ ଆନନ୍ଦ ଉପଭୋଗର ସଂଜ୍ଞାରେ ବ୍ୟାପକ ଅନ୍ତର ପରିଲକ୍ଷିତ ହୋଇଥାଏ ଦୁଇଟି ପରିବାର ମଧରେ । ଆଉ କେବଳ ଏହି ଆନନ୍ଦ ପାଇଁ ସାଧାରଣ ନିର୍ବୋଧ ଅହେତୁକ ଭାବେ ଲୁଣ୍ଠନର ଶିକାର ହୋଇ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ବ୍ୟପାରୀ ସେମାନଙ୍କ ଠାରୁ ହାତେଇବାରେ ସମର୍ଥ ହୋଇଥା'ନ୍ତି । କେଉଁ କେଉଁ ମାର୍ଗରେ ବ୍ୟପାରୀ ସମାଜରୁ ଅର୍ଥ ଆଦାୟ ପୂର୍ବକ ସାଧାରଣ ନିର୍ବୋଧଙ୍କୁ ଦୁଃଖରେ ବଂଚିବାକୁ ସୁଯୋଗ ସୃଷ୍ଟି କରନ୍ତି ତର୍ଜମା କରିବା...

ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧ୍ୟମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି । ବ୍ୟକ୍ତିଗତ ଗମନାଗମନ ବ୍ୟବସ୍ଥା ପାଇଁ ଅକାରଣରେ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ସେମାନଙ୍କ ଦେଖାଣିଆ ଭାବକୁ କିଂଚିତ ଆତ୍ମତୃପ୍ତି ପ୍ରଦାନ କରୁଥିବା ବେଳେ ସେମିତି କୌଣସି ସାମାଜିକ ମାନ୍ୟତା ନଥାଇ ମଧ ବ୍ୟାପକ ଅର୍ଥ ବ୍ୟୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଅତ୍ୟନ୍ତ ସରଳ ସୂତ୍ରରେ ନିର୍ବାହ କରିଥା'ନ୍ତି ଖୁବ୍ କମ୍ ଖର୍ଚ୍ଚ ମାଧମରେ । ବାହାରେ ଖାଦ୍ୟ ଖାଇବା ତଥା ଦେଖାଣିଆ ଭାବେ ସମାଜରେ ନିଜକୁ ପ୍ରତିଷ୍ଠିତ କରିବା ଚିନ୍ତନ କାରଣରୁ ଅଜସ୍ର ଅର୍ଥ କ୍ଷୟ କରିବା ସହିତ ବ୍ୟାପକ ଅସାଧ ରୋଗ କ୍ରୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଆଦୌ କରନ୍ତି ନାହିଁ । ନିସାଗ୍ରସ୍ଥ ହୋଇ ଜୀବନର ଆର୍ଥିକ ରୋଜଗାରର ଏକ ତୃତୀୟାଂଶ କିମ୍ବା ତାହାଠାରୁ ଅଧିକ ଖର୍ଚ୍ଚ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ଏକ ଆଲୋଚ୍ୟ ବିଷୟ ହୋଇ ରହିଯାଇଥାଏ କେବଳ । ଏହିଭଳି ଅନେକ କୃତିମ ଅମାନୁଷିକ ଆଚରଣ ଜନିତ ବ୍ୟାପକ ରୋଗ ଅର୍ଜିବା ଏବଂ ତାହାର ପ୍ରତିକାର ପାଇଁ ଘରୋଇ ଚିକିତ୍ସାଳୟରେ ଆଶାତୀତ ଖର୍ଚ୍ଚାନ୍ତର ଶିକାର ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହା ପ୍ରଥମ ପରିବାର କରନ୍ତି ନାହିଁ, କାରଣ ସେମାନଙ୍କୁ ଏହିଭଳି କୌଣସି ବୃହତ୍ତକାୟ ରୋଗ ଶିକାର କରିପାରେ ନାହିଁ । ଏମିତି ଆହୁରି ଅନେକ ଅନୈତିକ କାର୍ଯ୍ୟରେ ନିଜର ରୋଜଗାର ଅର୍ଥକୁ ଅକାରଣରେ ନିୟୋଜିତ କରି ଅଭାବର ଶିକାର ହୋଇ ଅସାମାଜିକ କାର୍ଯ୍ୟ କରି ବ୍ୟାପକ ଅର୍ଥ ହାତେଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହାଙ୍କ ସେହି ରୋଜଗାରକୁ ବିଭିନ୍ନ ମହଲରେ ବ୍ୟପାରୀ ସ୍ତର ସ୍ତର କରି ପରୋକ୍ଷରେ ଲୁଣ୍ଠନ କରିଥା'ନ୍ତି ଏବଂ ସେମାନେ ସବୁବେଳେ କେବଳ ଦୁଃଖରେ ହିଁ କାଳାତିପାତ କରିଥା'ନ୍ତି କେତେ ରୋଜଗାର କଲେ ମଧ । କି'ନ୍ତୁ ପ୍ରଥମ ପରିବାରଟି ଏହିସବୁ ମାୟାରୁ ନିବୃତ୍ତ ରହି ନିଜକୁ ଏକ ସନ୍ତୁଳିତ ଅବସ୍ଥାରେ ରଖି ସୁଖରେ କାଳାତିପାତ କରିବାରେ ସମର୍ଥ ହୋଇଥା'ନ୍ତି ।

ବିଭିନ୍ନ ଅନ୍ୟାନ୍ୟ ମାଧ୍ୟମ ଗୁଡିକ ମଧରେ ନିଜକୁ ଅତିମାନବର ପରିଚୟ ପ୍ରଦାନ କରିବା ଲକ୍ଷ ରଖି ସାମାଜିକ ସ୍ତରରେ କେତେଯେ ଅନାବଶ୍ୟକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ତାହାର ପରିକଳ୍ପନା କରିବା କଷ୍ଟ । ଉଦାହରଣ ସ୍ୱରୂପ ନିଜର ବଡ଼ିମା ଦେଖାଇବା ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ଗୁଡିଏ ବ୍ୟବହାର କରିଥା'ନ୍ତି ଯାହା କେତେବେଳେ ଖାଦ୍ୟ ପଦାର୍ଥ ତ ଆଉ କେତେବେଳେ ଶାରୀରିକ ବାହ୍ୟ ପ୍ରୟୋଗ ହୋଇଥାଏ ଯାହା ସବୁ ଅସମ୍ଭବ ଦରରେ ବିକ୍ରି ହୋଇଥାଏ ବଜାରରେ ବ୍ୟପାରୀଙ୍କ ଦ୍ୱାରା ଯାହା ବ୍ୟବହାର କରି କେବଳ ଖର୍ଚ୍ଚାନ୍ତ ହେବାକୁ ପଡ଼ିନଥାଏ ବରଂ ଅସଂଖ୍ୟ ରୋଗ ସୃଷ୍ଟି କରିଥାଏ ସେହିସବୁ ରାସାୟନିକ ଦ୍ରବ୍ୟ ଗୁଡିକ ଯାହା ନିର୍ବୋଧ ଶିକ୍ଷିତ ଆଦୌ ଜାଣିପାରନ୍ତି ନାହିଁ । ପ୍ରଥମ ପରିବାର କି'ନ୍ତୁ ସେଗୁଡିକୁ ଆଦୌ ଦେଖନ୍ତି ନାହିଁ କିମ୍ବା ତାହା ବିଷୟରେ କୌଣସି ଅନୁଶୋଚନା ରହିନଥାଏ ସେମାନଙ୍କର ଯାହା ସେମାନଙ୍କୁ ସୁଖରେ ବଂଚିବା ପାଇଁ ସୁଯୋଗ ଦେଇଥାଏ । ଦୁରବାର୍ତ୍ତା, ଦୂରଦର୍ଶନ, ନାଚ, ଗୀତ, କ୍ରୀଡା ଭଳି ମନୋରଂଜନକାରୀ ବ୍ୟବହାର ଯେତିକି ମାତ୍ରାରେ ଆର୍ଥିକ ଶୋଷଣ କରିଥାଏ ସମାଜରୁ ଅକଳନିୟ ! ଏଗୁଡିକ ଜଣେ ମଣିଷ ଜୀବନ ବଂଚିବା ଶୈଳୀରେ କୌଣସି ଅତ୍ୟାଶ୍ୟକତା ରଖିନଥିବା ବେଳେ କେବଳ ସାମାଜିକ ପ୍ରହେଳିକା କାରଣରୁ ନିଜକୁ ସର୍ବାଗ୍ରେ ରଖିବା ଲକ୍ଷ ରଖି ଯେତିକି ଅର୍ଥ ନଷ୍ଟ କରିଥା'ନ୍ତି ସାଧାରଣ ନିର୍ବୋଧ ତାହାର ହିସାବ ଦେଲେ ହୁଏତ ମଣିଷ ବେହୋସ ହୋଇଯିବ ଯାହା ସବୁ ବ୍ୟପାରୀ ବିଭିନ୍ନ ମାଧ୍ୟମରେ ଲୁଟି ନେଇଥା'ନ୍ତି ଲୋକଙ୍କ ଠାରୁ । ବସ୍ତ୍ର, ବାସଗୃହ, ଉପକରଣ ତଥା ଖାଦ୍ୟ ପଦାର୍ଥ ଗୁଡିକର ଅତ୍ୟାଧୁନିକରଣ ଜନିତ ଅନାବଶ୍ୟକ ପଦାର୍ଥ ଗୁଡିକୁ ଅହେତୁକ ଭାବେ ଜୀବନ ଶୈଳୀରେ ଯୋଡ଼ିଦେଇ ବ୍ୟାପକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ଯାହାସବୁ କେବଳ ବିଭିନ୍ନ ପ୍ରଚାର ପ୍ରସାର ଜନିତ ଅଜ୍ଞତା ଜଡିତ ବ୍ୟବହାର କରିଥା'ନ୍ତି ନିର୍ବୋଧ ଏବଂ ପରୋକ୍ଷରେ ଆର୍ଥିକ ଭାରାକ୍ରାନ୍ତ ହୋଇ ଦୁଖଦଃ ପରିସ୍ଥିତି ସୃଷ୍ଟି କରିଥା'ନ୍ତି ନିଜକୁ ନିଜେ । ଏହିଭଳି ବ୍ୟାପକ କାରଣ ଜନିତ ଖର୍ଚ୍ଚାନ୍ତ ହୋଇଥା'ନ୍ତି ସାଧାରଣ ନିର୍ବୋଧ ଶିକ୍ଷିତ କିମ୍ବା ଅନ୍ୟାନ୍ୟ ଧନୀକ ଗୋଷ୍ଠୀର ମଣିଷ ଯାହା ସବୁ କୌଣସି ପ୍ରକାରେ ଜଣେ ପ୍ରାକୃତିକ ମଣିଷର ଅତ୍ୟାବଶ୍ୟକ ହୋଇନଥାଇ କେବଳ ସାମାଜିକ ପ୍ରହେଳିକା କାରଣରୁ । ସେସବୁ ହେତୁ ଅହେତୁକ ଭାବେ ନିଜକୁ ପଥଭ୍ରଷ୍ଟ କରି ବ୍ୟପାରୀଙ୍କ ଲୁଣ୍ଠନର ଶିକାର ହୋଇ ନିଜର ଆର୍ଥିକ ରୋଜଗାରକୁ ନଷ୍ଟ କରି ସମାଜରେ ଅନୈତିକ ଉପାୟରେ ଅର୍ଥ ଆଦାୟ କରି ନିଜକୁ ଦୁଃଖୀ କରି ବଞ୍ଚିଥା'ନ୍ତି ଜୀବନ ସାରା ଯାହା ପ୍ରଥମ ପରିବାର ନକରି ଆନନ୍ଦରେ ରହିଥା'ନ୍ତି । ଏମିତିକି କୌଣସି ନିଦର୍ଶନ ବିହନ କେବଳ କୁହେଳିକା ଜନିତ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ବିଷୟ ଗୁଡିକ ମାଧ୍ୟମରେ ସାଧାରଣ ମଣିଷ ସମୂହ ଯାହା ସବୁ ସାମାଜିକ ଖର୍ଚ୍ଚ କରିଥା'ନ୍ତି ସେଗୁଡିକୁ ବର୍ଜନ କରି ମଧ ଜଣେ ମଣିଷ ନିଜକୁ ସୁଖ ଶାନ୍ତିରେ ବଂଚିବା ସହିତ ଆନନ୍ଦରେ ଶେଷ ନିଶ୍ୱାସ ତ୍ୟାଗ କରିପାରିବ ଜୀବନ ଶେଷରେ ଯାହାର ସଞ୍ଜ୍ଞା ବୁଝାପଡୁନାହିଁ କାହାକୁ ଆଜିର ବ୍ୟପାରୀଙ୍କ ପ୍ରଚାର ଜନିତ କରାଳତା କାରଣରୁ । ନିଜର ପରିଚୟ ନପାଇ କେବଳ ଅନ୍ୟର ପ୍ରରୋଚନାରେ ନିଜକୁ ସର୍ବାଗ୍ରେ ସ୍ଥାପନ କରିବା ଲକ୍ଷ ରଖି ଯାହାସବୁ କରୁଛନ୍ତି ସାଧାରଣ ନିର୍ବୋଧ ସେଗୁଡିକର କୌଣସି ପ୍ରାକୃତିକ ସଞ୍ଜ୍ଞା ନାହିଁ ।

ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

# ଡାକ୍ତର ଫ୍ୟାକ୍ଟ୍ରି

॥ ସମ୍ବିତ ସାଇ ନାରାୟଣ ଭୂୟାଁ ॥

ଡାକ୍ତରୀ ଶିକ୍ଷା (କିମ୍ବା ଡିଗ୍ରୀ) ଲାଭ କରିବା ପାଇଁ ଭାରତୀୟ ଛାତ୍ରଛାତ୍ରୀମାନଙ୍କର ଏପରି ବିପୁଳ ସଂଖ୍ୟାରେ ବିଦେଶ ଗମନ ପଛରେ ଯେଉଁ ଦୁଇଟି କାରଣ ନିହିତ ଅଛି ବୋଲି କୁହାଯାଉଛି, ତାହା ହେଲା ଭାରତରେ ଯଥେଷ୍ଟ ସଂଖ୍ୟକ ମେଡ଼ିକାଲ କଲେଜ ଓ ସିଟର ଅଭାବ ଏବଂ ଏଠାରେ ଡାକ୍ତରୀ ଶିକ୍ଷା ଲାଭ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ବହନ କରିବାକୁ ପଡୁଥିବା ଆକାଶଛୁଆଁ ଫି ଓ ଅନ୍ୟାନ୍ୟ ଖର୍ଚ୍ଚ। ଏ ସମ୍ପର୍କରେ ଏକ ସମ୍ୟକ ଧାରଣା ପାଇବା ପାଇଁ ଏ ସମ୍ପର୍କିତ ଏହି ପରିସଂଖ୍ୟାନ ଦ୍ରଷ୍ଟବ୍ୟ। ଏସବୁ ସୁସ୍ପଷ୍ଟ ହୋଇଯାଇଛି ଋଷ, ୟୁକ୍ରେନ ଯୁଦ୍ଧ ସଂଘଠିତ ହେବା ପରେ। ଆମ ଦେଶରେ ପ୍ରତି ବର୍ଷ ଡାକ୍ତରୀ ଶିକ୍ଷାରେ ସ୍ନାତକ ସ୍ତରୀୟ ଡିଗ୍ରି ହାସଲ ପାଇଁ ବିଭିନ୍ନ କଲେଜମାନଙ୍କରେ ଉପଲବ୍ଧି ସିଟ (ଅର୍ଥାତ ଅଣ୍ଡରଗ୍ରାଜୁଏଟ ମେଡ଼ିକାଲ ସିଟ) ସଂଖ୍ୟା ହେଉଛି ପ୍ରାୟ ୯୦,୦୦୦ ମାତ୍ର (ଏକ ଲକ୍ଷରୁ କମ)। କିନ୍ତୁ ଏହା ପାଇବା ପାଇଁ ଯୋଗ୍ୟତା ସାବ୍ୟସ୍ତ କରିବାକୁ ଥିବା 'ନିଟ୍' ପରୀକ୍ଷାରେ ୧୬ ଲକ୍ଷରୁ ଅଧିକ ଆଶାୟୀ ପ୍ରାର୍ଥୀ ଅଂଶ ଗ୍ରହଣ କରିଥାନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ଅଧାରୁ ଅଳ୍ପ ଅଧିକ, ପ୍ରାୟ ୮.୫ ଲକ୍ଷ ପ୍ରାର୍ଥୀ ଯୋଗ୍ୟତା ମାନ୍ୟତା ତାଲିକାରେ ସ୍ଥାନ ପାଇଥାନ୍ତି।

ଘରୋଇ ମେଡ଼ିକାଲ କଲେଜରେ ସରକାରୀ କୋଟା ଅନ୍ତର୍ଗତ ସିଟ ଟିଏ ପାଇଲେ ମଧ୍ୟ ତଥାପି ତାହା ଏପରି ବ୍ୟୟ ବହୁଳ ହୋଇଥାଏ ଯେ ସାଧାରଣ ପରିବାରର ପିଲାଟିଏ ପାଇଁ ତାହା ପହୁଞ୍ଚ ବାହାରେ ହୋଇଥାଏ। ଏପରି ଘରୋଇ କଲେଜରେ ଡାକ୍ତରୀ ଶିକ୍ଷା ଲାଭ ପାଇଁ ଆବଶ୍ୟକ ଖର୍ଚ୍ଚ ଅନ୍ୟୁନ ଏକ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ହୋଇଥାଏ। ଏପରିସ୍ଥଳେ ଏହି ବ୍ୟବସ୍ଥାର ଏକ ବିକୃତି ପରିସ୍ଫୁଟ ହେବା ଦେଖାଯାଇଥାଏ। ଯୋଗ୍ୟତା ତାଲିକାର ଅପେକ୍ଷାକୃତ ଉପରେ ଥିବା ମେଧାବୀ ଛାତ୍ରଟିଏ ଯଦି ଅସ୍ୱଚ୍ଛଳ ପରିବାରର ପିଲା ହୋଇଥାଏ ଓ ତେଣୁ ତାକୁ ମିଳୁଥିବା ସିଟ ଗ୍ରହଣ କରିବାକୁ ସେ ଅକ୍ଷମ ହୁଏ, ତାହେଲେ ତାଲିକାର ତଳେ ଥିବା ମେଧାହୀନ କିନ୍ତୁ ଧନବାନ କୌଣସି ଏକ ପିଲାଟି ସେ ସିଟ ଦଖଲ କରିନିଏ। ଅତ୍ୟନ୍ତ ନୀଚା କଟ ଅଫ ମାର୍କ ଯେ ଏହି ବିକୃତି ସୃଷ୍ଟିରେ ସହାୟକ ହୋଇଥାଏ, ତାହା ସୂଚାଇବା ନିଷ୍ପ୍ରୟୋଜନ।

ତଥ୍ୟ କହୁଛି ଭାରତରେ ମେଡ଼ିକାଲ ସିଟ ସଂଖ୍ୟା ପାଖାପାଖି ୧ ଲକ୍ଷ ୨୦ ହଜାର। ସେଥି ମଧ୍ୟରୁ ଏମବିବିଏସ ସିଟ ସଂଖ୍ୟା ଦେଖାବାକୁ ଗଲେ ପ୍ରାୟ ୮୩ ହଜାର। ୨୮୭ଟି ସରକାରୀ ଓ ୨୬୩ଟି ଘରୋଇ ମେଡ଼ିକାଲ କଲେଜକୁ ମିଶାଇ ୫୪୧ କଲେଜରେ ମୋଟ ୮୨ ହଜାର ୯୨୬ଟି ଏମବିବିଏସ ସିଟ ଉପଲବ୍ଧ ଅଛି। ହେଲେ ଡାକ୍ତରୀ ନାମ ଲେଖା ପାଇଁ ପ୍ରତିବର୍ଷ ୧୫ ଲକ୍ଷରୁ ଅଧିକ ଛାତ୍ରଛାତ୍ର ନଟ ପଞ୍ଜୀକରଣ କରୁଛନ୍ତି। ଓଡ଼ିଶାରେ ମଧ୍ୟ ସମାନ ଅବସ୍ଥା। ଓଜେଇର ୧୪୬୬ ମେଡ଼ିକାଲ ସିଟ ପାଇଁ କାଉନସେଲିଂ କରୁଥିବାବେଳେ ରାଜ୍ୟରେ ଆଶାୟୀଙ୍କ ସଂଖ୍ୟା ୧୦ ହଜାରରୁ ଅଧିକ। ସରକାରୀ ମେଡ଼ିକାଲ ସିଟ ପାଇବାରୁ ବଞ୍ଚିତ ଛାତ୍ରଛାତ୍ରୀ ଯଦିଓ ଘରୋଇ ମେଡ଼ିକାଲ କଲେଜରେ ନାମ ଲେଖା ପାଇଁ ଆଶା ରଖୁଛନ୍ତି। ମାତ୍ର ଘରୋଇ କଲେଜର କୋର୍ସ ଫି ବହନ କରିବା ସେମାନଙ୍କ ଅଭିଭାବକଙ୍କ ପାଇଁ ସମ୍ଭବପର ହେଉନି। ତେଣୁ ଦେଶର ଅଧିକାଂଶ ଛାତ୍ରଛାତ୍ରୀ ୟୁକ୍ରେନ, ରୁଷିଆ, ନେପାଳ ଆଦି ଦେଶରେ ମେଡ଼ିକାଲ ପଢ଼ିବା ପାଇଁ ଯାଉଛନ୍ତି। ମିଳିଥିବା ସୂଚନା ଅନୁସାରେ ୟୁକ୍ରେନର ଏକ ମେଡ଼ିକାଲ କଲେଜରେ ଏମବିବିଏସ ପଢ଼ିବା ପାଇଁ ବାର୍ଷିକ ହାରାହାରି ୪ ହଜାର ୫ଶହ ୟୁକ୍ରେନ ଡଲାର ଖର୍ଚ୍ଚ ହେଉଛି। ଯାହାକି ଭାରତୀୟ ମୁଦ୍ରାରେ ଅନୁମାନିକ ୩ ଲକ୍ଷ ୩୦ ହଜାର ଟଙ୍କା। ତେବେ ସେଠାରେ ଛାତ୍ରଛାତ୍ରୀ ୬ ବର୍ଷ ଧରି ଏମବିବିଏସ ପଢ଼ିଥାନ୍ତି। ଏଥିପାଇଁ ସେମାନଙ୍କୁ ସମୁଦାୟ ୧୮ରୁ ୨୦ ଲକ୍ଷ ଟଙ୍କା ସର୍ବାଧିକ ଖର୍ଚ୍ଚ କରିବାକୁ ପଡ଼େ। ହେଲେ ଭାରତରେ ଏପରିକି ଓଡ଼ିଶାରେ ମଧ୍ୟ ଘରୋଇ କଲେଜରେ ମେଡ଼ିକାଲ ପଢ଼ିବା ପାଇଁ ପିଲାଙ୍କୁ ବାର୍ଷିକ ହାରାହାରି ୧୨ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଦେଖିବାକୁ ଗଲେ ଭାରତରେ ୪ ବର୍ଷରେ ଏମବିବିଏସ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥ ରାଶିର ୪୦ ପ୍ରତିଶତରୁ କମ ଅର୍ଥାତ ଅଧା ଖର୍ଚ୍ଚରେ ପିଲାମାନେ ଏମବିବିଏସ ପଢ଼ିବାରେ ସକ୍ଷମ ହେଉଛନ୍ତି। ତେଣୁ ଦେଶର ଅଧିକାଂଶ ଛାତ୍ର ଏଠାକୁ ଡାକ୍ତରୀ ପଢ଼ିବା ପାଇଁ ଯାଇଥାନ୍ତି। ରୁଷିଆରେ ମଧ୍ୟ ଏମବିବିଏସ ପଢ଼ିବା ପାଇଁ ୨୦ରୁ ୨୨ ଲକ୍ଷ ଟଙ୍କା ମଧ୍ୟରେ ଖର୍ଚ୍ଚ ହୁଏ। ସେହିପରି ବିଦେଶରେ ମଧ୍ୟ କୌଣସି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୁଏ ନାହିଁ। ମେଡ଼ିକାଲ କଲେଜରେ ସିଟ ଗୁଡ଼ିକ ସଂଖ୍ୟା ମଧ୍ୟ ଯଥେଷ୍ଟ ଅଧିକ। ଅନ୍ୟପକ୍ଷରେ ବିଦେଶରେ ଏମବିବିଏସ ପଢ଼ି ଭାରତ ଫେରୁଥିବା ଡାକ୍ତରଙ୍କୁ ସିଧାସଳଖ ଚିକିତ୍ସା ତଥା ପ୍ରାକ୍ଟିସ (ଡାକ୍ତରୀ ଅଭ୍ୟାସ) ପାଇଁ ସୁଯୋଗ ମିଳିନଥାଏ। ଏଥିପାଇଁ ସେମାନଙ୍କୁ ଏମ୍ଏମଜିଇ (ଫରେନ ମେଡ଼ିକାଲ ଗ୍ରାଜୁଏଟ ଏକଜାମିନେସନ)ରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ। ତେବେ ବିଦେଶର ମେଡ଼ିକାଲ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ଏମସିଆଇ (ମେଡ଼ିକାଲ କାଉନସିଲ ଅଫ ଇଣ୍ଡିଆ) ଅନୁମୋଦିତ ହୋଇଥିବା ଜରୁରୀ। ବିଦେଶରେ ଏମବିବିଏସ ଅଧ୍ୟୟନ କରିବା ଖର୍ଚ୍ଚ ଭାରତ ତୁଳନାରେ ଯଥେଷ୍ଟ କମ। ପ୍ରତିବର୍ଷ ୧୬ ଲକ୍ଷ ପିଲା ନିଟ ପରୀକ୍ଷା ଦେଉଥିବାବେଳେ ୮ ଲକ୍ଷ କୃତକାର୍ଯ୍ୟ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୧ ଲକ୍ଷ ପିଲାଙ୍କୁ ସିଟ ମିଳୁଛି। ବଳକା ପିଲା ବିଦେଶରେ ଡାକ୍ତରୀ ପଢ଼ିବାକୁ ପସନ୍ଦ କରୁଛନ୍ତି। ହେଲେ ବିଡ଼ମ୍ବନାର ବିଷୟ ହେଉଛି ମାତ୍ର ୭ରୁ ୮ ପ୍ରତିଶତ ପିଲା ଏଫଏମଜିଇରେ କୃତକାର୍ଯ୍ୟ ହେଉଛନ୍ତି। ବିଦେଶରେ ଡାକ୍ତରୀ ପଢ଼ି ମଧ୍ୟ ଛାତ୍ରଛାତ୍ରୀ ସରକାରୀ ଚାକିରି କରିପାରିବେ। ଏଥିପାଇଁ ସେମାନଙ୍କୁ ଏଫଏମଜିଇରେ ଉତ୍ତୀର୍ଣ୍ଣ ହେବା ସହ ଭାରତରେ ପିଜି କରିବାକୁ ହୋଇଥାଏ। କମ ଖର୍ଚ୍ଚ ଓ ସିଟ ପାଇବା ପାଇଁ ହିଁ ପିଲାମାନେ ବିଦେଶ ଯାଇଥାନ୍ତି।

ଏକ ଜନକଲ୍ୟାଣ ରାଷ୍ଟ୍ରର ଯଦି ସର୍ବନିମ୍ନ ମୌଳିକ କର୍ତ୍ତବ୍ୟ ବୋଲି କିଛି ଥାଏ, ତାହା ହେଉଛି ନାଗରିମାନଙ୍କୁ ଉଚ୍ଚ ମାନର ନିଃଶୁଳ୍କ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଓ ଶିକ୍ଷାସେବା ପ୍ରଦାନ। ୧୯୮୦ ଦଶକ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ଏଠାରେ ରାଷ୍ଟ୍ରର ଦାୟିତ୍ୱ ହୋଇ ରହିଥିଲା। ତା ପର ଠାରୁ ଏଠାରେ ସ୍ୱାସ୍ଥ୍ୟସେବା ଏକ ଘରୋଇ ବ୍ୟବସାୟରେ ପରିଣତ ହେବା ସହିତ ଡାକ୍ତରୀ ଶିକ୍ଷା ମଧ୍ୟ ତାହା ହୋଇଯାଇଛି। ସରକାର କ୍ୟୁବା ଭଳି ଦେଶରେ ଅନୁସୃତ ମଡ଼େଲ କିମ୍ବା ଅନ୍ତତଃ ବ୍ରିଟେନର ଏନଏଚଏସ ଜାତୀୟ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମଡ଼େଲ ରୂପେ ଗ୍ରହଣ କରି ଏଠାରେ ନାଗରିକମାନଙ୍କୁ ସିଧାସଳଖ ବ୍ୟୟଶୂନ୍ୟ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ବହୁ ସଂଖ୍ୟକ ସରକାରୀ ମେଡ଼ିକାଲ କଲେଜମାନ ସ୍ଥାପନ କରି ସୁଦକ୍ଷ ଡାକ୍ତର ମାନଙ୍କୁ ପ୍ରସ୍ତୁତ କରିବାରେ ରାଷ୍ଟ୍ରର ସମ୍ବଳ ବିନିଯୋଗକୁ ସାଲିସହୀନ ପ୍ରାଥମିକତା ପ୍ରଦାନ କରନ୍ତୁ।

ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର

# ଚାରି ପ୍ରକାରର ଜୀବନ

॥ ଶ୍ୟାମ ସୁନ୍ଦର ସାମଲ॥

ଜଗତରେ ମନୁଷ୍ୟର ଜୀବନ ଚାରି ପ୍ରକାର ଦେଖିବାକୁ ମିଳେ । ତାହା ହେଉଛି ନିକୃଷ୍ଟ ଜୀବନ, ସାମାନ୍ୟ ଜୀବନ, ସଫଳ ଜୀବନ ତଥା ମହତ୍ତ୍ୱପୂର୍ଣ୍ଣ ଜୀବନ । ଅପରାଧରେ ଲିପ୍ତ ରହୁଥିବା ନରାଧମଙ୍କ ଜୀବନ ନିକୃଷ୍ଟ ଜୀବନ । ଏଭଳି ବ୍ୟକ୍ତି ନିଜର ନୀଚ କର୍ମ ଦ୍ୱାରା ନିଜର ଜୀବନ ବ୍ୟର୍ଥ କରିଥାନ୍ତି ତଥା ଅନ୍ୟର ଜୀବନରେ ଅନେକ ପ୍ରକାର ସମସ୍ୟା ସୃଷ୍ଟି କରନ୍ତି । ଏହିଭଳି ବ୍ୟକ୍ତି ସମାଜ ପାଇଁ ଅମଙ୍ଗଳକାରକ । ତେଣୁ ଏହି ବ୍ୟକ୍ତିଙ୍କୁ ସମାଜ ହେୟ ଦୃଷ୍ଟିରେ ଦେଖିଥାଏ । ନିଜର ତଥା ନିଜ ପରିବାରକୁ ଉଚିତ ବୃତ୍ତି ଉପାୟରେ ଭରଣ ପୋଷଣ କରୁଥିବା ଏବଂ ସାମାନ୍ୟ ଜୀବନ ଅତିବାହିତ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ପେଟ ପାଇଁ କାମ କରିବା ଏହି ଧରରଣର ଲୋକଙ୍କ ମୁଖ୍ୟ ଉଦ୍ଦେଶ୍ୟ । ମୋଟ ଉପରେ କହିଲେ ନିଜର ତଥା ନିଜ ପରିବାରର ଭରଣପୋଷଣ ପାଇଁ ଏଭଳି ଲୋକ୍ ଖୁବ୍ କମ୍ ଭୁଲ କାର୍ଯ୍ୟ କରନ୍ତି । ଏହିଭଳି ବ୍ୟକ୍ତି ସାମାନ୍ୟ ଜୀବନଯାପନ କରୁଥିବା ଶ୍ରେଣୀରେ ଆସିଥାନ୍ତି ।

ସାମାନ୍ୟ ଜୀବନ ଯାପନ କରୁଥିଲେ ହେଁ କୌଣସି କ୍ଷେତ୍ରରେ ବିଶେଷ ଉପଲବ୍ଧି ଅର୍ଜନ କରିଥିବା ଲୋକଙ୍କ ଜୀବନକୁ ସଫଳ ଜୀବନ କୁହାଯାଏ । କିଛି ଦିନ ପର୍ଯ୍ୟନ୍ତ ସମାଜ ତାଙ୍କୁ ମନେରଖେ । ତାଙ୍କଠାରୁ କୌଣସି ବ୍ୟକ୍ତି ସଫଳତା ଅର୍ଜନ କଲେ ଉକ୍ତ ବ୍ୟକ୍ତିର ସଫଳତା ନ୍ୟୂନ ହୋଇଯାଏ । ଏହିଭଳି ବ୍ୟକ୍ତି ସଫଳ ଜୀବନ ଅତିବାହିତ କରୁଥିବା ବର୍ଗରେ ଆସିଥାନ୍ତି । ଯେଉଁ ବ୍ୟକ୍ତି ଅନ୍ୟର ଦୁଃଖକୁ ଦୂର କରିବାରେ ସଂପୃକ୍ତ ରହିଥାନ୍ତି, ନିଜର ଦୁଃଖକୁ ଖାତିର କରନ୍ତି ନାହିଁ, 'ବହୁଜନ ହିତାୟ ବହୁଜନ ସୁଖାୟ'କୁ ଆଧାର ଭାବେ ଗ୍ରହଣ କରି ଯିଏ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଶ୍ୱମଙ୍ଗଳ ପ୍ରକ୍ରିୟାରେ ଜଡ଼ିତ ହୋଇଯାଏ ସେ ମହତ୍ତ୍ୱପୂର୍ଣ୍ଣ ଜୀବନକାରୀ ହୋଇଥାନ୍ତି । ଏହି ମହାପୁରୁଷଙ୍କ କୀର୍ତ୍ତି ପତାକା ଯୁଗ ଯୁଗ ଧରି ଅମର ରହେ । ସାଧାରଣତଃ ପ୍ରତ୍ୟେକ ସମାଜରେ ଚାରି ପ୍ରକାରର ବ୍ୟକ୍ତିଙ୍କ ଉପସ୍ଥିତି ଦେଖିବାକୁ ମିଳେ । ଏଥିପାଇଁ ସମାଜରେ ଅପରାଧ, ଜୀବନ ସଂଘର୍ଷ, ତ୍ୟାଗବୃତ୍ତି ଏବଂ ପରମାର୍ଥଙ୍କ ହିତ ପାଇଁ ସ୍ୱୟଂକୁ ବଳିଦାନ ଦେଉଥିବା ଲୋକ ସମୟ ସମୟରେ ଆମ ସମ୍ମୁଖକୁ ଆସିଥାନ୍ତି । ପ୍ରତ୍ୟେକ ବ୍ୟକ୍ତିକୁ ଏହି ଚାରି ପ୍ରକାରର ବ୍ୟକ୍ତିଙ୍କ ମଧ୍ୟରେ ଜୀବନ ଅତିବାହିତ କରିବାକୁ ହୁଏ ।

ମନୁଷ୍ୟ ଆତ୍ମଜ୍ଞାନର ଅନ୍ୱେଷଣରେ ଅନେକ ପ୍ରକାର ଆଧ୍ୟାତ୍ମିକ ସାଧନା କରୁଛି । ଜଣେ ସବୁ ଶାସ୍ତ୍ର ଅଧ୍ୟୟନ କରିପାରେ, ପବିତ୍ର ସ୍ଥାନଗୁଡ଼ିକୁ ତୀର୍ଥଯାତ୍ରା କରିପାରେ, ଗୁରୁଙ୍କର ଦିଗ୍‌ଦର୍ଶନ ଲାଭ କରିପାରେ କିମ୍ବା ଅନ୍ୟ ପ୍ରକାର ସାଧନା କରିପାରେ, କିନ୍ତୁ ସେ ନିଜର ଆତ୍ମାକୁ ହୃଦୟଙ୍ଗମ କରିବା ପାଇଁ ନିଜର ଦୃଷ୍ଟିକୁ ଅନ୍ତର୍ମୁଖୀ ନ କଲେ ଏହିସବୁ ଉପାୟରେ ଆତ୍ମୋପଲବ୍ଧି କରିପାରିବ ନାହିଁ। ଯଦି ଜଣେ ନିଜର ସ୍ୱଭାବକୁ ହୃଦୟଙ୍ଗମ କରିପାରିବ ନାହିଁ ତେବେ ସେ ତା'ଭିତରେ ଥିବା ଦିବ୍ୟତ୍ୱର ଉପଲବ୍ଧି କରିବାକୁ କିପରି ଆଶାକରି ପାରିବ ? ବସ୍ତୁତଃ ଜଣେ ନିଜର ମାନବୀୟ ଗୁଣାବଳୀର ଉପଲବ୍ଧି କଲେ ହିଁ ସେ ଭଗବତ ଉପଲବ୍ଧି ଅଭିମୁଖେ ଅଗ୍ରଗତି କରିବାକୁ ସକ୍ଷମ ହେବ।

ପ୍ରେମ ହିଁ ଈଶ୍ୱର। ମନୁଷ୍ୟର ତିନୋଟି ଆଦର୍ଶ ରହିବା ଉଚିତ। ଦୈବ ପ୍ରୀତି, ପାପଭୀତି ଓ ସଙ୍ଘନୀତି। ଏହି ଆଦର୍ଶଗୁଡ଼ିକ ବ୍ୟକ୍ତି, ପରିବାର ଓ ସମାଜର ଉତ୍‌ଥାନରେ ସହାୟକ ହେବ। ଏହି ପବିତ୍ର ଦେଶରେ ଅନେକ ମୁନି-ଋଷି ମାନଙ୍କ ଦ୍ୱାରା ପବିତ୍ର ଆଦର୍ଶ ଅନୁସୃତ ହୋଇଆସିଛି। ସେଥିପାଇଁ ଅନେକ ଆହ୍ୱାନ ଓ ବାଧାବିଘ୍ନ ସତ୍ତ୍ୱେ ଭାରତର ସାଂସ୍କୃତିକ ଐତିହ୍ୟ ସୁରକ୍ଷିତ ହୋଇଛି। ଏହା ରହସ୍ୟମୟ, ବିସ୍ମୟକର ଓ ଅମୃତ। ଆମେସବୁ ପାଶ୍ଚାତ୍ୟ ସଂସ୍କୃତିର ଦାସ ହୋଇଯାଇଛୁ ଏବଂ ଆମର ନିଜର ମୂଲ୍ୟବାନ ସଂସ୍କୃତିକୁ ଅବହେଳା କରିଛୁ। ପାଶ୍ଚାତ୍ୟ ଲୋକମାନେ ବର୍ତ୍ତମାନ ଆମ ସଂସ୍କୃତିକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି। ଭାରତୀୟମାନେ ସେମାନଙ୍କର ନିଜ ସଂସ୍କୃତିର ମହତ୍ୱ ଉପଲବ୍ଧି କରି ଏହାର ଅବହେଳା ବନ୍ଦ କରିବା ଉଚିତ। ଆମର ସଂସ୍କୃତି ଶିକ୍ଷା ଦିଏ ଯେ ଗୋଟିଏ ମାତ୍ର ଧର୍ମ ଅଛି, ପ୍ରେମ ଧର୍ମ ଏବଂ ଗୋଟିଏ ମାତ୍ର ଜାତି ଅଛି, ମାନବ ଜାତି। ଆମ ସଂସ୍କୃତି ଆସ୍ତିକ ବା ନାସ୍ତିକ ରାଷ୍ଟ୍ରୀୟତାବାଦୀ, ପ୍ରତ୍ୟେକଙ୍କ ଭିତରେ ଥିବା ପ୍ରେମ ଉପରେ ଆଧାରିତ। ପ୍ରେମ ବିନା କେହି ରହିପାରିବେ ନାହିଁ। ପଶୁ ଓ ପକ୍ଷୀମାନଙ୍କର ମଧ୍ୟ ପ୍ରେମ ଅଛି। ଆମେ ଦେଖିଛେ ଗାଇ କିପରି ନବଜାତ ବାଛୁରୀକୁ ଏତେ କୋମଳ ଭାବରେ ଚାଟେ ଯେ ସେହି ମାତୃସୁଲଭ ସ୍ପର୍ଶରେ ହିଁ ବାଛୁରୀଟି ଉଠି ଠିଆହୁଏ। ସେ ବାଛୁରୀକୁ ସଫାକରି ଦିଏ। ନିର୍ମଳତା ହିଁ ଦିବ୍ୟତ୍ୱ। ନିର୍ମଳତା ବିକଶିତ ହେବା ଉଚିତ। ଏହା ଏକତ୍ୱକୁ ଉତ୍ସାହିତ କରେ ଓ ଦିବ୍ୟତ୍ୱ ଆଡ଼କୁ ଘେନିଯାଏ। କିନ୍ତୁ ତୁମଠାରେ କେବଳ ଶତ୍ରୁତା ଓ ସାମ୍ପ୍ରଦାୟିକତା ରହିଛି। ଏଗୁଡ଼ିକ ପାଶବିକ ଓ ଆସୁରିକ ଗୁଣ। ମଣିଷ ନିଜକୁ ଦିବ୍ୟସ୍ତରକୁ ଉନ୍ନୀତ କରିବାକୁ ଚେଷ୍ଟା କରିବା ଉଚିତ। ସେ ପାଶବିକ ଓ ଆସୁରିକ ସ୍ତରକୁ ଖସିଯିବା ଉଚିତ ନୁହେଁ। ବୈଦିକ ଉପଦେଶ ହେଉଛି 'ସତ୍ୟଂ ବଦ, ଧର୍ମଂ ଚର।' ସତ କହିବା ସହଜ। ମିଛ କହିବା ଓ ତାକୁ ରଖି ପାରିବା ଅତି କଷ୍ଟ। ସତ କହିବା ଦ୍ୱାରା ତୁମେ ଧର୍ମର କାନ୍ଥ ପାଇଁ ମୂଳଦୁଆ ପକାଇଥାଅ। ଏହା ମାଧ୍ୟମରେ ତୁମେ ଶାନ୍ତି ପାଇପାର। ପ୍ରେମର ବିକାଶ କର। ପ୍ରେମ ହିଁ ଈଶ୍ୱର। ପ୍ରେମରେ ବାସକର।

ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬

## ଜିଲ୍ଲାରେ ବଢୁଛି ଶିଶୁ ଅପପୁଷ୍ଟି ହାର

ନୟାଗଡ଼, (ମହାଭାରତ) : ରାଜ୍ୟରୁ ଶିଶୁ ମୃତ୍ୟୁହାର ଦୂର କରିବା ପାଇଁ ସରକାରୀ ସ୍ତରରେ ବ୍ୟାପକ ପଦକ୍ଷେପ ନିଆଯାଉଛି। ବିଶେଷକରି ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ୍ ତୁଳନାରେ ଦଶପଲ୍ଲା ବ୍ଲକ୍‌ର ଅନେକ ପଞ୍ଚାୟତ ଆଦିବାସୀ ବହୁଳ ତଥା ଅନୁନ୍ନତ ଅଞ୍ଚଳ ଭାବେ ପରିଚିତ। ଏହି ବ୍ଲକ୍‌ରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଫେଲ୍ ମାରିଥିବା ନେଇ ଅପବାଦ ମଣ୍ଡାଇବାକୁ ପଡ଼ିଥିବା ବେଳେ ଏବେ ଚିହ୍ନଟ ହୋଇଥିବା ଅପପୁଷ୍ଟି ଜନୀତ ଶିଶୁ ହାର ଚିନ୍ତା ଜନକ ପରିସ୍ଥିତି ସୃଷ୍ଟି କରିଛି। ବିଶେଷତଃ ଅପପୁଷ୍ଟି ରୋକିବାକୁ ସରକାର ଅନେକ ଯୋଜନା ହାତକୁ ନେଉଛନ୍ତି। ଶିଶୁ ମାନଙ୍କୁ ପୋଷଣଯୁକ୍ତ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ମାତ୍ର ୨୦୨୪-୨୫ ବର୍ଷରେ ଦଶପଲ୍ଲା ବ୍ଲକ୍‌ରେ ଦେଖା ଦେଇଥିବା ଅପପୁଷ୍ଟି ହାର ଉପରେ ନଜର ପକାଇଲେ ସରକାରୀ ଯୋଜନା ଓ କାର୍ଯ୍ୟଶୈଳୀ ପ୍ରତି ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ତଥ୍ୟ ଉପରେ ନଜର ପକାଇଲେ ଜିଲ୍ଲାରେ ୨ଟି ପୁଷ୍ଟି ପୁନର୍ବାସ ସଂସ୍ଥା ବା ଏନ୍ ?ଆରସି କାର୍ଯ୍ୟ କରୁଛି। ଗୋଟିଏ ନୟାଗଡ଼ରେ ରହିଥିବା ବେଳେ ଆଉ ଗୋଟିଏ ଖଣ୍ଡପଡ଼ାରେ ରହିଛି। ନୟାଗଡ଼ ଏନ୍‌ଆରସିରେ ନୟାଗଡ଼ ସମେତ ରଣପୁର, ଓଡ଼ଗାଁ, ଦଶପଲ୍ଲା ଓ ନୂଆଗାଁ ବ୍ଲକ୍‌ର ଅପପୁଷ୍ଟି ବା କୁପୋଷଣ ଶିଶୁ ଭର୍ତ୍ତି ହେଉଥିବା ବେଳେ ଖଣ୍ଡପଡ଼ାରେ ଗଣିଆ, ଭାପୁର ଓ ଖଣ୍ଡପଡ଼ା ବ୍ଲକ୍ ?କ୍ର ଶିଶୁ ଭର୍ତ୍ତି ହୋଇଥାନ୍ତି। ଏହା ମଧ୍ୟରେ ନୟାଗଡ଼ ଏନ୍‌ଆରସିରେ ଭର୍ତ୍ତି ହୋଇଥିବା ୫ଟି ବ୍ଲକ୍‌ର ଅପପୁଷ୍ଟି ପିଲାଙ୍କ ମଧ୍ୟରେ ଦଶପଲ୍ଲା ବ୍ଲକ୍‌ର ସର୍ବାଧିକ ଶିଶୁ ଅପପୁଷ୍ଟି ଚିହ୍ନଟ ହେବା ସହ ଏନ୍‌ଆର୍‌ସିରେ ଭର୍ତ୍ତି ହୋଇଥିବା ନେଇ ତଥ୍ୟ ହସ୍ତଗତ ହୋଇଛି। ବିଶେଷସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତବର୍ଷ ( ଏପ୍ରିଲ୍ ୧ ଠାରୁ ମାର୍ଚ୍ଚ ୩୧ ) ଦଶପଲ୍ଲା ବ୍ଲକ୍‌ରେ ୧୫୩ ଜଣ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ନେଇ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବା (ଆରବିଏସ୍କେ) ପକ୍ଷରୁ ଚିହ୍ନଟ ହୋଇଛନ୍ତି। ଯେଉଁଥିରେ ନୟାଗଡ଼ ଏନ୍‌ଆରସିରେ ୪୪ ଜଣ ଶିଶୁ ଭର୍ତ୍ତି ହୋଇଥିବା ବେଳେ ଖଣ୍ଡପଡ଼ା ଏନ୍‌ଆରସିରେ ୨୦ ଜଣ ଶିଶୁ ଭର୍ତ୍ତି ହୋଇଛନ୍ତି। ସଚେତନତା ଅଭାବ ସାଙ୍ଗକୁ ପରିଚାଳନାଗତ ତ୍ରୁଟିକୁ ନେଇ ଏବେ ବି ୮୯ ଜଣ ଶିଶୁ ଏନ୍‌ଆରସିରେ ଭର୍ତ୍ତି ହୋଇ ପାରିନାହାନ୍ତି। ଏସବୁ ଶିଶୁଙ୍କ ମଧ୍ୟରେ ୫ ରୁ ୬ ଜଣ ଶିଶୁଙ୍କ ଅବସ୍ଥା ସଙ୍ଗିନ ଥିବା ମଧ୍ୟ କୁହାଯାଉଛି। ସେହିଭଳି ନୟାଗଡ଼ରୁ ୨୪ ଜଣ, ନୂଆଗାଁରୁ ୪୦, ଓଡ଼ଗାଁରୁ ୩୬ ଓ ରଣପୁରରୁ ୨୨ ଜଣ ଶିଶୁ ଏନ୍‌ଆରସିରେ ଭର୍ତ୍ତି ହୋଇଛନ୍ତି। ନୟାଗଡ଼ ଏନ୍ ?ଆରସିରେ ଗତବର୍ଷ ୨୩୪ ଜଣ ଶିଶୁ ଭର୍ତ୍ତି ହୋଇଛନ୍ତି। ଯେଉଁଥିରେ ଆର୍‌ବିଏସ୍କେ ପକ୍ଷରୁ ୧୬୬ ଜଣ ଶିଶୁ ରହିଥିବା ବେଳେ ମେଡିକାଲ୍ ଅଫିସ୍ ପକ୍ଷରୁ ୫୨ ଜଣ, ଆଶା ପକ୍ଷରୁ ୨ ଓ ଅନ୍ୟାନ୍ୟ ଅର୍ଥାତ୍ ଅଙ୍ଗନବାଡ଼ି ପକ୍ଷରୁ ମାତ୍ର ୧୪ ଜଣ ଶିଶୁ ଭର୍ତ୍ତି ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ବଡ଼କଥା ହେଉଛି ରାଜ୍ୟରୁ କୁପୋଷଣ ଦୂର କରିବା ତଥା ଅପପୁଷ୍ଟିଜନୀତ ଶିଶୁ ହାର ହ୍ରାସ କରିବା ପାଇଁ ସରକାର ମହିଳା ଓ ଶିଶୁ ବିକାଶ ଯୋଜନା ମାଧ୍ୟମରେ ପୋଷଣଯୁକ୍ତ ଖାଦ୍ୟ ଯୋଗାଇ ଦେବାସହ ନାନା ସଚେତନତା କାର୍ଯ୍ୟକ୍ରମ କରାଯାଇଥାଏ। ମାତ୍ର ଏଭଳି କୁପୋଷଣ ହାରକୁ ନେଇ ସରକାରୀ ଯୋଜନା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାସ୍ତବରେ ଶିଶୁଙ୍କ ନିକଟରେ ଏସବୁ ଖାଦ୍ୟ ପହଞ୍ଚାଇବା ମହିଳା ଓ ଶିଶୁ ବିକାଶ ଯୋଜନାର ପ୍ରମୁଖ ଭୂମିକା ରହୁଥିବା ବେଳେ ତାହା ଅଧିକାରୀଙ୍କ ପରିଚାଳନାଗତ ତ୍ରୁଟିକୁ ପଦାରେ ପକାଇଛି। ଏସମ୍ପର୍କରେ ମହିଳା ଓ ଶିଶୁ ବିକାଶବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ପ୍ରତି ମାସରେ କିଛିକିଛି ପିଲା ଚିହ୍ନଟ ହେଉଥିବା ବେଳେ ଚିକିତ୍ସା ପରେ ସେମାନେ ସୁସ୍ଥ ହେଉଛନ୍ତି। ଚଳିତ ମାସରେ ଦଶପଲ୍ଲା ବ୍ଲକ୍‌ରେ କେବଳ ୭ ଜଣ ପିଲା ଅପପୁଷ୍ଟିର ଶିକାର ହୋଇଥିବା ସୂଚନା ମିଳିଛି।

## ବୃଦ୍ଧାଙ୍କ ସନ୍ଦେହ ଜନକ ମୃତ୍ୟୁ

କାକଟପୁର, (ମହାଭାରତ) : ଆଜି କାକଟପୁର ବ୍ଲକ ଲତାହରଣ ପଞ୍ଚାୟତ ଗୋରଡ଼ିତୋଟା ଗ୍ରାମ ରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଦୃଶ୍ୟ, ଜଣେ ୭୦ ବର୍ଷୀୟା ବୃଦ୍ଧା ଙ୍କର ମୃତ ଶରୀର ଜଣେ ବ୍ୟକ୍ତି ଗୃହ ସାମ୍ନା ଆଜବେଷ୍ଟ କଇଁଚିଆ ରେ ଝୁଲନ୍ତା ଅବସ୍ଥା ରେ ରହିଛି,ଯାହାଙ୍କର ନାମ ବେଙ୍ଗ ବରାଳ,ଏହା ଏକ ହତ୍ୟା କି ଆତ୍ମହତ୍ୟା ଯାହା ସମ୍ପୂର୍ଣ୍ଣ ସନ୍ଦେହ ଘେର ଭିତରେ ରହିଛି, ଘଟଣା ସ୍ଥଳରେ କାକଟପୁର ପୋଲିସ ପହଞ୍ଚି ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିବା ସହ ଫରେନସିକ୍ ଟିମ୍‌ର ସହାୟତା ଲୋଡ଼ିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ମୃତ ବୃଦ୍ଧା ଙ୍କ ନିଜ ଘର ଅସ୍ତରଙ୍ଗ ବ୍ଲକ କରଞ୍ଜିପୁର ଗ୍ରାମ ରେ ମାତ୍ର ଗତକାଲି ନିଜ ବାପଘର ଗ୍ରାମ ଗୋରଡ଼ିତୋଟାକୁ ଆସିଥିଲେ ଆଉ ନିଜ ଭାଇ ଙ୍କ ଘରେ କିଛି ସମୟ ବିତାଇଥିଲେ । ଆସିବା କାରଣ ଯାହା ସୂଚନା ରହିଛି ବୃଦ୍ଧା ତାଙ୍କ ନିଜ ନାତୁଣୀ ଙ୍କୁ ନିକଟ ଗ୍ରାମ ଓଳଙ୍ଗର ରେ ବିବାହ ଦେଇଥିଲେ ମାତ୍ର ବିବାହ ର କିଛି ବର୍ଷ ପରେ ନାତୁଣୀ ଶଶୁର ଘରେ ଅତ୍ୟାଚାର ର ଶିକାର ହୋଇଥିଲେ ଯାହାକୁ ସମାଧାନ କରିଥିଲେ ବୃଦ୍ଧା ଙ୍କ ବାପ ଘର ଗ୍ରାମର ବୈକୁଣ୍ଠ ରାଉତ, ଗତକାଲି ଉକ୍ତ ଭଦ୍ରବ୍ୟକ୍ତି ଙ୍କୁ ସାକ୍ଷାତ କରି ନାତୁଣୀ ବିଷୟରେ ଆଲୋଚନା କରିବା ପାଇଁ ବୃଦ୍ଧା ନିଜ ବାପ ଘର ଗ୍ରାମ କୁ ଆସିଥିଲେ । ସନ୍ଧ୍ୟା ସମୟ ରେ ବୈକୁଣ୍ଠ ରାଉତ ଙ୍କ ଘରକୁ ଆସିଥିଲେ। ଆଜି ଭୋର ୫ ଘଟିକା ସମୟ ରେ ବୈକୁଣ୍ଠଙ୍କ ପତ୍ନୀ ଘର ବାହାରକୁ ଆସିଥିଲେ ଆଉ ଝୁଲନ୍ତା ଅବସ୍ଥା ରେ ମୃତ ଶରୀରଙ୍କୁ ଦେଖି ଆଗ ନିଜ ଘରେ ଆଉ ପରେ ଗ୍ରାମବାସୀ ଙ୍କୁ ଖବର ଦେଇଥିଲେ ।

# ଶିଶୁ ଚୋରି: ଧରାପଡିଲେ ଦୁଇ ଅଭିଯୁକ୍ତ



କରଞ୍ଜିଆ, (ମହାଭାରତ): କିନ୍ନର ବେଶରେ ଆସି ଠାକୁରମୁଣ୍ଡା ରୁ ଗତ ୧୭ ତାରିଖ ରାତିରେ ଚୋରୀ କରି ନେଇଥିବା ଶିଶୁକନ୍ୟା କୁ ପୋଲିସ ରବିବାର ଦିନ ଯାଜପୁର ରୋଡ଼ ଥାନା କାଚ ହୁଡ଼ି ସାହିରୁ ଉଦ୍ଧାର କରିଛି ।ଶିଶୁ ଚୋରୀ ଘଟଣା ରେ ସଂପୃକ୍ତ ୨ ଜଣ ଛଦ୍ମବେଶି କିନ୍ନର କୁ ଠାକୁରମୁଣ୍ଡା ଥାନା ପୁଲିସ୍ ଅଟକ ରଖିଛି। ଗତ ୧୭ ତାରିଖ ଦିନ କରଞ୍ଜିଆ ଥାନା ମାଲହାରପଦା ଗ୍ରାମର ସିପି ପାତ୍ର ନିଜର ୪ ବର୍ଷ ର ଝିଅ ଆଦ୍ୟାସା କୁ ନେଇ କରଞ୍ଜିଆ ରୁ ବସ ଯୋଗେ ଆସି ସଂନ୍ଧ୍ୟା ୬ ଟା ସମୟରେ ଠାକୁରମୁଣ୍ଡା ରେ ଓହଲ୍ଲାଇ ଥିଲେ ।ବସ ରେ ସେମାନେ ଆସିବା ବେଳେ ତାଙ୍କ ସିଟ ରେ ବସି ଜଣେ ଛଦ୍ମବେଶି କିନ୍ନର ଆସିଥିଲେ ।ବସ ରେ ଆସିବା ସମୟରେ ଉଭୟ ଙ୍କ ମଧ୍ୟରେ ବନ୍ଧୁତା ହୋଇଯାଇଥିଲା। ସିପି ଠାକୁରମୁଣ୍ଡା ରେ ଉଡା ପର୍ବ ଅବସର ରେ ମେଳା ଲାଗିଥିବାରୁ ସିପି ତାର ଝିଅ ଓ ଛଦ୍ମବେଶି କିନ୍ନର ମିଶି ମେଳା ବୁଲିଥିଲେ ।ମେଳା ବୁଲି ସାରି ରାତି ପ୍ରାୟ ୧୦ ଟା ସମୟରେ ଠାକୁରମୁଣ୍ଡା ମସଜିଦ ନିକଟରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବସ ଅପେକ୍ଷା କରିଥିଲେ ।ସିପି କାମ କରୁଥିବା କେନ୍ଦ୍ରାପଡା କୁ ଯିବାପାଇଁ ବସ ଅପେକ୍ଷା ରେ ଥିବା ବେଳେ ଛଦ୍ମବେଶି କିନ୍ନର ଜଣକ ଯାଜପୁର ଆଡେ ଯିବାର ଥିଲା ।ବସ ଅପେକ୍ଷା ସମୟରେ ଶିଶୁ କନ୍ୟା ର ମା ସିପି ଧରିଥିବା ତାର ବ୍ୟାଗ ଓ ଝିଅ ଅଦ୍ୟାସା କୁ କିନ୍ନର ନିକଟରେ ଛାଡି କିଛି ସମୟ ପାଇଁ ଶୌଚ ହେବାକୁ ଯାଇଥିଲେ ।ଶୌଚ ହୋଇ ଫେରିବା ପରେ ଛଦ୍ମବେଶି କିନ୍ନର ନିକଟରେ ଛାଡିଥିବା ଝିଅ କୁ ନ ପାଇ ଖୋଜାଖୋଜି କରିଥିଲେ ।ଝିଅ କୁ ନ ପାଇବାରୁ ସିପି ୧୮ ତାରିଖ ଠାକୁରମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ ।ଠାକୁରମୁଣ୍ଡା ଥାନା ପୋଲିସ ଅଭିଯୋଗ ପାଇ ବଜାର ରେ ଲାଗିଥିବା ସିସି ଟିଭି ଗୁଡିକୁ ଯାଞ୍ଚ କରିଥିଲେ ।ସିସି ଟିଭି ଫୁଟେଜ ରେ ଛଦ୍ମବେଶି କିନ୍ନର ଜଣକ ବ୍ୟାଗ ସହିତ ଶିଶୁ କୁ ବସ ଯୋଗେ ଭୁବନେଶ୍ୱର ଆଡକୁ ନେଇ ଯାଉଥିବାର ଜାଣିବାକୁ ପାଇଥିଲେ ।ପରେ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଯାଜପୁରରୋଡ଼ ରେ ଥିବା କିନ୍ନର ସଙ୍ଘ ଓ ଥାନାକୁ ସୂଚନା ଦେଇଥିଲେ ।ଖବର ପାଇ ଯାଜପୁରରୋଡ଼ କିନ୍ନର ସଙ୍ଘ କାଚଗଡ଼ିଆ ଗ୍ରାମରୁ ଶିଶୁ କୁ ଉଦ୍ଧାର କରିବା ସହିତ କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ସିରିଗିଧା ଗ୍ରାମର ଅଭିଯୁକ୍ତ ଲିପୁ ନାୟକ ଓ ତାର ସହଯୋଗୀ ରାମଚନ୍ଦ୍ରପୁର ଥାନା ବାତୋ ଗ୍ରାମର ନିରଞ୍ଜନ ରାଉତ କୁ ଧରି ଯାଜପୁର ରୋଡ଼ ଥାନାରେ ଜିମା ଦେଇଥିଲେ ।ଠାକୁରମୁଣ୍ଡା ଥାନା ପୋଲିସ ଶିଶୁ କନ୍ୟା କୁ ଉଦ୍ଧାର କରି ଦୁଇ ଅଭିଯୁକ୍ତ ଙ୍କୁ ଆଣି ଠାକୁରମୁଣ୍ଡା ଥାନାରେ ଅଟକ ରଖି ପଚରା ଉଚରା କରୁଛି ।ଅଟକ ଦୁଇ ଛଦ୍ମବେଶି କିନ୍ନର ଶାଢ଼ୀ ପିନ୍ଧି ଲୋକଙ୍କ ଠାରୁ ଟଙ୍କା ଆଦାୟ କରୁଥିଲେ ।ଏ ଦୁଇ ଜଣକ ନାମରେ ବିଭିନ୍ନ ଅପରାଧୀ ମାମଲା ଥିବାର ଜଣାପଡିଛି।

## ଦ୍ୱିତୀୟ ବାର୍ଷିକ ତୁଷାର ମହାନ୍ତି ସ୍ମାରକୀ କ୍ରିକେଟ କପ୍ ସାମ୍ବାଦିକ ସମିଳନୀ




କାକଟପୁର, (ମହାଭାରତ) : ଆଜି କାକଟପୁର ବ୍ଲକ ମିନି ଷ୍ଟାଡିୟମ ଠାରେ ଦ୍ୱିତୀୟ ବାର୍ଷିକ ତୁଷାର କାନ୍ତି ସ୍ମାରକୀ କାକଟପୁର କ୍ରିକେଟ କପ୍ ଆୟୋଜନ ପାଇଁ ମା ମଙ୍ଗଳା ଯୁଥ କ୍ଲବ ତରଫରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି, ଚଳିତ ମାସ ୨୫ ତାରିଖ ରୁ ଜିଲ୍ଲା ସ୍ତରୀୟ ଏହି ମ୍ୟାଚ ଅନୁଷ୍ଠିତ ହେବ ଏବଂ ଆସନ୍ତା ମାସ ୪ ତାରିଖ ରେ ଏହାର ମେଗା ଫାଇନାଲ ଅନୁଷ୍ଠିତ ହେବ। ଚଳିତ ବର୍ଷ ଏହି ଟୁର୍ନାମେଣ୍ଟ ରେ ଟି୨୦ ମ୍ୟାଚ ଯାହା ଧଳା ଡିୟୁଜ ବଲ୍ ଆଉ ମ୍ୟାଟ ଉପରେ ଖେଳ କରାଯିବ। ଏହି ଟୁର୍ନାମେଣ୍ଟ ରେ ସମସ୍ତ ଟିମ୍ ନିଜ ନିଜ ର କଲର ଡ୍ରେସ କୋର୍ଡ ପିନ୍ଧି ମୈଦାନ ରେ କ୍ରିକେଟ ଖେଳିବା ସହିତ ଏହା ସମ୍ପୂର୍ଣ୍ଣ ଭାବେ ଦିନ ସମୟ ରେ ଅନୁଷ୍ଠିତ ହେବ ବୋଲି କମିଟି ନିଷ୍ପତି ନେଇଛି। ଏହି ଟୁର୍ନାମେଣ୍ଟ ରେ ଜିଲ୍ଲା ସ୍ତରୀୟ ୮ ଗୋଟି ଟିମ ଭାଗ ନେବେ ଯେଉଁଥିରେ ଅନେକ ରାଜ୍ୟ ତଥା ରଞ୍ଜି ଖେଳାଳି ଙ୍କ ବିସ୍ଫୋରକ ବ୍ୟାଟିଂ ଓ ବୋଲିଂ ସହିତ ଦମଦାର ଫିଲ୍ଡିଂ ଓ କିପିଙ୍ଗ ମଧ୍ୟ ଦେଖିବାର ମଜା ନେବେ ଦର୍ଶକ, ତା ସହିତ ସମସ୍ତ ମ୍ୟାଚକୁ ଚିତାକର୍ଷକ କରିବାକୁ ଓଡିଶା କ୍ରିକେଟ ଆସୋସିଏସନ ସହିତ ଅନ୍ୟ ବହୁ ପରିଚିତ ଡ୍ୟାନସିଂ ଅମ୍ପେୟାର ଏହି ମୈଦାନକୁ ଆସିବେ ବୋଲି କମିଟି ତରଫରୁ ସାମ୍ବାଦିକ ସମ୍ମିଳନୀ ରେ ଘୋଷଣା କରାଯାଇଛି। କାକଟପୁର ମାଟି ରେ ଜିଲ୍ଲା ସ୍ତରୀୟ ଏହି ଡିୟୁଜ ବଲ୍ ମ୍ୟାଚ ପ୍ରଥମ ଥର ପାଇଁ ମଙ୍ଗଳା ଯୁଥ କ୍ଲବ ତରଫରୁ ଅନୁଷ୍ଠିତ ହେବ। ଏହି ସାମ୍ବାଦିକ ସମ୍ମିଳନୀରେ ମା ମଙ୍ଗଳା ଯୁଥ କ୍ଲବର ସଭାପତି ଟୁଲୁ ଗୋଛାୟତ ସଭାପତିତ୍ୱ କରିଥିବା ବେଳେ ଅନ୍ୟ ମାନଙ୍କ ଭିତରେ ସମ୍ପାଦକ ଦୟାନିଧି ଗୋଛାୟତ, ଉପଦେଷ୍ଟା ମଣ୍ଡଳୀ ଯଥାକ୍ରମେ କମଳ ଲୋଚନ ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଦୀପ କୁମାର ପଣ୍ଡା, କ୍ରୀଡା ସମ୍ପାଦକ ଧିରେନ ଚାନ୍ଦ, କାର୍ଯ୍ୟକାରୀ ସଭାପତି ସୁବେନ୍ଧୁ ସେନାପତି ଉପସ୍ଥିତ ରହି କ୍ରିକେଟ ଟୁର୍ନାମେଣ୍ଟର ସମସ୍ତ ଧାରାବିବରଣୀ ଆଲୋଚନା କରିଥିଲେ। ଜିଲ୍ଲା ସ୍ତରୀୟ ଏହି କ୍ରିକେଟ ଟୁର୍ନାମେଣ୍ଟରେ ଫାଇନାଲ ବିଜେତା ଟିମ ଚମ୍ପିୟନ କପ୍ ସହିତ ୨୦ ହଜାର ଟଙ୍କା ପୁରସ୍କାର ରାଶି ରହିଥିବା ବେଳେ ରନର୍ସଅପ୍ ଟିମ୍ ପାଇଁ କପ୍ ସହିତ ୧୫ ହଜାର ଟଙ୍କା ପୁରସ୍କାର ରାଶି ରହିଛି। ଏହି କ୍ରିକେଟ ଟୁର୍ନାମେଣ୍ଟରେ ପାଭୀଲିୟନ ରେ ୫ ହଜାର ଦର୍ଶକ ଏକା ସାଥିରେ ଏହି ଟୁର୍ନାମେଣ୍ଟ ଦେଖିବା ପାଇଁ କ୍ଲବ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

## ୨୪ରୁ ଆରମ୍ଭ ବିରୂପା ମହୋତ୍ସବ




ସାଲେପୁର, (ମହାଭାରତ) : ଆଞ୍ଚଳିକ ସାମାଜିକ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ ଓ ବିକଳାନନ୍ଦ ଯୁବ ପରିଷଦ ମିଳିତ ଆନୁକୂଲ୍ୟରେ ପ୍ରତି ବର୍ଷ ପରି ଚଳିତ ବର୍ଷ ୨୪ରୁ ଆରମ୍ଭ ହୋଇ ୨୮ରିଖ ପର୍ଯ୍ୟନ୍ତ ଗୋପୀନାଥ ପୁର ନିକଟସ୍ଥ ବିରୂପା ନଦୀ କୂଳରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ପାଗା ଛକ ନିକଟସ୍ଥ ସୁହାନି ମଣ୍ଡପ ରେ ଅନୁଷ୍ଠିତ ହୋଇଛି। ପ୍ରତିଦିନ ସନ୍ଧ୍ୟାରେ ରାଜ୍ୟର ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକର୍ମ ରହିଛି। ସେହିପରି ଓଡିଶାର କଳା, ସଂସ୍କୃତି, ଓ ପରମ୍ପରା ଉପରେ ଆଧାରିତ କାର୍ଯ୍ୟକର୍ମ ପରିବେଷଣ କରାଯିବ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରତି ସନ୍ଧ୍ୟା ରେ ସିନେ କଳାକାର ଏବଂ ବିଭିନ୍ନ ନୃତ୍ୟ ଅନୁଷ୍ଠାନ ଗୁଡିକ ଦ୍ୱାରା ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ନିଷ୍ପତି ହୋଇଛି। ମୁଖ୍ୟ ଉପଦେଷ୍ଟା ଦିଲ୍ଲୀପ କୁମାର ଦାଶ, ଅଧକ୍ଷତା କରିଥିବା ବେଳେ ବିଶ୍ୱରଂଜନ ସାହୁ, ପ୍ରଶାନ୍ତ କୁମାର କର, ସୁରେଶ କୁମାର ରାଉତ, ପ୍ରଶାନ୍ତ କୁମାର ଭୂୟାଁ, ରମେଶ କୁମାର ଲେଙ୍କା, ବନମାଳୀ ପ୍ରଧାନ, ଜ୍ୟୋତି ରଞ୍ଜନ ରାଉତ, ଦେବେନ୍ଦ୍ର ନାଥ ସ୍ୱାଇଁ ପ୍ରମୁଖ କର୍ମକର୍ତା ଉପସ୍ଥିତ ଥିଲେ।

## ପୁରାତନ ଛାତ୍ର ସଂସଦର ସାଧାରଣ ପରିଷଦ ବୈଠକ

ଗଜପତି, (ମହାଭାରତ) : ଓଡ଼ିଶା ର ଦ୍ୱିତୀୟ ସର୍ବ ପୁରାତନ କଲେଜ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ପୁରତାନ ଛାତ୍ର ସଂସଦର ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ଓ ନିର୍ବାଚନ କଲେଜ ଅଡିଟୋରିୟମ ଠାରେ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ତଥା ସଂସଦ ସଭାପତି ଡ ଜିତେନ୍ଦ୍ର ନାଥ ପଟ୍ଟନାୟକ ଙ୍କ ସଭାପତିତ୍ୟ ରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ବୈଠକ ରେ ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହି, ମୁଖ୍ୟବକ୍ତା ଭାବେ ପ୍ରଫେସର ବିପିନ ବିହାରୀ ନାୟକ, ସମ୍ମାନିତ ଅତିଥି ଭାବରେ ଚିକିଟି ବିଧାୟକ ତଥା କଲେଜ ର ପୁରାତନ ଛାତ୍ର ମୋନରଂଜନ ଦ୍ୟାନସାମନ୍ତରାୟ ଯୋଗ ଦେଇ ଥିବା ବେଳେ କାର୍ଯ୍ୟକାରୀ ସଭାପତି ନାସିର ବେଗ, ସମ୍ପାଦକ ଶଙ୍କର ପ୍ରାସାଦ ବକ୍ସି ମଞ୍ଚାସୀନ ଥିଲେ। ଅତିଥି ମାନେ ନିଜ କଲେଜ ଜୀବନ ସ୍ମୃତି ମନପକାଇବା ସହ ଶିକ୍ଷା ନେଇ ଅନେକ ଆଲୋଚନା କରିଥିଲେ, ସେହିପରି କାର୍ଯକ୍ରମ ର ଦ୍ୱିତୀୟ ପର୍ଯ୍ୟାୟ ରେ ସଂସଦର ବଜେଟ ଆଲୋଚନା ଓ ନିର୍ବାଚନ ଅନୁଷ୍ଠିତ ହୋଇଥିଲା, ଏଥିରେ କାର୍ଯ୍ୟକାରୀ ସଭାପତି ଭାବରେ ନୃସିଂହ ଚରଣ ପଟ୍ଟନାୟକ, ସମ୍ପାଦକ ଭାବରେ ଆଦର୍ଶ ଦାସ ଓ ଯୁଗ୍ମ ସମ୍ପାଦକ ଭାବରେ ବସନ୍ତ ପଣ୍ଡା, ରୁପେଶ ସାହୁ ଏବଂ ୧୫ ଜଣ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ।

## ପଞ୍ଚାୟତରୁ ଅର୍ଥ ଆତ୍ମସାତ ନେଇ ସରପଞ୍ଚଙ୍କ ଅଭିଯୋଗ

ପରଜଙ୍ଗ(ମହାଭାରତ ) ଏହି ବ୍ଲକ କୁମୁସି ଗ୍ରାମ ପଞ୍ଚାୟତରେ ପଞ୍ଚଦଶ ଅର୍ଥ କମିଶନ ଅର୍ଥ ଆତ୍ମସାତ ହେଇଥିବା ନେଇ ଅଭିଯୋଗ କରିଛନ୍ତି ସରପଞ୍ଚ ।ଗ୍ରାମ ପଞ୍ଚାୟତରେ କୌଣସି କାମ କରା ନଯାଇ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତାପ ସାମଲ ଚଞ୍ଚକତା କରି ପଞ୍ଚାୟତ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଉଠାଇ ନେଇଥିବା ନେଇ ସରପଞ୍ଚ ଅଭିଯୋଗ କରିଛନ୍ତି ।କୁମୁସି ସରପଞ୍ଚ ବଳରାମ ନାଏକ ଏ ସଂକ୍ରାନ୍ତରେ ଗୋଷ୍ଠି ଉନ୍ନୟନ ଅଧିକାରୀ ପରଜଙ୍ଗ ଓ ଥାନା ଅଧିକାରୀ ଙ୍କ ନିକଟରେ ଅଭିଯୋଗ କରିଛନ୍ତି ।ଶ୍ରୀ ନାଏକ ଅଭିଯୋଗ କରିଛନ୍ତି ସରପଞ୍ଚଙ୍କ ଅଜ୍ଞାତରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଟଙ୍କା ଉଠାଇ ଆତ୍ମସାତ କରିଛନ୍ତି । ଏହି ଟଙ୍କା ଉଠାଇଥିବା ନେଇ ବିଭାଗୀୟ ୱେବ ସାଇଡରୁ ସେ ଜାଣିବାକୁ ପାଇଥିବା ନେଇ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ।ସରକାରୀ ଟଙ୍କା ଆତ୍ମସାତ କରିଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସରପଞ୍ଚ ଶ୍ରୀ ନାଏକ ଦାବି କରିଛନ୍ତି । ତେବେ ଏନେଇ ଅପର ପକ୍ଷେ ପଞ୍ଚାୟତ ର ସମସ୍ତ ୱାର୍ଡ଼ ସଭ୍ୟ ମାନେ ପୃଥକ ଭାବେ ଆଉ ଗୋଟିଏ ବ୍ଲକ୍ ଉନ୍ନୟନ ଅଧିକାରୀ ଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ସରପଞ୍ଚ ଓ କାର୍ଯ୍ୟ ନିର୍ବାହୀ ଯନ୍ତି ଏହି ଟଙ୍କା ଆତ୍ମ ସାତ କାଟିଛନ୍ତି । ଏନେଇ ୱାର୍ଡ ମେମ୍ବର ସଭ୍ୟମାନେ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଦରଖାସ୍ତ ଅଭିଯୋଗ ଦେବା ସହ ଏହାର ସଠିକ ତଦନ୍ତ କରି ଦୋଷୀ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ କରିଛନ୍ତି।

# ବାହୁବଳୀ ବିଧାୟକଙ୍କ ଦବଙ୍ଗଗିରି: କଂଗ୍ରେସ କର୍ମୀଙ୍କୁ ଦୁର୍ବ୍ୟବହାର



ଭୁବନେଶ୍ୱର/ଖୋର୍ଦ୍ଧା:(ମହାଭାରତ) ଛାତ୍ର ରାଜନୀତିରୁ ନେଇ ବିଧାୟକ ପ୍ରଶାନ୍ତ ଜଗଦେବ ନିଜର ଆଚରଣ ପାଇଁ ସବୁବେଳେ ଚର୍ଚ୍ଚାରେ ରହି ଆସିଛନ୍ତି। ସରକାରୀ କର୍ମଚାରୀଙ୍କୁ ଲଣ୍ଠନ ଫୋପାଡ଼ିବା ହେଉ ଅଥବା ବୌଦ୍ଧ ଜିଲ୍ଲା ମନମୁଣ୍ଡାରେ ବିଜେପି କର୍ମୀଙ୍କୁ ମାଡ଼ ଘଟଣାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥିବା ବେଳେ ନିଜର ଏହି ବିଶୃଙ୍ଖଳିତ ଆଚରଣ ପାଇଁ ଚିଲିକାର ବିଧାୟକ ଥାଇ ମଧ୍ୟ ବିଜୁ ଜନତା ଦଳ ମସିହାରେ ତାଙ୍କୁ ଦଳରୁ ନିଲମ୍ବିତ କରିଥିଲା। ତଥାପି ତାଙ୍କ ଆଚରଣକୁ ସୁଧାରି ପାରିନଥିଲେ ବିଧାୟକ ଜଗଦେବ, ଯାହା ଫଳରେ ପରବର୍ତ୍ତୀ ସମୟରେ ବାଣପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଲୋକଙ୍କ ଉପରେ ଗାଡି ମଡେଇ ଦେବା ଘଟଣାରେ ଜନ ଆକ୍ରୋଶର ଶିକାର ହୋଇ ଦୀର୍ଘଦିନ ଧରି ଜେଲଦଣ୍ଡ ମଧ୍ୟ ଭୋଗିଥିଲେ। ଏହି ଘଟଣାକୁ ନେଇ ସାରା ରାଜ୍ୟରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଜୋରଦାର ବିକ୍ଷୋଭ ପ୍ରଦର୍ଶନ ମଧ୍ୟ ଦେଖିବାକୁ ମିଳିଥିଲା। ତେବେ ପ୍ରଶାନ୍ତ ଜଗଦେବ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ ଏବଂ ଦଳରୁ ଟିକେଟ ପାଇ ଖୋର୍ଦ୍ଧାରୁ ନିର୍ବାଚନ ଲଢ଼ି ବିଧାୟକ ହୋଇଛନ୍ତି। କିନ୍ତୁ ସେ ତାଙ୍କର ଚିରାଚରିତ ଗୁଣରେ ପରିବର୍ତ୍ତନ ଆଣି ପାରି ନାହାଁନ୍ତି। ଯାହାର ପ୍ରମାଣ ଆଜି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ସମାରୋହରେ ଦେଖିବାକୁ ମିଳିଛି। ଖୋର୍ଦ୍ଧା ଜାନକୀ ବଲ୍ଲଭ ଉଦ୍ୟାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜାନକୀ ପ୍ରେମୀ ତଥା କଂଗ୍ରେସ କର୍ମୀ ରଣଜିତ ମହାପାତ୍ରଙ୍କୁ ବିଧାୟକ ପ୍ରଶାନ୍ତ ଜଗଦେବ ଦୁର୍ବ୍ୟବହାର କରିବା ସହିତ ଅପମାନିତ କରିଥଲେ, ତାହା ପୁଣି ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ ସମ୍ମୁଖରେ ଏବଂ ଅନେକ ଜାନକୀ ପ୍ରେମୀଙ୍କ ସମ୍ମୁଖରେ । ଖୋର୍ଦ୍ଧା ସହରର ବିଭିନ୍ନ ସମସ୍ୟା ଏବଂ ସରକାରୀ ଯୋଜନାରେ ହେଉଥିବା ଦୁର୍ନୀତି ବାବଦରେ ପ୍ରଶ୍ନ ପଚାରିବାର ପ୍ରଶାନ୍ତ ଉତକ୍ଷିପ୍ତ ହୋଇ ଗୋଟାଏ ଚାପୁଡ଼ାରେ ସବୁ ଦାନ୍ତ ଖସେଇଦେବି ବୋଲି ରଣଜିତଙ୍କୁ କହି ଦୁର୍ବ୍ୟବହାର କରିଥିଲେ । ଘଟଣା ସ୍ଥଳରେ ସୁରେଶ କୁମାର ରାଉତରାୟଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା। କିନ୍ତୁ ସଭାମଞ୍ଚ ଉପରେ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଉଦବୋଧନ ଆଳରେ ପ୍ରଶାନ୍ତଙ୍କୁ ନିଜର ସ୍ୱଭାବରେ ପରିବର୍ତ୍ତନ ଆଣିବା ସହିତ ଶାନ୍ତ ସରଳ ହେବାକୁ ପରାମର୍ଶ ଦେଇଥିଲେ, ଯାହା କି ମଞ୍ଚାସୀନ ଅତିଥି ଏବଂ ଉପସ୍ଥିତ ଜନ ସାଧାରଣଙ୍କ ମଧ୍ୟରେ ହାସ୍ୟରୋଳ ପରିବେଶ ସୃଷ୍ଟି କରିଥିଲା ଏଂ ଘଟଣାକୁ ଚର୍ଚ୍ଚିତ ହେବାକୁ ଖୋରାକ ଯୋଗାଇଥିଲା। କାରଣ ବିଗତ ଦୁଇବର୍ଷ ତଳେ ଠିକ୍ ଉକ୍ତ ସ୍ଥାନରେ ସ୍ୱର୍ଗତ ଜାନକୀ ବଲ୍ଲଭଙ୍କ ଏହିପରି ସମାନ କାର୍ଯ୍ୟକ୍ରମରେ ଛାପା ଗଣମାଧ୍ୟମର ଜଣେ ପ୍ରତିନିଧି ଖୋର୍ଦ୍ଧାର ସମସ୍ୟା ସମ୍ପର୍କିତ ଏହିପରି କିଛି ପ୍ରଶ୍ନ ପଚାରିଥିବା ବେଳେ ବିଧାୟକ ଜଗଦେବ ଉକ୍ତ ସାମ୍ବାଦିକଙ୍କୁ ମଧ୍ୟ ଦୁର୍ବ୍ୟବହାର କରିଥିବାର ନଜିର ରହିଛି। ତେବେ ବିଧାୟକ ଜଗଦେବ ମନ୍ତ୍ରୀପଦ ହାତେଇବା ପାଇଁ ଆଶାୟୀ ଥିବାବେଳେ ତାଙ୍କର ଏତାଦୃଶ ଆଚରଣ ହେତୁ ତାଙ୍କ ଆଶା ପାଣିଫୋଟକା ହୋଇ ମିଳେଇଯିବ ବୋଲି ଉପସ୍ଥିତ ଥିବା ଲୋକମାନେ କହୁଥିବାର ଶୁଣିବାକୁ ମିଳିଥିଲା ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୫୦ ୟୁନିଟ୍ ସଂଗ୍ରହ




ସାଲେପୁର, (ମହାଭାରତ) : ଖରା ଦିନରେ ରକ୍ତ ଅଭାବକୁ ଦୂର କରିବା ନିମନ୍ତେ ଚିତ୍ରୋତ୍ପଳା ସୋସିଆଲ ଆଣ୍ଡ କଲ୍‌ଚରାଲ୍ ଡେଭଲପମେଣ୍ଟ ଟ୍ରଷ୍ଟ, ସାଲେପୁର ଓ ମା' ବୁଢ଼ୀ ଦକ୍ଷିଣେଇ ପୂଜା କମିଟି, ନଇଗୁଆଁ ମିଳିତ ଆନୁକୂଲ୍ୟରେ ସାଲେପୁର ବ୍ଲକ ଅନ୍ତର୍ଗତ ନଇଗୁଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । କେନ୍ଦ୍ରୀୟ ରେଡକ୍ରସ ରକ୍ତ କେନ୍ଦ୍ର, କଟକ ର ନିର୍ଦ୍ଦେଶକ ଡା ଚନ୍ଦ୍ରିକା ପ୍ରସାଦ ଦାସ ଏହାକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ ଓ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ର ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ ହଳଧର ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଅତିଥି ମାନଙ୍କ ସହ ପ୍ରାକ୍ତନ ଶିକ୍ଷକ ନୃସିଂହ ଚରଣ ସାହୁ, ବରିଷ୍ଠ ନାଗରିକ ବିଶ୍ୱନାଥ ସାହୁ, ପ୍ରାକ୍ତନ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ, ନଇଗୁଆଁ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷୟତ୍ରୀ ସୁଷମା ପଣ୍ଡା, ନଇଗୁଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଶିକ୍ଷକ ସୟଦ ମହମଦ ଅଲ୍ଲୀ , ଚିତ୍ରୋତ୍ପଳା ସୋସିଆଲ ଆଣ୍ଡ କଲ୍‌ଚରାଲ୍ ଡେଭଲପମେଣ୍ଟ ଟ୍ରଷ୍ଟର ସଭାପତି ନିରଞ୍ଜନ ପଲାଇ ଓ ବିଜୟାନନ୍ଦ ଯୁବ ପରିଷଦ ର ସମ୍ପାଦକ ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ମୋଟ୍ ୫୦ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ। ଉକ୍ତ ଶିବିରରୁ କେନ୍ଦ୍ରିୟ ରେଡ୍‌କ୍ରସ୍ ରକ୍ତଭଣ୍ଡାର ତରଫରୁ ଡାକ୍ତର ରାମ ପ୍ରସାଦ ରାୟ,ସନ୍ଦୀପ ସ୍ୱାଇଁ ଓ ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଚିତ୍ରୋତ୍ପଳା ସୋସିଆଲ ଆଣ୍ଡ କଲ୍‌ଚରାଲ୍ ଡେଭଲପମେଣ୍ଟ ଟ୍ରଷ୍ଟ ର ସମ୍ପାଦକ ସୀତାଂଶୁ ଶେଖର ଦାସ ଉକ୍ତ ରକ୍ତଦାନ ଶିବିରକୁ ସଂଯୋଜନା କରିଥିବା ବେଳେ ମା'ବୁଢ଼ୀ ଦକ୍ଷିଣେଇ ପୂଜା କମିଟି ତରଫରୁ ପ୍ରଶାନ୍ତ କୁମାର ସେନାପତି, ବିଭୂତି ଭୂଷଣ ପଣ୍ଡା, ଜିତେନ୍ଦ୍ର କୁମାର ସାହୁ, ବିଜୟ କୁମାର ସାହୁ, ଚନ୍ଦ୍ର ଶେଖର ବ୍ରହ୍ମ,ସୁଶାନ୍ତ ସେନାପତି ମାନସ ରଞ୍ଜନ ବାରିକ, ମାଧବ ପଣ୍ଡା, ସୁଧାଂଶୁ ମୋହନ ଦାସ, ଶ୍ରୀମନ୍ତ ମିଶ୍ର, ସଂଯୁକ୍ତା ମହାପାତ୍ର ଶୁଚିସ୍ମିତା ସାହୁ, ଶର୍ମିଳି ସାହୁ, ପ୍ରକାଶ ରାଉତ ଓ ତାରିଣୀ ଘଡେଇ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ଧର୍ମଶାଳା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ବଡଚଣା(ମହାଭାରତ), :ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ଷୋ ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ ।ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଆଜି ମୋଟ ୯ ୨ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା ।ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୩ ଗୋଟି, ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୭୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୭୫ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ । ଅନିରୁଦ୍ଧ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଧର୍ମଶାଳା, ଶ୍ରୀ ଜ୍ୟୋର୍ତିମୟ କର, ତହସିଲଦାର, ଧର୍ମଶାଳା । ସମୀର ରଞ୍ଜନ ଦାସ, ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ ।

## କାଳବୈଶାଖୀ ତାଣ୍ଡବ ରେ ଅନେକ ଧନଜୀବନ କ୍ଷୟକ୍ଷତି



ଦାନଗଦି: ( ମହାଭାରତ)ବୈଶାଖୀ ପବନ ବର୍ଷାରେ ଦାନଗଦୀ ବ୍ଲକରେ ବହୁତ ଘର ଭାଙ୍ଗିଯିବା ସହ ଗଛ ଉପୁଡି ଯାଇଛି । ଅନେକ ଚାଷ ପନିପରିବା ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଯାଇଛି ।ସେହିପରି ଚିତ୍ରୀ ପଞ୍ଚାୟତର ଟୋଲକାନୀ ଗାଁର ଜଣେ ଗରିବ ଚାଷୀ ସୁଶାନ୍ତ ସେଠୀ (୪୯) ବହୁତ କଷ୍ଟ କରି ଖଣ୍ଡେ ଆଜେବେଷ୍ଟ ଘର କରିଥିଲେ ତାହା ସମ୍ପୂର୍ଣ ଭାଙ୍ଗି ଯାଇଛି, ପବନର ବେଗ ଏତେ ଜୋରରେ ଥିଲାଯେ ଘରର ଆଜେବେଷ୍ଟ ଗୁଡିକ ଉଡାଇଆଣି ବାହାରେ ଫୋପାଡ଼ି ହୋଇ ପଡି ଭାଙ୍ଗି ଯାଇଛି, ଦୁଇବଖରା ଘରର କାର୍ଯ୍ୟରୁ ପଥର ମଧ ଖସି ପଡିଛି । ପବନ ଜୋରରେ ହେବାରୁ ଘର ଭିତରୁ ପରିବାର ଲୋକେ ବାହାରକୁ ପଳାଇ ଆସିଥିବାରୁ କାହାର କିଛି କ୍ଷତି ହୋଇନାହିଁ, ବର୍ଷାରେ ଘର ଭିତରେ ଥିବା ଆସବାବ ପତ୍ର ଧାନ, ଚାଉଳ ଓଦାହୋଇ ନଷ୍ଟ ହୋଇ ଯାଇଛି, ଘର ଭାଙ୍ଗି ଯିବାରୁ ଗରିବ ଚାଷୀ ଲୋକଟି ଦୁଃଖରେ ଭାଙ୍ଗି ପଡିଛି । ପ୍ରଶାସନ କିଛି ସହାୟତା କରିବାକୁ ସେ ନିବେଦନ କରିଛି ।

## ଧର୍ମଗଡ଼ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର

କଳାହାଣ୍ଡି /ମହାଭାରତ:କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୭ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୧୪ ଗୋଟି ଓ ସାମୂହିକ ୩ ଗୋଟି ରହିଥିବା ବେଳେ ୫ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ଘରଡିହ, ଭତ୍ତା, ପାନୀୟଜଳ, ଜମିବିବାଦ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ଧର୍ମଗଡ଼ ଧିମାନ ଚକମା, ପଞ୍ଚାୟତ ସମିତି ଅଧ୍ୟକ୍ଷା ବବିତା ପାଟଯୋଷୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ତହସିଲଦାର ସଂଜୟ ସାମନ୍ତରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ମିନତୀ ଲତା ଦାସ, ଏସ.ଡି.ପି.ଓ. ଧର୍ମଗଡ଼ ମନୋଜ ବେହେରା, ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଜିବୁନ ନିଶା, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର,ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ପିଲା, ସହ ନିର୍ଦ୍ଦେଶକ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର କହଁର,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

### ଯାଞ୍ଚ ହେଉନି ଫାଷ୍ଟଫୁଡ୍ ସେଣ୍ଟର୍ ଓ ଠେଲା ଦୋକାନ

# ଅଧା ଦୋକାନୀଙ୍କର ଲାଇସେନ୍ସ ନାହିଁ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ସହର ବଢୁଛି । ଏହାକୁ ତାଳଦେଇ ଗଳିକନ୍ଦି ଓ ଛକ ବଜାରରେ ପ୍ରତିଦିନ ଫାଷ୍ଟଫୁଡ୍ ସେଣ୍ଟର୍ ଓ ଉଠା ଦୋକାନ ଖୋଲୁଛି । କେବଳ ସେତିକି ନୁହେଁ ଦହିବରା, ଗୁପ୍‌ଚୁପ୍ ଓ ଅନ୍ୟାନ୍ୟ ଚଟ୍‌ପଟି ଖାଦ୍ୟର ପସରା ମଧ୍ୟ ଖୋଲୁଛି । ମାତ୍ର ଏହି ଖାଦ୍ୟର ମାନ ପରୀକ୍ଷା ହେଉ ନାହିଁ କି ଏହି ଦୋକାନୀ ମାନଙ୍କର ଲାଇସେନ୍ସ ଅଛି କି ନାହିଁ, ଏହାର ଯାଞ୍ଚ ମଧ୍ୟ ହେଉନାହିଁ । ଫଳରେ ସଂପୃକ୍ତ ଦୋକାନୀ ମାନେ ଅତ୍ୟନ୍ତ ବେଫିକର ହୋଇ ଖାଦ୍ୟର ମାନକୁ ଗୁରୁତ୍ବ ଦେଉନାହାନ୍ତି । ଏହାର କୁପରିଣାମ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି । ନୟାଗଡ଼ ସହରର କଲେଜ୍ ରୋଡ, ଖଣ୍ଡପଡ଼ା ରୋଡ୍, ସିନ୍ଦୁରିଆ ରୋଡ୍, ପୁରୁଣା ସହର ରୋଡ୍ରେ ମାଳମାଳ ଫାଷ୍ଟଫୁଡ୍ ଷ୍ଟଲ୍ ରହିଛି । ସକାଳ ଠାରୁ ସନ୍ଧ୍ୟା ଏହି ସବୁ ସ୍ଥାନରେ ବିଶେଷ କରି ଯୁବବର୍ଗଙ୍କ ଭିଡ଼ ଲାଗୁଛି । ଗ୍ରାହକ ମାନଙ୍କୁ ବୋକା ବନାଇ ଅଧିକ ଲାଭ ପାଇଁ ଦୋକାନୀ ମାନେ ପୋଡ଼ା ଓ ନିମ୍ନ ମାନର ତେଲ, ବିଷାକ୍ତ ରଙ୍ଗ, ଭିନେଗାର୍ ଭଳି କ୍ଷତିକାରକ ସାମଗ୍ରୀ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରୁଛନ୍ତି । ଗ୍ରାହକ ମାନେ ମଧ୍ୟ ଏ ସମ୍ପର୍କରେ ଜାଣିବା ମୁସ୍କିଲ। ସେମାନେ ଟଙ୍କା ଦେଇ କେବଳ ରୋଗ କିଣୁଛନ୍ତି । ଯୁଗ ବଦଳିବା ସହିତ ଆଜିର ଯୁବପିଢ଼ିଙ୍କ ଖାଦ୍ୟ ଶୈଳୀରେ ପରିବର୍ତ୍ତନ ଆସିଛି । ଫାଷ୍ଟଫୁଡ୍ ଖାଇବା ଏକ ଟ୍ରେଣ୍ଡ



ପାଲଟିଯାଇଛି । ଛକ, ବଜାର ଓ ଗଳିକନ୍ଦିରେ ଯେଉଁଠି ଦେଖିବ ମାଳମାଳ ଫାଷ୍ଟଫୁଡ୍ ଷ୍ଟଲ୍‌ୟ ବିରିଆନି, ଘୁଗୁନି, ମଥୁରା କେକ୍, ଚାଟ୍ ସମେତ ଅନ୍ୟାନ୍ୟ ଆମିଷ ଓ ନିରାମିଷ ଖାଦ୍ୟ ଷ୍ଟଲରେ ବିକ୍ରି ହେଉଛି । ଏହାସହ ଦୋକାନୀ ମାନେ ଲାଇସେନ୍ସ ନେବାର ନିୟମ ରହିଥିବା ବେଳେ ସହରର ୫୦% ପ୍ରତିଶତ ଦୋକାନ ଗୁଡ଼ିକର ଲାଇସେନ୍ସ ନଥିବା ଜଣାପଡ଼ିଛି । ଗୁରୁତ୍ବପୂର୍ଣ୍ଣ କଥା ହେଲା ଉଠା ଦୋକାନୀ ଗୁଡ଼ିକ ସୋଲ ପ୍ଲେଟ୍ ବ୍ୟବହାର କରିବା ଉପରେ କଟକଣା ଲଗାଯାଇଛି । ମାତ୍ର ଦୋକାନୀ ମାନେ ଏହାକୁ ବେଖାତିର କରି ଖୁଲମଖୁଲା ଭାବେ ସୋଲ ପ୍ଲେଟ୍ ବ୍ୟବହାର କରୁଛନ୍ତି । କିନ୍ତୁ ଖାଦ୍ୟ ନିରାପତ୍ତା ବିଭାଗର ପଦକ୍ଷେପ କେବଳ ସଚେତନତା କାର୍ଯ୍ୟକ୍ରମରେ ଅଟକି ରହିଛି । ଏହି ବିଭାଗଟି ଥାଇ ନଥିବା ପରି କାର୍ଯ୍ୟ କରୁଛି । ଲୋକ ଦେଖାଣିଆ ଚଢ଼ଉ କରି ବିଭାଗ ନିଜ ଦାୟିତ୍ବ ଶେଷ କରି ଦେଉଛି ।ଅନ୍ୟପଟେ ଜିଲ୍ଲା ଖାଦ୍ୟ ନିରପତ୍ତା ବିଭାଗ ପକ୍ଷରୁ କୁହାଯାଇଛି ଯେ, ଅଧିକାଂଶ ସମୟରେ ସହରର ସମସ୍ତ ଫାଷ୍ଟଫୁଡ୍ ସେଣ୍ଟର୍ ଓ ଠେଲା ଦୋକାନ ଉପରେ ଚଢ଼ଉ କରାଯାଉଛି । ରେଳ ଷ୍ଟେସନ୍ ଠାରୁ ଆରମ୍ଭ କରି ପିଟିଏସ୍ ଛକ ପର୍ଯ୍ୟନ୍ତ ଚଢ଼ଉ ହୋଇଛି । ଜରିମାନା କମ୍ କରାଯାଇ ଅଧିକ ସଚେତନ କରାଯାଉଛି । ଏହି କ୍ରମରେ ୨୦ରୁ ୩୦ କିଲୋର ରଙ୍ଗମିଶା ଖାଦ୍ୟ, ପୋଡ଼ା ତେଲ, ଭେଜାଲ ଟମାଟୋ ସସ୍ ନଷ୍ଟ କରାଯାଇଛି । ଏ ଦିଗରେ ଆହୁରି ପଦକ୍ଷେପ ନିଆଯିବ ବୋଲି ବିଭାଗ କହିଛି ।

## ପାରାଦୀପ ବନ୍ଦରରେ ଅଗ୍ନି ନିରାପତ୍ତା ସପ୍ତାହ ଉଦଯାପିତ

ପାରାଦୀପ(ମହାଭାରତ): ଅଗ୍ନି ସମ୍ବନ୍ଧୀୟ ଜରୁରୀକାଳୀନ ପରିସ୍ଥିତିରେ ସାଧାରଣରେ ପ୍ରସ୍ତୁତି ଓ ସଚେତନ ଉଦ୍ଦେଶ୍ୟରେ ପାରାଦୀପ ବନ୍ଦର ପ୍ରାଧିକାରଣ ପକ୍ଷରୁ ଆୟୋଜିତ ସପ୍ତାହବ୍ୟାପି ଅଗ୍ନି ନିରାପତ୍ତା ସପ୍ତାହ ବନ୍ଦର ନିଷିଦ୍ଧା□ଳ ର ୪ ନମ୍ବର ଫାଟକ ନିକଟରେ ସଫଳତାର ସହ ଉଦଯାପିତ ହୋଇଯାଇଛି । ଗତ ଏପ୍ରିଲ ୧୪ ତାରିଖ ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଗ୍ନି ନିରାପତ୍ତା ବିଭାଗ ଓ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ମିଳିତ ସହଯୋଗରେ ଜନସାଧାରଣ, ବ୍ୟବସାୟୀ ଓ ପ୍ରତିଷ୍ଠାନ ରେ ଅଗ୍ନି ସୁରକ୍ଷା ଓ ନିରାପତ୍ତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଶିକ୍ଷା ପ୍ରଦାନ କରିଥିଲେ । ଏହି ଅବସରରେ ଅଗ୍ନି ସୁରକ୍ଷା ସମ୍ପର୍କିତ ଶିକ୍ଷା କର୍ମଶାଳା ଓ



ଆଲୋଚନାଚକ୍ର, ଅଗ୍ନି ସୁରକ୍ଷା କୌଶଳ ଅଭ୍ୟାସ ପ୍ରଦର୍ଶନ ଓ ଶିଳ୍ପ ସୁରକ୍ଷା ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉଦଯାପନୀ ସମାରୋହରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଗ୍ନି ନିରାପତ୍ତା କେବଳ ଅଗ୍ନି ବିଭାଗର ଦାୟିତ୍ୱ ନୁହେଁ ଏଥିରେ ସମସ୍ତ ଙ୍କର ସକ୍ରିୟ ସହଯୋଗ କରିବାର ଦାୟିତ୍ୱ ରହିଛି ବୋଲି କହିଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଶେଷରେ ବନ୍ଦର ସିଆଇଏସଏଫ ଅଗ୍ନିଶମ ବିଭାଗ ପକ୍ଷରୁ ସୁରକ୍ଷା ସମ୍ବନ୍ଧୀୟ କୌଶଳ ପ୍ରଦର୍ଶିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ସିଆଇଏସଏଫ କମାଣ୍ଡାଣ୍ଟ ସନତ କୁମାର ପଟେଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଆକାଶ ଜେସୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାରାଦୀପ ବନ୍ଦର ଗୋପବନ୍ଧୁ ଷ୍ଟାଡିୟମ ରେ ଫ୍ଲଡ ଲାଇଟ ବ୍ୟବସ୍ଥର ଶୁଭ ଉଦଘାଟନ



ପାରାଦୀପ (ମହାଭାରତ):ପ୍ରାୟ ୧ କୋଟି ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପାରାଦୀପ ବନ୍ଦର ପକ୍ଷରୁ ଗୋପବନ୍ଧୁ ଷ୍ଟାଡିୟମ ରେ ଗତ ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି ନୂତନ ଫ୍ଲଡ ଲାଇଟ ବ୍ୟବସ୍ଥା । ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏହି ଅବସରରେ ବନ୍ଦରର ବିଭିନ୍ନ ବିଭାଗୀୟ ମୁଖ୍ୟ ତଥା ଉଚ୍ଚ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ଆଲୋକୀକରଣ ବ୍ୟବସ୍ଥା ଅନ୍ତର୍ଗତ ୬ ଗୋଟି ୩କ୍ସ ମିଟର ଉଚ୍ଚା ଆଲୋକ ଖୁମ୍ବ ବ୍ୟବସ୍ଥା କରାଯାଇଛି । ଏହି ଏଲଇଡି ହାଇମାକ୍ସ ଲାଇଟ ଯୋଗୁଁ ବନ୍ଦରର କ୍ରୀଡା ପ୍ରେମୀ ଙ୍କ ମଧ୍ୟରେ ଉତ୍ସାହ ର ବାତାବରଣ ଖେଳିଯାଇଛି । ଏହା ଦ୍ୱାରା ଷ୍ଟାଡିଅମ ରେ ଆଗକୁ ସାନ୍ଧ୍ୟ କ୍ରୀଡା କାର୍ଯ୍ୟକ୍ରମ କୁ ପ୍ରୋତ୍ସାହିତ କରିବ ।ଫଳରେ ସ୍ଥାନୀୟ ଖେଳାଳି ମାନେ ଅନେକ ଉପକୃତ ହୋଇପାରିବେ ବୋଲି ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ କହିଛନ୍ତି ।

## ଲୋକଙ୍କ ସମସ୍ୟାକୁ ଆଣି ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ନେତ୍ରୀ



ହାଟଡିହୀ ବ୍ଲକର ଆଦିବାସୀ ଅଧୁଷିତ ଅଞ୍ଚଳ ଭାବେ ପାହାଡିଆ ଅଞ୍ଚଳ ରେ ବିକାଶ କିପରି ବିନାଶ ହୋଇଛି ସିଧା ସଳଖ ବିଡ଼ିଓ ହାଟଡିହି ବିଡ଼ିଓ ଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ଙ୍କୁ ନିବେଦନ କରିଛନ୍ତି । ପାହାଡିଆ ଅଞ୍ଚଳ କେ ବାଲିପାଳ ପଞ୍ଚାୟତ ରେ କିଭଳି ରହିଛି ବିକାଶ ର ଚିତ୍ର ସିଧା ସଳଖ ବିଡ଼ିଓ ଙ୍କୁ ପ୍ରଶ୍ନ କରିବା ସହ ଏକାଧିକ ଲୋକଙ୍କୁ ନେଇ କେବେ ପୂରଣ ହେବ ମୌଳିକ ସମସ୍ୟା ବୋଲି ପ୍ରଶ୍ନ କରିଛନ୍ତି ସମାଜ ସେବୀ ଝାନ୍ସିରାଣୀ ଦାସ ସ୍ୱାଧୀନତା ର ୭୦ ବର୍ଷ ପରେ ବି ନାହିଁ ବିଦ୍ୟୁତ ସେବା, ମୋବାଇଲ ନେଟୱର୍କ, ଗମନାଗମନ ପାଇଁ ରାସ୍ତା ପିଇବା ପାଇଁ ଶୁଦ୍ଧ ପାଣି ଆଉ ଶିକ୍ଷା କୁ ତ ଠିଆ ଗୋଇଠା ।ଏମିତି କି ସରକାରୀ ଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ଥିବା ପଞ୍ଚାୟତବାସି ଙ୍କୁ କେବେ ମିଳିବ ମୌଳିକ ସୁବିଧା ବୋଲି ଘେରି ଥିଲେ ବିଡ଼ିଓ ଙ୍କୁ । ଏହି ନେଇ ବିଡିଓ ଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି ।ପ୍ରାୟ ୧୯୬୦ରୁ ଏହି ପଞ୍ଚାୟତରେ ଜନବସତି, ଆରମ୍ଭ ହୋଇ ଥିଲେ ସୁଦ୍ଧା ଗ୍ରାମବାସୀଙ୍କ ପାଖରେ ନା ରହିଛି ବିଦ୍ୟୁତ, ନା ମୋବାଇଲ୍ ନେଟୱାର୍କ, ଗମନାଗମନ ପାଇଁ ପକା ରାସ୍ତା ଟିଏ ବି ଉପଲବ୍ଧ ନାହିଁ ବୋଲି ପ୍ରଶ୍ନ କରିଥିଲେ ନେତ୍ରୀ ଝାଂଶି ରାଣୀ ଦାସ, ।ଏହା ଅତ୍ୟନ୍ତ ଦୁଃଖର ବିଷୟ ପୂର୍ବ ସରକାରଙ୍କ ସମୟରେ ବହୁବାର ନିବେଦନ କରିବା ସତ୍ତ୍ୱେ କୌଣସି ସରକାରୀସ୍ତରରେ ପଦକ୍ଷେପ ନିଆଯାଇ ନଥିଲା । ଏବେ ଲୋକଙ୍କ ସରକାର, ବିଜେପି ସରକାର, ନିଜ ଜିଲ୍ଲା ର ସମସ୍ୟା କୁ ଅଧିକ ପ୍ରାଧାନ୍ୟ ଦେବେ ବୋଲି ଲୋକଙ୍କ ସରକାର, ଙ୍କ ନିକଟ ରେ ଦୃଷ୍ଟି ଆକର୍ଷଣ କରି ବ୍ଲକ ଏକାଧିକ ଲୋକଙ୍କୁ ଧରି ପହଞ୍ଚି ଥିଲେ । ଏହି ଦାବି ରଖିବା ପରେ ପୂର୍ବ ସରକାର ସତ ପଦାରେ ପଡ଼ିଥିବା ବୋଲି ଚର୍ଚ୍ଚା ହେଉଛି ।

## ପୋଖରୀରେ ବୁଡି ମହିଳାଙ୍କର ମୃତ୍ୟୁ

ଦଶପଲ୍ଲା (ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ବଣିଗୋଚ୍ଛା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଫାଲପାଜୁ ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା । ଫାଲପାଜୁ ଗ୍ରାମରେ ଥିବା ଏକ ପୋଖରୀକୁ ଚରିଫୁଲ ବିନ୍ଧାଣି (୫୦)ଶୌଚ ହେବାକୁ ଯିବା ସମୟରେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ ।ଖବର ପାଇ ପରିବାର ଲୋକ ଓ ସେହି ଗ୍ରାମର ଲୋକ ବହୁତ ଖୋଜା ଖୋଜି କରିବା ପରେ ଚରିଫୁଲ ପାଣିରେ ଭାସୁଥିବାର ଦେଖି ଦମକଳ ବାହିନୀକୁ ଖବର ଦେଇଥିଲେ । ଖବର ପାଇଁ ଦମକଳ ବାହିନୀ ପାଣିରୁ ଉଦ୍ଧାର କରିଥିଲେ ।୧୦୮ଆମ୍ବୁଲାନ୍ସ ରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ ।ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।

### ଜିଲ୍ଲାରେ ବଢୁଛି ଶିଶୁ ଅପପୁଷ୍ଟି ହାର

# ଦଶପଲ୍ଲା ବ୍ଲକରେ ସର୍ବାଧିକ ଶିଶୁ କୁପୋଷଣ ପୀଡ଼ିତ

ନୟାଗଡ଼, ( ମହାଭାରତ ) : ରାଜ୍ୟରୁ ଶିଶୁ ମୃତ୍ୟୁହାର ଦୂର କରିବା ପାଇଁ ସରକାରୀ ସ୍ତରରେ ବ୍ୟାପକ ପଦକ୍ଷେପ ନିଆଯାଉଛି । ବିଶେଷକରି ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ୍ ତୁଳନାରେ ଦଶପଲ୍ଲା ବ୍ଲକ୍ର ଅନେକ ପଞ୍ଚାୟତ ଆଦିବାସୀ ବହୁଳ ତଥା ଅନୁନ୍ନତ ଅଞ୍ଚଳ ଭାବେ ପରିଚିତୟ ଏହି ବ୍ଲକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଫେଲ୍ ମାରିଥିବା ନେଇ ଅପବାଦ ମଣ୍ଡାଇବାକୁ ପଡ଼ିଥିବା ବେଳେ ଏବେ ଚିହ୍ନଟ ହୋଇଥିବା ଅପପୁଷ୍ଟି ଜନୀତ ଶିଶୁ ହାର ଚିନ୍ତା ଜନକ ପରିସ୍ଥିତି ସୃଷ୍ଟି କରିଛି । ବିଶେଷତଃ ଅପପୁଷ୍ଟି ରୋକିବାକୁ ସରକାର ଅନେକ ଯୋଜନା ହାତକୁ ନେଉଛନ୍ତି । ଶିଶୁ ମାନଙ୍କୁ ପୋଷଣଯୁକ୍ତ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛ । ମାତ୍ର ୨୦୨୪-୨୫ ବର୍ଷରେ ଦଶପଲ୍ଲା ବ୍ଲକ୍ରେ ଦେଖା ଦେଇଥିବା ଅପପୁଷ୍ଟି ହାର ଉପରେ ନଜର ପକାଇଲେ ସରକାରୀ ଯୋଜନା ଓ କାର୍ଯ୍ୟଶୈଳୀ ପ୍ରତି ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାରୀ ତଥ୍ୟ ଉପରେ ନଜର ପକାଇଲେ ଜିଲ୍ଲାରେ ୨ଟି ପୁଷ୍ଟି ପୁନର୍ବାସ ସଂସ୍ଥା ବା ଏନ୍ଆରସି କାର୍ଯ୍ୟ କରୁଛି ।



ଗୋଟିଏ ନୟାଗଡ଼ରେ ରହିଥିବା ବେଳେ ଆଉ ଗୋଟିଏ ଖଣ୍ଡପଡ଼ାରେ ରହିଛି । ନୟାଗଡ଼ ଏନ୍ଆରସିରେ ନୟାଗଡ଼ ସମେତ ରଣପୁର, ଓଡ଼ଗାଁ, ଦଶପଲ୍ଲା ଓ ନୂଆଗାଁ ବ୍ଲକ୍ର ଅପପୁଷ୍ଟି ବା କୁପୋଷଣ ଶିଶୁ ଭର୍ତ୍ତି ହେଉଥିବା ବେଳେ ଖଣ୍ଡପଡ଼ାରେ ଗଣିଆ, ଭାପୁର ଓ ଖଣ୍ଡପଡ଼ା ବ୍ଲକ୍ର ଶିଶୁ ଭର୍ତ୍ତି ହୋଇଥାନ୍ତି । ଏହା ମଧ୍ୟରେ ନୟାଗଡ଼ ଏନ୍ଆର୍ସିରେ ଭର୍ତ୍ତି ହୋଇଥିବା ୫ଟି ବ୍ଲକ୍ର ଅପପୁଷ୍ଟି ପିଲାଙ୍କ ମଧ୍ୟରେ ଦଶପଲ୍ଲା ବ୍ଲକ୍ର ସର୍ବାଧିକ ଶିଶୁ ଅପପୁଷ୍ଟି ଚିହ୍ନଟ ହେବା ସହ ଏନ୍ଆର୍ସିରେ ଭର୍ତ୍ତି ହୋଇଥିବା ନେଇ ତଥ୍ୟ ହସ୍ତଗତ ହୋଇଛି । ବିଶେଷସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତବର୍ଷ ( ଏପ୍ରିଲ୍ ୧ ଠାରୁ ମାର୍ଚ୍ଚ ୩୧ ) ଦଶପଲ୍ଲା ବ୍ଲକ୍ରେ ୧୫୩ ଜଣ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ନେଇ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବା ( ଆର୍ବିଏସ୍କେ ) ପକ୍ଷରୁ ଚିହ୍ନଟ ହୋଇଛନ୍ତି । ଯେଉଁଥିରେ ନୟାଗଡ଼ ଏନ୍ଆର୍ସିରେ ୪୪ ଜଣ ଶିଶୁ ଭର୍ତ୍ତି ହୋଇଥିବା ବେଳେ ଖଣ୍ଡପଡ଼ା ଏନ୍ଆର୍ସିରେ ୨୦ ଜଣ ଶିଶୁ ଭର୍ତ୍ତି ହୋଇଛନ୍ତି । ସଚେତନତା ଅଭାବ ସାଙ୍ଗକୁ ପରିଚାଳନାଗତ ତ୍ରୁଟିକୁ ନେଇ ଏବେ ବି ୮୯ ଜଣ ଶିଶୁ ଏନ୍ଆରସିରେ ଭର୍ତ୍ତି ହୋଇ ପାରିନାହାନ୍ତି । ଏସବୁ ଶିଶୁଙ୍କ ମଧ୍ୟରେ ୫ ରୁ ୬ ଜଣ ଶିଶୁଙ୍କ ଅବସ୍ଥା ସଙ୍ଗିନ ଥିବା ମଧ୍ୟ କୁହାଯାଉଛି । ସେହିଭଳି ନୟାଗଡ଼ରୁ ୨୪ ଜଣ, ନୂଆଗାଁରୁ ୪୦, ଓଡ଼ଗାଁରୁ ୩୬ ଓ ରଣପୁରରୁ ୨୨ ଜଣ ଶିଶୁ ଏନ୍ଆରସିରେ ଭର୍ତ୍ତିହୋଇଛନ୍ତ । ନୟାଗଡ଼ ଏନ୍ଆରସିରେ ଗତବର୍ଷ ୨୩୪ ଜଣ ଶିଶୁ ଭର୍ତ୍ତି ହୋଇଛନ୍ତି । ଯେଉଁଥିରେ ଆର୍ବିଏସ୍କେ ପକ୍ଷରୁ ୧୬୬ ଜଣ ଶିଶୁ ରହିଥିବା ବେଳେ ମେଡିକାଲ୍ ଅଫିସ୍ ପକ୍ଷରୁ ୫୨ ଜଣ, ଆଶା ପକ୍ଷରୁ ୨ ଓ ଅନ୍ୟାନ୍ୟ ଅର୍ଥା ଅଙ୍ଗନବାଡ଼ି ପକ୍ଷରୁ ମାତ୍ର ୧୪ ଜଣ ଶିଶୁ ଭର୍ତ୍ତି ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି । ବଡ଼କଥା ହେଉଛି ରାଜ୍ୟରୁ କୁପୋଷଣ ଦୂର କରିବା ତଥା ଅପପୁଷ୍ଟିଜନୀତ ଶିଶୁ ହାର ହ୍ରାସ କରିବା ପାଇଁ ସରକାର ମହିଳା ଓ ଶିଶୁ ବିକାଶ ଯୋଜନା ମାଧ୍ୟମରେ ପୋଷଣଯୁକ୍ତ ଖାଦ୍ୟ ଯୋଗାଇ ଦେବାସହ ନାନା ସଚେତନତା କାର୍ଯ୍ୟକ୍ରମ କରାଯାଇଥାଏ । ମାତ୍ର ଏଭଳି କୁପୋଷଣ ହାରକୁ ନେଇ ସରକାରୀ ଯୋଜନା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ବାସ୍ତବରେ ଶିଶୁଙ୍କ ନିକଟରେ ଏସବୁ ଖାଦ୍ୟ ପହଞ୍ଚାଇବା ମହିଳା ଓ ଶିଶୁ ବିକାଶ ଯୋଜନାର ପ୍ରମୁଖ ଭୂମିକା ରହୁଥିବା ବେଳେ ତାହା ଅଧିକାରୀଙ୍କ ପରିଚାଳନାଗତ ତ୍ରୁଟିକୁ ପଦାରେ ପକାଇଛି । ଏସମ୍ପର୍କରେ ମହିଳା ଓ ଶିଶୁ ବିକାଶବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ପ୍ରତି ମାସରେ କିଛିକିଛି ପିଲା ଚିହ୍ନଟ ହେଉଥିବା ବେଳେ ଚିକିତ୍ସା ପରେ ସେମାନେ ସୁସ୍ଥ ହେଉଛନ୍ତି । ଚଳିତ ମାସରେ ଦଶପଲ୍ଲା ବ୍ଲକ୍ରେ କେବଳ ୭ ଜଣ ପିଲା ଅପପୁଷ୍ଟିର ଶିକାର ହୋଇଥିବା ସୂଚନା ମିଳିଛି ।

## ଭାରତରେ ଆମେରିକା ଉପରାଷ୍ଟ୍ରପତି



ଭାରତରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ । ପ୍ରଥମଥର ପାଇଁ ଭାରତ ଆସିଛନ୍ତି ଭାନ୍ସ । ପତ୍ନୀ ଉଷା ଓ ୩ ସନ୍ତାନଙ୍କ ଭାନ୍ସ ଗସ୍ତ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ରହିଛି । ମିଳିଥିବା ସୂଚନା ଅନୁସାରେ ଭାରତ ସହ ଆମେରିକାର ଦ୍ୱିପାକ୍ଷିକ ଆଲୋଚନା କରାଯିବ । ତେବେ ଭାନ୍ସଙ୍କ ଗସ୍ତ ସମୟରେ ଭାରତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବ । ପ୍ରଥମେ ହେଉଛି ଟାରିଫ, ଦ୍ୱିତୀୟରେ ହେଉଛି ପ୍ରବାସୀ ଭାରତୀୟଙ୍କ ସ୍ଥାନାନ୍ତର । ଏଥିସହ ଅର୍ଥବ୍ୟବସ୍ଥା,ବ୍ୟାପାର ସହ ବିଭିନ୍ନ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ଚର୍ଚ୍ଚା କରାଯିବା ସହ ଚୁକ୍ତି ସ୍ୱାକ୍ଷର କରାଯିବ । ଟ୍ରମ୍ପ ପ୍ରଶାସନ ପକ୍ଷରୁ ଭାରତ ପାଇଁ ବଡ ବାର୍ତ୍ତା ରହିଥାଇପାରେ । ପ୍ରଧାନମନ୍ତ୍ରୀ ମୋଦୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର, ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ବିଦେଶ ସଚିବ ବିକ୍ରମ ମିସ୍ତ୍ରୀ, ଭାରତୀୟ ରାଷ୍ଟ୍ରଦୂତ ବିନୟ ମୋହନଙ୍କ ସହ ପର୍ଯ୍ୟାୟକ୍ରମରେ ଦ୍ୱିପାକ୍ଷିକ ଆଲୋଚନା କରିବେ ଭାନ୍ସ ଓ ତାଙ୍କ ଟିମ । ଦିଲ୍ଲୀଗସ୍ତ ଶେଷ କରି ପରିବାର ସହ ରାଜସ୍ଥାନର ଜୟପୁର, ଆଗ୍ରା ତାଜମହଲ ଯିବା କାର୍ଯ୍ୟକ୍ରମ ରହିଛି । ତେବେ ଉପରାଷ୍ଟ୍ରପତିଙ୍କ ଜେଡି ଭାନ୍ସଙ୍କ ଭାରତର କନେକ୍ସନ ମଧ୍ୟ ରହିଛି । ଭାନ୍ସଙ୍କ ପତ୍ନୀ ଉଷା ହେଉଛନ୍ତି ଭାରତୀୟ ବଂଶୋଦ୍ଭବ । ତେଲ୍ଗୁ ? ପରିବାର ଲକ୍ଷ୍ମୀ ଓ ରାଧାକ୍ରିଷ୍ଣଙ୍କ ଦୀର୍ଘବର୍ଷ ପୂର୍ବରୁ ଆମେରିକା ଚାଲିଯାଇଥିଲେ । ଆଇଆଇଟି ମାଡ୍ରାସରେ ପାଠ ଶେଷ କରି ଉଷାଙ୍କ ବାପା ଓ ମା ଆମେରିକାର ସ୍ଥାୟୀ ନିବାସୀ ହୋଇଥିଲେ । ତେବେ ୨୦୧୪ରେ ଜେଡି ଭାନ୍ସଙ୍କ ସହ ହିନ୍ଦୁ ରୀତିନୀତି ସହ ବିବାହ କରିଥିଲେ ଉଷା । ପେଶାରେ ଉଷା ଜଣେ ଆଇନଜୀବୀ ।

## ହମାସ୍ ଆତଙ୍କୀ ସଂଗଠନରେ ସାମିଲ ହେଲେ ୩୦ ହଜାର ନୂତନ କର୍ମୀ

ନୂଆଦିଲ୍ଲୀ : ବଳ ଗୋଟାଉଛି ଆତଙ୍କୀ ସଙ୍ଗଠନ ହମାସ୍ । ହମାସ ଗାଜା ଉପତ୍ୟକାରେ ତାର ନୂଆ ସୈନିକ ମାନଙ୍କୁ ନିଯୁକ୍ତି ଦେବା ପାଇଁ ବ୍ୟାପକ ଅଭିଯାନ ଆରମ୍ଭ କରିଛି । ଇସ୍ରାଏଲ ସହ ଯୁଦ୍ଧରେ ବ୍ୟାପକ କ୍ଷତି ସହିଥିବା ବେଳେ ଏବଂ ଏହି ଗୋଷ୍ଠୀ ପାଣ୍ଠିର ଅଭାବର ସମ୍ମୁଖୀନ ହେଉଥିବା ବେଳେ ହମାସ୍ ଏହି ନିଯୁକ୍ତି ଅଭିଯାନ ଆରମ୍ଭ କରିଛି । ସମ୍ବଳର ଅଭାବକୁ ଦୃଷ୍ଟିରେ ରଖି ହମାସ ମଧ୍ୟ ନିଜର ଯୁଦ୍ଧ ରଣନୀତିରେ ପରିବର୍ତ୍ତନ କରିଛି । ହମାସ୍ ଇସ୍ରାଏଲ ସହ ଦୀର୍ଘ ଦିନ ଧରି ଯୁଦ୍ଧ ପାଇଁ ନୂତନ ସୈନିକ ମାନଙ୍କୁ ପ୍ରସ୍ତୁତ କରିବାକୁ ଚେଷ୍ଟା କରୁଛି । ଇସ୍ରାଏଲ୍ କହିଛି, ହମାସ ଶସ୍ତ୍ର ଶାଖା ଅଲ୍-କାସାମ୍ ବ୍ରିଗେଡ୍ ୩୦ହଜାର ନୂଆ ସୈନିକଙ୍କୁ ନିଯୁକ୍ତି ଦେଉଛି । ନୂତନ ସୈନିକ ମାନେ ପାରମ୍ପରିକ ଯୁଦ୍ଧରେ ତାଲିମ ପାଇନାହାଁନ୍ତି । ହମାସ୍ ? ଏକ ନୂତନ ନିଯୁକ୍ତି ଅଭିଯାନ ଆରମ୍ଭ କରିଛି କିନ୍ତୁ ଗୁରୁତର ଆର୍ଥିକ ଅସୁବିଧା କାରଣରୁ ଅସୁବିଧାର ସମ୍ମୁଖୀନ ହେଉଛି । ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲର ଏକ ରିପୋର୍ଟ ଅନୁଯାୟୀ, ହମାସ ଏହାର ସୈନିକ ମାନଙ୍କୁ ଦରମା ଦେବାରେ ଅସମର୍ଥ । ଗାଜା ଉପତ୍ୟକାରେ ଯୁଦ୍ଧ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଏବଂ ଇସ୍ରାଏଲ ସରକାରଙ୍କ ଦ୍ୱାରା ମାନବିକ ସହାୟତା ବନ୍ଦ ହେବା କାରଣରୁ ହମାସରେ ସଙ୍କଟ ଆହୁରି ଘନୀଭୂତ ହୋଇଛି ।

## ବାୟୁସେନା ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ

ନୂଆଦିଲ୍ଲୀ: କର୍ଣ୍ଣାଟକ ରାଜାଧାନୀ ବେଙ୍ଗାଲୁରୁରେ ଦୁଃଖଦ ଘଟଣା । ଡିଆରଡିଓରେ କାର୍ଯ୍ୟରତ ବାୟୁସେନା ୱିଙ୍ଗ କମାଣ୍ଡରଙ୍କୁ ମରଣାନ୍ତକ ଆକ୍ରମଣ । ଅଜ୍ଞାତ ଲୋକ ଅତର୍କିତ ଭାବେ ହମଲା କରିଥିବା ଅଭିଯୋଗ । ଫଳରେ ଗୁରୁତର ଭାବେ ଆହତ ହୋଇଛନ୍ତି ୱିଙ୍ଗ କମାଣ୍ଡର ଶିଳାଦିତ୍ୟ ବୋଷ । ସେ ପରିବାର ସହିତ ଏୟାରପୋର୍ଟ ଯାଉଥିବା ବେଳେ କିଛି ଅଜ୍ଞାତ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ । ଏହାର ଭିଡିଓ ମଧ୍ୟ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି । ଅନ୍ୟପଟେ ଅଭିଯୋଗ ପରେ ବି ଏଯାଏଁ ଅଭିଯୁକ୍ତ ଗିରଫ ହୋଇନଥିବାରୁ ପୋଲିସର ନିଷ୍କ୍ରିୟତାକୁ ସମସ୍ତେ ସମାଲୋଚନା କରିଛନ୍ତି । ୱିଙ୍ଗ କମାଣ୍ଡର ଶିଳାଦିତ୍ୟ ବୋଷ୍ ନିଜ ଏଫଆଇଆରରେ ଲେଖିଛନ୍ତି, ସେ ଏୟାରପୋର୍ଟ ଯାଉଥିବାବେଳେ କିଛି ଅଜ୍ଞାତ ଲୋକ ତାଙ୍କୁ ବାଇକରେ ଆସି ଆକ୍ରମଣ କରିଥିଲେ । ବାଇକରେ ପିଛା କରୁଥିବା ଦୁର୍ବୃତ୍ତମାନେ ରୋଡ୍ ରେଜ୍ ଘଟଣାରେ ତାଙ୍କୁ ପ୍ରଥମେ ଗାଳି ଗୁଲଜ କରିଥିଲେ ପରେ ମରଣାନ୍ତକ ଆକ୍ରମଣ କରିଥିଲେ । ୱିଙ୍ଗ କମାଣ୍ଡର ରକ୍ତ ଜୁଡୁବୁଡୁ ଅବସ୍ଥାର ଭିଡିଓ ନିଜ ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି ।

## ପୋପ୍ ଫ୍ରାନ୍ସିସଙ୍କ ଦେହାନ୍ତରେ ଦୁଃଖ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ ମୋଦି



ଭାଟିକାନ୍ ସିଟିରେ ପୋପ୍ ଫ୍ରାନ୍ସିସଙ୍କ ଦେହାନ୍ତ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା । ତାଙ୍କ ନିଧନରେ ପ୍ରଧାନମନ୍ତ୍ରୀ ମୋଦି ଦୁଃଖ ପ୍ରକାଶ କରିବା ସହିତ ତାଙ୍କ ସହିତ ସାକ୍ଷାତ କରିବାରୁ ସ୍ମୃତିକୁ ସ୍ମରଣ କରିଛନ୍ତି । ନିକଟରେ ପୋପ୍ ଫ୍ରାନ୍ସିସ୍ ଙ୍କୁ ନିମୋନିଆ ହେବା ପରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମୋଦି ଏକ୍ସରେ ଲେଖିଛନ୍ତି, ପୋପ୍ ଫ୍ରାନ୍ସିସଙ୍କ ନିଧନରେ ଗଭୀର ଦୁଃଖିତ । ଏଭଳି ଦୁଃଖ ସମୟରେ ସମଗ୍ର କ୍ୟାଥୋଲିକ ସମୁଦାୟ ପ୍ରତି ମୋର ସମବେଦନା । ପୋପ୍ ଫ୍ରାନ୍ସିସ ଦୁନିଆର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ କରୁଣା, ବିନମ୍ରତା ଏବଂ ଆଧ୍ୟାତ୍ମିକ ସାହସର ପ୍ରତୀକ ଭାବେ ସ୍ମରଣ ରହିବେ । ବହୁତ କମ୍ ବୟସରେ ଯୀଶୁଖ୍ରୀଷ୍ଟଙ୍କ ଆଦେଶକୁ ସାକାର କରିବା ପାଇଁ ନିଜକୁ ସମର୍ପିତ କରିଛନ୍ତି । ସେ ଗରିବ ଏବଂ ଅସହାୟ ଲୋକଙ୍କ ମଧ୍ୟରେ ଆଶାର ଉଦ୍ଦୀପନା ସୃଷ୍ଟି କରିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି, ମୁଁ ତାଙ୍କ ସହିତ ସାକ୍ଷାତ କରିବା ସମୟ ସ୍ମରଣରେ ରହିବ । ଭାରତର ଲୋକଙ୍କ ପ୍ରତି ତାଙ୍କର ସ୍ନେହ ସବୁବେଳେ ମନେ ରହିବ । ଈଶ୍ୱର ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ । ଭାଟିକାନ୍ ସିଟିରୁ ପୋପଙ୍କ ମୃତ୍ୟୁର ଗୋଟିଏ ଦିନ ପୂର୍ବରୁ, ସେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ଭେଟିଥିଲେ । ପୋପଙ୍କ ମୃତ୍ୟୁରେ ଭାଟିକାନ ସିଟି ପକ୍ଷରୁ କୁହାଯାଇଛି କି, ରୋମାନ କ୍ୟାଥୋଲିକ ଚର୍ଚ୍ଚର ପ୍ରଥମ ଲାଟିନ୍ ଆମେରିକୀୟ ପୋପ୍ ଫ୍ରାନ୍ସିସଙ୍କ ମୃତ୍ୟୁ ହୋଇଛି । ତାଙ୍କର ଉଭୟ ଫୁସଫୁସ୍ ନିମୋନିଆରେ ସଂକ୍ରମିତ ହୋଇଥିଲା । ସେ ଦୀର୍ଘ ସମୟ ଧରି ହସ୍ପିଟାଲରେ ଥିଲେ ।

## ପଶ୍ଚିମବଙ୍ଗ ରାଜ୍ୟପାଳ ଅସୁସ୍ଥ

ନୂଆଦିଲ୍ଲୀ: ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋସ୍ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସୋମବାର ତାଙ୍କୁ ଇଷ୍ଟର୍ଣ୍ଣ କମାଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଜଭବନର ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି। ତାଙ୍କୁ ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତରମାନେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି ଏବଂ ଆବଶ୍ୟକୀୟ ପରୀକ୍ଷା ପରେ ପରବର୍ତ୍ତୀ ପର୍ଯ୍ୟାୟ ଚିକିତ୍ସା ବିଷୟରେ ନିଷ୍ପତ୍ତି ନିଆଯିବ। ଅପରପକ୍ଷେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଡାକ୍ତରଖାନା ଯାଇ ରାଜ୍ୟପାଳଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

## ଜାମ୍ମୁ କାଶ୍ମୀରରେ ପ୍ରକୃତିର ତାଣ୍ଡବ: ୫ ମୃତ




ନୂଆଦିଲ୍ଲୀ : ଜାମ୍ମୁ କାଶ୍ମୀର ରାମବାନ ଜିଲ୍ଲାରେ ପ୍ରବଳ ବାଦଲ ଫଟା ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହା ସହିତ ଅନେକ ସ୍ଥାନରେ ଭୂସ୍ଖଳନ ଘଟିଛି । ଗତ ୨୪ ଘଣ୍ଟାରେ ୫ ଜଣଙ୍କ ଜୀବନ ଯାଇଛି । ଏହି ପରିପ୍ରେକ୍ଷୀରେ ରାମବାନ୍ ବରିଷ୍ଠ ପୋଲିସ ଅଧୀକ୍ଷକ କୁଲବୀର ସିଂ ରବିବାର କହିଛନ୍ତି, ଯେ ପ୍ରାକୃତିକ ବିପର୍ଯ୍ୟୟରେ ୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜିଲ୍ଲାରେ ୧୦୦ ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ବାଦଲ ଫଟା ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ୨୫୦ କିଲୋମିଟର ଲମ୍ବା ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଯାହା ଫଳରେ ଶହ ଶହ ଯାନବାହନ ଫସି ରହିଥିଲା। ଭାରତୀୟ ସେନା ରିଲିଫ୍ କାର୍ଯ୍ୟ ଆରମ୍ଭ କରିଛି। ଏନଏଚ-୪୪ରେ ଫସି ରହିଥିବା ଯାତ୍ରୀମାନଙ୍କୁ ଖାଦ୍ୟ, ବାସସ୍ଥାନ ଏବଂ ଚିକିତ୍ସା ସହାୟତା ଯୋଗାଇବା ପାଇଁ ଏନଏଚ ଗୁଡ଼ିକୁ ନିୟୋଜିତ କରାଯାଇଛି। ଆଠଟି ସେନା ବାହିନୀ ପ୍ରସ୍ତୁତ ଅଛନ୍ତି ଏବଂ ସ୍ଥାନାନ୍ତର କାର୍ଯ୍ୟ ଚାଲିଛି। ପ୍ରାରମ୍ଭିକ ଆକଳନ ଅନୁଯାୟୀ, ରାସ୍ତାରୁ ଭଗ୍ନାବଶେଷ ସଫା କରିବା ଏବଂ ଯାତାୟାତ ପୁନଃସ୍ଥାପିତ କରିବାକୁ ୪୮ ଘଣ୍ଟା ପର୍ଯ୍ୟନ୍ତ ସମୟ ଲାଗିପାରେ। ରାମବାନର ଡେପୁଟି କମିଶନର କହିଛନ୍ତି ଯେ ଉଦ୍ଧାର କାର୍ଯ୍ୟ ଚାଲିଛି ଏବଂ ସମସ୍ତ ସରକାରୀ ସଂସ୍ଥା, ପୋଲିସ, ଏସଡିଆରଏଫ, ସେନା, ଏନଜିଓ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବକମାନେ ରିଲିଫ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଜିଲ୍ଲାର ସମସ୍ତ ସ୍କୁଲ, କଲେଜ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନ ଏବେ ବନ୍ଦ ରହିବ। କାଶ୍ମୀର ଉପତ୍ୟକାରେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି, ସୋମବାର ସମସ୍ତ ସ୍କୁଲ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷା ମନ୍ତ୍ରୀ ସକିନା ଟ୍ୱିଟରରେ ପୋଷ୍ଟ କରିଛନ୍ତି, 'ପିଲାମାନଙ୍କ ସୁରକ୍ଷା ଏବଂ ମଙ୍ଗଳକୁ ଧ୍ୟାନରେ ରଖି ଏକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏହି ନିଷ୍ପତ୍ତି ନିଆଯାଇଛି।'

## ଏଲ୍‌ପିଜି ଡିଷ୍ଟ୍ରିବ୍ୟୁଟର୍ସ ସଂଘ ସରକାରଙ୍କୁ ଧର୍ମଘଟ ଧମକ

ନୂଆଦିଲ୍ଲୀ : ଏଲ୍‌ପିଜି ଡିଷ୍ଟ୍ରିବ୍ୟୁଟର୍ସ ସଂଘ ସରକାରଙ୍କୁ ଧର୍ମଘଟ କରିବା ନେଇ ଧମକ ଦେଇଛି। ନିକଟରେ ସରକାର ଘରୋଇ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୫୦ ଟଙ୍କା ବୃଦ୍ଧି କରିଥିଲେ।



ସଂଘ ଚେତାବନୀ ଦେଇଛି, ଯଦି ତିନି ମାସ ମଧ୍ୟରେ ଉଚ୍ଚ କମିଶନ ସମେତ ସେମାନଙ୍କର ଦାବି ପୂରଣ ନ ହୁଏ, ତେବେ ସେମାନେ ଧର୍ମଘଟ କରିବେ। ଭୋପାଳରେ ସଂଘର ଜାତୀୟ ସମ୍ମିଳନୀରେ ଏହି ନିଷ୍ପତ୍ତି ନିଆଯାଇଥିବା ସଂଘର ସଭାପତି ବି.ଏସ୍ ଶର୍ମା କହିଛନ୍ତି । ଦାବିପତ୍ର ସମ୍ପର୍କିତ ପ୍ରସ୍ତାବକୁ ବିଭିନ୍ନ ରାଜ୍ୟରୁ ଆସିଥିବା ସଦସ୍ୟମାନେ ଅନୁମୋଦନ କରିଛନ୍ତି । ଏଲ୍‌ପିଜି ବିତରକମାନଙ୍କ ଦାବି ବିଷୟରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟକୁ ମଧ୍ୟ ଚିଠି ଲେଖିଛନ୍ତି । ଏଲ୍‌ପିଜି ଡିଷ୍ଟ୍ରିବ୍ୟୁଟର୍ସଙ୍କୁ ଦିଆଯାଉଥିବା ବର୍ତ୍ତମାନର କମିଶନ ବହୁତ କମ୍ ଏବଂ ପରିଚାଳନା ଖର୍ଚ୍ଚ ସହିତ ସମାନ ନୁହେଁ ବୋଲି ସଂଘ କହିଛି। ସଂଘ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଏକ ଚିଠି ଲେଖାଯାଇଛି । ଚିଠିରେ ଉଲ୍ଲେଖ ଅଛି ଏଲ୍‌ପିଜିର ଯୋଗାଣ ଚାହିଦା ଏବଂ ଯୋଗାଣ ଉପରେ ଆଧାରିତ। କିନ୍ତୁ, ତୈଳ କମ୍ପାନୀଗୁଡ଼ିକ କୌଣସି ଚାହିଦା ବିନା ବିତରକମାନଙ୍କୁ ଅଣ-ଘରୋଇ ସିଲିଣ୍ଡର ବଳପୂର୍ବକ ପଠାଉଛନ୍ତି, ଯାହା ଆଇନଗତ ବ୍ୟବସ୍ଥା ବିରୁଦ୍ଧରେ। ଏହାକୁ ତୁରନ୍ତ ବନ୍ଦ କରାଯିବା ଉଚିତ । ଉଜ୍ଜ୍ୱଳା ଯୋଜନାରେ ଏଲପିଜି ସିଲିଣ୍ଡର ବଣ୍ଟନରେ ମଧ୍ୟ ସମସ୍ୟା ରହିଛି। ଚିଠିରେ ସଂଘ ସ୍ପଷ୍ଟ କରିଛି ଯଦି ୩ ମାସ ମଧ୍ୟରେ ସେମାନଙ୍କର ଦାବି ପୂରଣ ନ ହୁଏ, ତେବେ ସେମାନେ ଧର୍ମଘଟ କରିବେ।

## ସୁରକ୍ଷାବାହିନୀଙ୍କ ଗୁଳିରେ ୮ ମାଓବାଦୀ ନିପାତ



ଝାଡଖଣ୍ଡ: ଝାଡ଼ଖଣ୍ଡ ବୋକାରୋ ଜିଲ୍ଲାର ଲୁଗୁ ପାହାଡ଼ରେ ସୁରକ୍ଷା ବାହିନୀ ଓ ନକ୍ସଲ ମଧ୍ୟରେ ବଡ ଧରଣର ଏନକାଉଣ୍ଟର । ସୁରକ୍ଷା ବାହିନୀ ଗୁଳିରେ ଟଳିଛନ୍ତି ୮ ହାର୍ଡକୋର ନକ୍ସଲ । ୮ ମାଓବାଦୀଙ୍କୁ ହତ୍ୟା କରିବାରେ ସଫଳ ହୋଇଛନ୍ତି ସୁରକ୍ଷା ବାହିନୀ । ମୃତ ନକ୍ସଲଙ୍କ ମଧ୍ୟରେ ବିବେକ ସ୍କାଡ୍ ସାମିଲ୍ ଅଛି । ଯାହାଙ୍କ ନାଁରେ ଥିଲା ୧ କୋଟିର ପୁରସ୍କାର ରାଶି । ସେପଟେ ଘଟଣାସ୍ଥଳରୁ ଗୋଟିଏ ରାଇଫଲ୍, ଗୋଟିଏ ସେଲ୍ଫ-ଲୋଡିଂ ରାଇଫଲ୍ ଓ ବିସ୍ଫୋରକ ସାମଗ୍ରୀ ବି ଜବତ କରାଯାଇଛି । ସୂଚନା ଥାଉକି, କୁହାଯାଉଛି ଯେ ଇନାମୀ ନକ୍ସଲ ବିବେକ ସ୍କାଡ୍ ସହିତ ପୋଲିସର ଏନକାଉଣ୍ଟର ହୋଇଥିଲା । ପୋଲିସ ଓ ନକ୍ସଲଙ୍କ ମଧ୍ୟରେ ଏବେ ବି ରହି ରହି ଗୁଳି ବିନିମୟ ଜାରି ରହିଛି। ସୋମବାର ସକାଳେ ବୋକାରୋର ଲାଲପାଣି ଥାନା ଅଞ୍ଚଳ ଅନ୍ତର୍ଗତ ମୁଣ୍ଡା ଟୋଲି ଓ ସୋସୋ ନିକଟରେ ଏନକାଉଣ୍ଟର ଆରମ୍ଭ ହୋଇଥିଲା। ତେବେ ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଛି । ମୃତ ନକ୍ସଲଙ୍କୁ ମଧ୍ୟ ଚିହ୍ନଟ କରାଯାଉଛି।

## ଖାଲକୁ ଖସିଲା ଜିପ୍, ୬ ମୃତ

ନୂଆଦିଲ୍ଲୀ : ମଧ୍ୟପ୍ରଦେଶର ରାଇସେନରେ ବଡ଼ ସଡ଼କ ଦୁର୍ଘଟଣା ଘଟିଛି। ବର ଏବଂ କନ୍ୟାକୁ ନେଇ ଯାଉଥିବା କାରଟି ନିୟନ୍ତ୍ରଣ ବାହାରକୁ ଯାଇ କଲଭର୍ଟରେ ପିଟି ହୋଇ ଖାଲକୁ ଖସିପଡିଥିଲା। ଦୁର୍ଘଟଣାରେ ଛଅ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୨ ବର୍ଷର ଝିଅ ମଧ୍ୟ ରହିଛି। ଦୁର୍ଘଟଣାରେ ବର ଏବଂ କନ୍ୟା ଗୁରୁତର ଆହତ ହୋଇଛନ୍ତି। ଆଉ ଜଣେ ଯୁବକ ମଧ୍ୟ ଆହତ ହୋଇଛନ୍ତି। ତିନି ଜଣଙ୍କୁ ଚିକିତ୍ସା ପାଇଁ ରାଇସେନ ଜିଲ୍ଲା ହସ୍ପିଟାଲକୁ ପଠାଯାଇଛି। ସୂଚନା ଅନୁଯାୟୀ, ବିହାରରରେ ବିବାହ କରି ଇନ୍ଦୋର ଫେରୁଥିବା ବର ଏବଂ କନ୍ୟାଙ୍କ କାର ହଠାତ୍ ଏକ କଲଭର୍ଟରେ ପିଟି ହୋଇ ଖାଲ ତଳକୁ ଖସି ପଡ଼ିଥିଲା। ଘଟଣାଟି ରାଇସେନର ଜାତୀୟ ରାଜପଥ-୧୨ ଜୟପୁର-ଜବଲପୁରର ଗାଁ ନିକଟରେ ଘଟିଛି। କାରରେ ୯ଣ ଲୋକ ଥିଲେ। ଦୁର୍ଘଟଣା ପରେ, ୬ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ସୂଚନା ମିଳିବା ମାତ୍ରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କୁହାଯାଉଛି ଯେ ଡ୍ରାଇଭର ଶୋଇପଡ଼ିବାରୁ କାରଟି ନିୟନ୍ତ୍ରଣ ବାହାରକୁ ଯାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଦୁର୍ଘଟଣା ଘଟିବା ମାତ୍ରେ ଚିତ୍କାର ଶୁଣିବାକୁ ମିଳିଥିଲା। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ୧୦୮ ଆମ୍ବୁଲାନ୍ସ ସହାୟତାରେ ଆହତ ଏବଂ ମୃତକଙ୍କୁ ଡାକ୍ତରଖାନା ପଠାଯାଇଥିଲା । ଦୁର୍ଘଟଣାରେ ବର ଏବଂ କନ୍ୟା ସହ ଜଣେ ଯୁବକ ରବି ଖୋଲୱାଲ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ରାଇସେନ ଜିଲ୍ଲା ହସ୍ପିଟାଲକୁ ଅଣାଯାଇଥିଲା, ସେଠାରୁ ତାଙ୍କୁ ଭୋପାଳକୁ ରେଫର କରାଯାଇଥିଲା।

## ନାସାର ରୋଭର କଲା ଆଶ୍ଚର୍ଯ୍ୟ ! ମଙ୍ଗଳ ଗ୍ରହରେ ମିଳିଲା 'ସୁନା ଖଣି'



ନୂଆଦିଲ୍ଲୀ : ନାସା ରୋଭର କଲା ଆଶ୍ଚର୍ଯ୍ୟଜନକ ଖୁଲାସା । ମଙ୍ଗଳ ଗ୍ରହରେ ମିଳିଲା ସୁନା ଖଣି । 'ୱିଚ୍ ହେଜେଲ୍ ହିଲ୍' ନାମକ ଏକ ସ୍ଥାନରୁ ରୋଭରଟି ଏକ ଏପରି ପଥର ପାଇଛି ଯାହା ପୂର୍ବରୁ ମଙ୍ଗଳ ଗ୍ରହରେ କେବେ ଦେଖାଯାଇ ନଥିଲା। ଗତ ୪ ମାସରେ ରୋଭରଟି ଏଠାରୁ ୫ଟି ପଥର ନମୁନା ନେଇଛି । ଆଉ ୭ଟି ପଥର ପରୀକ୍ଷା କରିଛି । ଏହାକୁ ୮୩ ଥର ଲେଜର ସାହାଯ୍ୟରେ ପରୀକ୍ଷଣ କରିଛି । ଏହା ରୋଭରର ଏପର୍ଯ୍ୟନ୍ତର ସବୁଠାରୁ ବ୍ୟାପକ ବୈଜ୍ଞାନିକ ଅନୁସନ୍ଧାନ ଥିଲା। କିଛି ପଥର ପ୍ରାୟ ୩.୯ ବିଲିୟନ ବର୍ଷ ପୁରୁଣା। ଏଠାରେ ସେତେବେଳେ ମଙ୍ଗଳ ଗ୍ରହରେ ଉଲ୍କାପିଣ୍ଡ ପଡୁଥିଲା। ଜ୍ୱାଳାମୁଖୀ ଫାଟୁଥିଲା ଏବଂ ହୁଏତ ସେତେବେଳେ ପାଣି ମଧ୍ୟ ବୋହୁଥିଲା। ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ମଙ୍ଗଳ ଗ୍ରହରେ ପୁରୁଣା ବିସ୍ଫୋରଣ ଯୋଗୁଁ କିଛି ପଥର ପୃଷ୍ଠକୁ ଆସିଥାଇପାରେ। ଏହା ସେମାନଙ୍କୁ ମଙ୍ଗଳ ଗ୍ରହର ଗଭୀରତାରେ ଲୁଚି ରହିଥିବା ରହସ୍ୟଗୁଡ଼ିକୁ ଜାଣିବାର ସୁଯୋଗ ମିଳିଛି । ରିପୋର୍ଟ ଅନୁଯାୟୀ ଗୋଟିଏ ନିର୍ଦ୍ଦିଷ୍ଟ ନମୁନାର ଗଠନ ଏବଂ ବୟସର ଚିହ୍ନ ମିଳିଛି । ଯାହା ଏହାକୁ ' ମଙ୍ଗଳ ଗ୍ରହର ଅମୂଲ୍ୟ ଭଣ୍ଡାର' କରିଥାଏ। ଅନ୍ୟ ଏକ ପଥରରେ ସର୍ପଟାଇନ୍ ନାମକ ଏକ ପଦାର୍ଥ ମିଳିଥିଲା, ଯାହା ସୂଚାଇଥାଏ କି ସେଠାରେ ପାଣି ଏବଂ ପଥର ମଧ୍ୟରେ ରାସାୟନିକ ପ୍ରତିକ୍ରିୟା ହୋଇଥାଇପାରେ। ଏହି ପ୍ରକାରର ପ୍ରତିକ୍ରିୟା ହାଇଡ୍ରୋଜେନ୍ ଗ୍ୟାସ୍ ଉତ୍ପାଦନ କରିପାରିବ। ଯାହା ପ୍ରାଚୀନ କାଳରେ ସୂକ୍ଷ୍ମଜୀବମାନଙ୍କ ପାଇଁ ଶକ୍ତିର ଉତ୍ସ ହୋଇଥାଇପାରେ। ତଥାପି ଏପର୍ଯ୍ୟନ୍ତ ମଙ୍ଗଳରେ ଜୀବନର କୌଣସି ପ୍ରମାଣ ମିଳିନାହିଁ। ରୋଭରଟି ଏକ ସ୍ୱତନ୍ତ୍ର ନମୁନା 'ଗ୍ରୀନ୍ ଗାର୍ଡେନ୍' ମଧ୍ୟ ସୁରକ୍ଷିତ କରିଛି । ଯାହାକୁ ଭବିଷ୍ୟତରେ ପୃଥିବୀକୁ ଫେରାଇ ଆଣିବାକୁ କରାଯାଇଛି ଯୋଜନା । ବିଳମ୍ବ ଏବଂ ଅଧିକ ଖର୍ଚ୍ଚ ହେତୁ ଏହି ନମୁନାଗୁଡ଼ିକୁ ପୃଥିବୀକୁ ଆଣିବାକୁ ଥିବା ମିଶନକୁ ଏବେ ୨୦୪୦ କିମ୍ବା ତା'ଠାରୁ ଅଧିକ ଦିନ ସ୍ଥଗିତ ରଖାଯାଇପାରେ । ସେପର୍ଯ୍ୟନ୍ତ ଏହି ମୂଲ୍ୟବାନ ଆବିଷ୍କାରଗୁଡ଼ିକ ମଙ୍ଗଳ ଗ୍ରହରେ ରହିବ।

## ୟୁଏଇରେ ଗର୍ଜିବ ଭାରତୀୟ ଯୁଦ୍ଧବିମାନ



ନୂଆଦିଲ୍ଲୀ: ୟୁଏଇରେ ଗର୍ଜିବ ଭାରତୀୟ ଯୁଦ୍ଧବିମାନ । ଦମ୍ ଦେଖାଇବେ ଜାଗୁଆର୍ ଓ ମିଗ୍ -୨୯ । ଧଫରା ଏୟାରବେସ୍‌ରେ ବିଶ୍ୱର ଶକ୍ତିଶାଳୀ ବାୟୁସେନା ନିଜର ଶକ୍ତି ପ୍ରଦର୍ଶନ କରିବେ । ଏହି ସମରାଭ୍ୟାସରେ ଏଥର ସାମିଲ୍ ହୋଇଛି ଭାରତୀୟ ବାୟୁସେନା । ଏହି ଯୁଦ୍ଧଭ୍ୟାସକୁ ଡେଜାର୍ଟ ଫ୍ଲାଗ୍- ୧୦ ନାଁ ଦିଆଯାଇଛି । ଏଥିରେ ଇଣ୍ଡିଆନ୍ ଏୟାରଫୋର୍ସର ଦୁଇଟି ଘାତକ ଏୟାରକ୍ରାଫ୍ଟ ଜାଗୁଆର୍ ଓ ମିଗ୍ -୨୯କୁ ସାମିଲ୍ ହୋଇଛି । ଏପ୍ରିଲ ୮ ତାରିଖରୁ ମେ' ପର୍ଯ୍ୟନ୍ତ ଚାଲୁଥିବା ଏହି ସମରାଭ୍ୟାସରେ ଭାରତୀୟ ବାୟୁସେନା ନିଜର ପରାକ୍ରମ ଦେଖାଇବ । ଏହି ହାଇ-ପ୍ରୋଫାଇଲ୍ ଯୁଦ୍ଧାଭ୍ୟାସରେ ଭାରତ ସହିତ ଆମେରିକା, ଫ୍ରାନ୍ସ, ବ୍ରିଟେନ୍, ଜର୍ମାନୀ, ସାଉଦୀ ଆରବ, ତୁର୍କିୟେ, କତର, କୋରିଆ ଏବଂ ଆୟୋଜିତ କରୁଥିବା ଦେଶ ୟୁଏଇର ବାୟୁସେନା ସାମିଲ୍ ହୋଇଛି । ଡେଜାର୍ଟ ଫ୍ଲାଗ୍- ୧୦ରେ ସାମିଲ୍ ହୋଇଥିବା ସମସ୍ତ ଦେଶର ବାୟୁସେନା ମିଳିତ ଭାବେ ନିଜର ଅତ୍ୟାଧୁନିକ ଯୁଦ୍ଧାଭ୍ୟାସ ପରିବେଷଣ କରିବେ । ନିଜ ନିଜର ଯୁଦ୍ଧ ରଣନୀତି ଅନ୍ୟ ମାନଙ୍କ ସହିତ ସେୟାର କରିବେ। ଭାରତୀୟ ବାୟୁସେନାର ଏହି ଉପସ୍ଥିତି କେବଳ ସୈନ୍ୟ ଅଭ୍ୟାସ ନୁହେଁ ବରଂ ବିଶ୍ୱକୁ ଏକ ଯୁଦ୍ଧ ରଣନୀତି ସନ୍ଦେଶ ବୋଲି କୁହାଯାଉଛି । ଭାରତ କେବଳ ଦେଶ ଭିତରେ ଶକ୍ତିଶାଳୀ ନୁହେଁ, ବରଂ ବୈଶ୍ୱିକ ସୁରକ୍ଷା କ୍ଷେତ୍ରରେ ମଧ୍ୟ ନିଜରକୁ ସୁଦୃଢ଼ କରିପାରିଛି । ଜାଗୁଆରର ଶକ୍ତି ଓ ମିଗ୍ -୨୯ର ବେଗ୍ ପୂରା ବିଶ୍ୱ ଦେଖିବ ଭାରତୀୟ ବାୟୁସେନା ଆକାଶମାର୍ଗରେ କେତେ ଶକ୍ତିଶାଳୀ । ଭାରତୀୟ ବାୟୁସେନା କୌଣସି ଚ୍ୟାଲେଞ୍ଜକୁ ମୁକାବିଲା କରିବା ପାଇଁ ସକ୍ଷମ । ଅନ୍ୟପଟେ ଏହି ସମରାଭ୍ୟାସକୁ ନେଇ ପ୍ରତିରକ୍ଷା ମନ୍ତ୍ରାଳୟ ସ୍ପଷ୍ଟ କରିଛି ଯେ, ଡେଜାର୍ଟ ଫ୍ଲେଗ-୧୦ ଯୁଦ୍ଧାଭ୍ୟାସ ଭାରତ ସାମିଲ୍ ହେବା କେବଳ ଯୁଦ୍ଧ ରଣନୀତି ପ୍ରସ୍ତୁତି ନୁହେଁ, ବରଂ ପଶ୍ଚିମ ଏସିଆରେ ପ୍ରତିରକ୍ଷା କ୍ଷେତ୍ରରେ ଏକ ମିଶାଲ ।

# ହର୍ଷ ଭୋଗଲେ, ସାଇମନ ଡୌଲଙ୍କୁ ରେଡ୍-ଫ୍ଲାଗ୍





ନୂଆଦିଲ୍ଲୀ, ୨୧।୪: ଅନେକ ଇଣ୍ଡିଆନ ପ୍ରିମିଅର ଲିଗ୍ (ଆଇପିଏଲ) ଦଳର ଅଧିନାୟକ ଏବଂ କୋଚମାନଙ୍କଠାରୁ ଘରୋଇ ପିଚ୍ କ୍ୟୁରେଟରଙ୍କ ବିରୁଦ୍ଧରେ ଅଭିଯୋଗ ଆସିବା ପରେ, କ୍ରିକେଟ ଆସୋସିଏସନ ଅଫ୍ ବେଙ୍ଗଲ (ସିଏବି) ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)କୁ ଏଡେନ ଗାର୍ଡେନ୍ସରେ ଖେଳା ଯାଉଥିବା ମ୍ୟାଚଗୁଡ଼ିକରେ ହର୍ଷ ଭୋଗଲେ ଏବଂ ସାଇମନ ଡୌଲଙ୍କୁ କମେଣ୍ଟ୍ରୀ କରିବାକୁ ବାରଣ କରିବାକୁ ଅନୁରୋଧ କରିଛି।

ସିଏବିର ଏହି ଅନୁରୋଧ ଡୌଲ ଏବଂ ଭୋଗଲେ କୋଲକାତା ନାଇଟ ରାଇଡର୍ସ (କେକେଆର)କୁ ସହର ଛାଡ଼ି ଚାଲିଯିବାକୁ ପରାମର୍ଶ ଦେବା ପରେ ଆସିଛି, କାରଣ ଘରୋଇ କ୍ୟୁରେଟର ଫ୍ରାଞ୍ଚାଇଜିର ଚାହିଦା ଅନୁସାରେ ପିଚ୍ ପ୍ରସ୍ତୁତ କରିବାରେ ସହଯୋଗ କରୁନାହାନ୍ତି।

ଏକ ରିପୋର୍ଟ ଅନୁସାରେ, ରାଜ୍ୟ ସଂଘ ବିସିସିଆଇକୁ ଏକ କଡ଼ା ଶବ୍ଦରେ ଲିଖିତ ପତ୍ର ଦାଖଲ କରିଛି, ଯେଉଁଥିରେ ଚଳିତ ଆଇପିଏଲ ସିଜନରେ ଇଡେନ ଗାର୍ଡେନ୍ସରେ ଖେଳା ଯାଉଥିବା କୌଣସି ମ୍ୟାଚରେ ହର୍ଷ ଭୋଗଲେ ଏବଂ/କିମ୍ବା ସାଇମନ ଡୌଲଙ୍କୁ କମେଣ୍ଟ୍ରୀ କରିବାକୁ ବାରଣ କରିବାକୁ ଅନୁରୋଧ କରାଯାଇଛି।

ଏକ ଆଲୋଚନାରେ ଡୌଲ ପରାମର୍ଶ ଦେଇଥିଲେ ଯେ ଯଦି ଇଡେନ ଗାର୍ଡେନ୍ସର କ୍ୟୁରେଟରଙ୍କଠାରୁ ସହଯୋଗ ଅଭାବ ଜାରି ରହେ, ତେବେ ଅଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱାଧୀନ ଫ୍ରାଞ୍ଚାଇଜି ଏକ ନୂଆ ଘରୋଇ ମଇଦାନ ଖୋଜିବା ଉଚିତ।

ଯଦି ସେ (କ୍ୟୁରେଟର) ଘରୋଇ ଦଳ କ'ଣ ଚାହୁଁଛି ତାହାର ଧ୍ୟାନ ନ ଦିଅନ୍ତି ମୁଁ କହୁଛି, ସେମାନେ ଷ୍ଟାଡିୟମ ଫି' ଦେଉଛନ୍ତି, ଆଇପିଏଲରେ ଯାହା ଚାଲିଛି ତାହା ପାଇଁ ଦେଉଛନ୍ତି, କିନ୍ତୁ ଯଦି ସେ ତଥାପି ଘରୋଇ ଦଳର ଇଚ୍ଛାକୁ ଧ୍ୟାନ ନ ଦିଅନ୍ତି, ତେବେ ଫ୍ରାଞ୍ଚାଇଜିକୁ ଅନ୍ୟ କୌଣସି ସ୍ଥାନକୁ ନେଇଯାଅ। ତାଙ୍କ କାମ ଖେଳ ବିଷୟରେ ମତ ଦେବା ନୁହେଁ। ତାଙ୍କୁ ତାହା ପାଇଁ ଦରମା ଦିଆଯାଉନାହିଁ, ଡୌଲ କହିଥିଲେ।

ହର୍ଷ ଭୋଗଲେ ମଧ୍ୟ ତାଙ୍କ ମତାମତକୁ ସମର୍ଥନ କରିଥିଲେ। ଯଦି ସେମାନେ ଘରେ ଖେଳୁଛନ୍ତି, (ସେମାନେ) ସେମାନଙ୍କ ବୋଲରମାନଙ୍କ ପାଇଁ ଉପଯୁକ୍ତ ଟ୍ରାକ୍ ପାଇବା ଉଚିତ। ମୁଁ କେକେଆର କ୍ୟୁରେଟର କ'ଣ କହିଛନ୍ତି ତାହା ବିଷୟରେ କିଛି ଦେଖିଥିଲି, ସେ କହିଥିଲେ।ତେବେ, ସିଏବି ଏହି ବିଷୟରେ କ୍ୟୁରେଟର ମୁଖାର୍ଜୀଙ୍କ ପକ୍ଷ ନେଇଛି, ଏହା ସୂଚାଇ ଦେଇଛି ଯେ ସେ କିଛି ଭୁଲ କରିନାହାନ୍ତି ଏବଂ କେବଳ ବିସିସିଆଇର ନିୟମାବଳୀ ଅନୁସରଣ କରୁଛନ୍ତି, ଯେଉଁଥିରେ କୌଣସି ଫ୍ରାଞ୍ଚାଇଜି ପିଚପ୍ରକୃତି ନିର୍ଦ୍ଦେଶ କରିପାରିବ ନାହିଁ। କେକେଆର ଅଧିନାୟକ ରାହାଣେ ମୁଖାର୍ଜୀଙ୍କୁ ଫ୍ରାଞ୍ଚାଇଜିର ତାରକା ଖେଳାଳି ବରୁଣ ଚକ୍ରବର୍ତ୍ତୀ ଏବଂ ସୁନୀଲ ନାରାୟଣଙ୍କୁ ସହାୟତା କରୁଥିବା ଅଧିକ ସ୍ପିନ-ଅନୁକୂଳ ଉଇକେଟ ପ୍ରସ୍ତୁତ କରିବାକୁ ଅନୁରୋଧ କରିଥିଲେ, କିନ୍ତୁ ଉଇକେଟ ପ୍ରାୟତଃ ଅଧିକ ପେସ-ଅନୁକୂଳ ହୋଇ ଉଚ୍ଚ ସ୍କୋରିଂ ମ୍ୟାଚଗୁଡ଼ିକୁ ପ୍ରୋତ୍ସାହିତ କରିଛି।

ସିଏବିର ମତ ହେଉଛି ଯେ କ୍ୟୁରେଟର ଉଇକେଟ ପ୍ରସ୍ତୁତ କରିବା ସମ୍ବନ୍ଧରେ ନିର୍ଦ୍ଦେଶାବଳୀ ଅନୁସରଣ କରିଛନ୍ତି।

ଯଦିଓ ବିସିସିଆଇଠାରୁ ଏ ପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ଆସିନାହିଁ, ରିପୋର୍ଟ ଅନୁସାରେ, ସୋମବାର ଇଡେନ ଗାର୍ଡେନ୍ସରେ ହେଉଥିବା ଆଇପିଏଲ ମ୍ୟାଚରେ କେକେଆର ଗୁଜରାଟ ଟାଇଟନ୍ସଙ୍କ ବିରୁଦ୍ଧରେ ଖେଳୁଥିବା ବେଳେ ହର୍ଷ ଭୋଗଲେ କିମ୍ବା ସାଇମନ ଡୌଲଙ୍କୁ କମେଣ୍ଟ୍ରୀ କରିବାର ଆଶା କରାଯାଉନାହିଁ। ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ଆଇପିଏଲ ୨୦୨୫ର ଫାଇନାଲ ମଧ୍ୟ ମେ ୨୫ ତାରିଖରେ ଇଡେନ ଗାର୍ଡେନ୍ସରେ ଆୟୋଜିତ ହେବାକୁ ନିର୍ଦ୍ଧିଷ୍ଟ ହୋଇଛି।

## ଅନ୍ତଃଜିଲ୍ଲା ମହିଳା ଟ୍ୱେଣ୍ଟି-୨୦: ପ୍ରିୟଙ୍କାଙ୍କୁ ୫ ୱିକେଟ୍

କଟକ: ଚଳିତ ଅନ୍ତଃଜିଲ୍ଲା ମହିଳା ଟ୍ୱେଣ୍ଟି-୨୦ ପ୍ରତିଯୋଗିତାର ମ୍ୟାଚ୍‌ରେ ବଲାଙ୍ଗୀର, ବାଲେଶ୍ୱର, ଝାରସୁଗୁଡ଼ା, ସମ୍ବଲପୁର, ଭୁବନେଶ୍ୱର, କଟକ, ଖୋର୍ଦ୍ଧା ଓ ବରଗଡ଼ ବିଜୟୀ ହୋଇଛନ୍ତି ଡ୍ରିମସ ପଡ଼ିଆରେ ଚାଲିଥିବା ମ୍ୟାଚ୍‌ରେ ଭୁବନେଶ୍ୱର ୧୦ ୱିକେଟରେ ନୟାଗଡକୁ ପରାସ୍ତ କରିଛି।ପ୍ରିୟଙ୍କା ପାତ୍ରଙ୍କ (୨.୫-୧-୨-୫)ଙ୍କ ବୋଲିଂ ସଫଳତାକୁ ସାମ୍ନା କରିପାରି ନୟାଗଡ଼ ୧୩.୫ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୨୮ରନ କରିଥିଲା। ଅନ୍ତଃଜିଲ୍ଲା ମହିଳା ଟ୍ୱେଣ୍ଟି-୨୦ ବଲାଙ୍ଗୀର, ବାଲେଶ୍ୱର, ଝାରସୁଗୁଡ଼ା, ସମ୍ବଲପୁର, ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ବରଗଡ଼ ବିଜୟୀ। ଭୁବନେଶ୍ୱର ୫.୩ ଓଭରରେ କେଣସି ୱିକେଟ୍ ନ ହରାଇ ମ୍ୟାଚ୍ ଜିତି ନେଇଥିଲା । ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ବଲାଙ୍ଗୀର ୮ ୱିକେଟରେ ପୁରୀକୁ, ବାଲେଶ୍ୱର ୯ ୱିକେଟରେ ମୟୂରଭଞ୍ଜକୁ, ଝାରସୁଗୁଡା ୮ ୱିକେଟରେ ଅନୁଗୋଳକୁ, ସମ୍ବଲପୁର ୯୫ ରନ୍‌ରେ ନବରଙ୍ଗପୁରକୁ, କଟକ ୬ ୱିକେଟ୍‌ରେ ସୋନପୁରକୁ, ଖୋର୍ଦ୍ଧା ୪୩ ରନ୍‌ରେ କୋରାପୁଟକୁ ଏବଂ ବରଗଡ଼ ୮୭ ରନ୍‌ରେ ପାରାଦୀପକୁ ପରାସ୍ତ କରିଛି।

## ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)




### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ ଟାଇଟନ୍ସ | ୦୮ | ୦୬ | ୦୨ | ୧୨ |
| ଦିଲ୍ଲୀ କ୍ୟାପିଟାଲ୍ | ୦୫ | ୦୫ | ୦୨ | ୧୦ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୦୭ | ୦୫ | ୦୨ | ୧୦ |
| ପଞ୍ଜାବ କିଙ୍ଗ୍‌ସ | ୦୭ | ୦୫ | ୦୨ | ୧୦ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୦୮ | ୦୫ | ୦୩ | ୧୦ |
| କୋଲକାତା ନାଇଟ୍ ରାଇଡର୍ସ | ୦୮ | ୦୩ | ୦୫ | ୦୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୦୮ | ୦୪ | ୦୪ | ୦୮ |
| ରାଜସ୍ଥାନ ରୟାଲ୍‌ସ | ୦୮ | ୦୨ | ୦୬ | ୦୪ |
| ସନରାଇଜର୍ସ ହାଇଦ୍ରାବାଦ | ୦୭ | ୦୨ | ୦୫ | ୦୪ |
| ଚେନ୍ନାଇ ସୁପର କିଙ୍ଗ୍‌ସ | ୦୮ | ୦୨ | ୦୬ | ୦୪ |

# ସିଏସ୍‌କେକୁ ମୁହଁ ଖୋଲିଲେ ଧୋନୀ



ମୁମ୍ବାଇ, ୨୧।୪: ଆଇପିଏଲ ୨୦୨୫ରେ ଚେନ୍ନାଇ ସୁପର କିଙ୍ଗସ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଏକ ଶୋଚନୀୟ ପରାଜୟ ବରଣ କରିଛି। ଏହି ସିଜନରେ ଚେନ୍ନାଇର ଅବସ୍ଥା ବହୁତ ଖରାପ। ଦଳଟି ପଏଣ୍ଟ ଟେବୁଲର ସବୁଠାରୁ ତଳେ ଅଛିଏ ଏପର୍ଯ୍ୟନ୍ତ ୮ଟି ମ୍ୟାଚ ମଧ୍ୟରୁ ଚେନ୍ନାଇ ସୁପର କିଙ୍ଗ୍ସ କେବଳ ଦୁଇଟି ମ୍ୟାଚ ଜିତିପାରିଛନ୍ତି। ମୁମ୍ବାଇ ବିପକ୍ଷ ପରାଜୟ ପରେ, ଚେନ୍ନାଇ ଅଧିନାୟକ ଏମଏସ ଧୋନୀ ଏକ ବଡ଼ ବୟାନ ଦେଇଛନ୍ତି।

ମଆଇ ଠାରୁ ପରାଜୟ ପରେ, ଧୋନୀ ସ୍ୱୀକାର କରିଛନ୍ତି ତାଙ୍କ ଖେଳାଳିମାନେ ସେମାନଙ୍କର ରଣନୀତି କାର୍ଯ୍ୟକାରୀ କରିପାରି ନ ଥିଲେ। ସେ ଏହା ମଧ୍ୟ କହିଛନ୍ତି, ଆମକୁ ବାକି ଥିବା ସମସ୍ତ ମ୍ୟାଚ ଜିତିବାକୁ ପଡିବ। ଆମେ ଗୋଟିଏ ସମୟରେ କେବଳ ଗୋଟିଏ ମ୍ୟାଚ ଉପରେ ଧ୍ୟାନ ଦେଉଛୁ। ଯଦି ଆମେ ଭବିଷ୍ୟତରେ କିଛି ମ୍ୟାଚ ହାରିଯାଉ, ତେବେ ଆଗାମୀ ବର୍ଷ ପାଇଁ ସଠିକ ସଂଯୋଜନ ପ୍ରସ୍ତୁତ କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ଆଗାମୀ ବର୍ଷ ପାଇଁ ଏକ କୋର ଗ୍ରୁପ ପ୍ରସ୍ତୁତ କରୁଛୁ।ସେ ଆହୁରି କହିଛନ୍ତି, ଆମେ ଅଧିକ ଖେଳାଳି ପରିବର୍ତ୍ତନ କରିବା ପକ୍ଷରେ ନାହୁଁ। ଆମ ପାଇଁ ବର୍ତ୍ତମାନ ପ୍ଲେଅଫ ପାଇଁ ଯୋଗ୍ୟତା ଅର୍ଜନ କରିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଯଦି ତାହା ନ ହୁଏ, ତେବେ ଆମର ଧ୍ୟାନ ଆସନ୍ତା ବର୍ଷ ପାଇଁ ୧୧ ଜଣ ଖେଳାଳିଙ୍କୁ ପ୍ରସ୍ତୁତ କରିବା ଏବଂ ତା'ପରେ ଏକ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବା ଉପରେ ରହିବ।

ଚେନ୍ନାଇର ନିୟମିତ ଅଧିନାୟକ ଋତୁରାଜ ଗାୟକ୍ୱାଡଙ୍କ ଆଘାତ ପରେ, ଏମଏସ ଧୋନୀଙ୍କୁ ଦଳର କମାଣ୍ଡ ଦିଆଯାଇଥିଲା। ଏହା ପରେ ମଧ୍ୟ ଦଳର ଅବସ୍ଥାରେ କୌଣସି ଉନ୍ନତି ହୋଇନାହିଁ। ରବିବାର ଏମଆଇ ଚେନ୍ନାଇକୁ ୯ ଉଇକେଟରେ ପରାସ୍ତ କରିଥିଲା। ଏହି ମ୍ୟାଚ୍ରେ ଚେନ୍ନାଇର ଦଳ ପ୍ରଥମେ ଖେଳିବା ପରେ ମାତ୍ର ୧୭୬ ରନ କରିପାରିଥିଲା, ଦଳ ଶେଷ ଓଭର ଗୁଡ଼ିକରେ ଶୀଘ୍ର ରନ କରିବାରେ ବିଫଳ ହୋଇଥିଲା। ଗୋଟିଏ ସମୟରେ ଚେନ୍ନାଇର ସ୍କୋର ୧୬ ଓଭରରେ ୩ ଉଇକେଟ ହରାଇ ୧୪୨ ରନ ଥିଲା। ତା'ପରେ ଶେଷ ୪ ଓଭରରେ ମାତ୍ର ୩୪ ରନ ହୋଇଥିଲା। ଜବାବରେ, ମୁମ୍ବାଇ ମାତ୍ର ୧୫.୪ ଓଭରରେ ମ୍ୟାଚ ଜିତି ନେଇଥିଲା।

## ଜାତୀୟ ହ୍ୟାଣ୍ଡବଲ ଚାମ୍ପିୟନଶିପରେ ଧ୍ରୁବ

ନୂଆପଡ଼ା, ୨୧।୪: ଉତ୍ତରପ୍ରଦେଶର ଆକବରପୁରଠାରେ ଏପ୍ରିଲ ୨୦ରୁ ୨୪ ପର୍ଯ୍ୟନ୍ତ ଜାତୀୟ ଜୁନିୟର ବାଳକ ହ୍ୟାଣ୍ଡବଲ ଚାମ୍ପିୟନଶିପ ଆୟୋଜିତ ହେଉଛି। ଏଥିସକାଶେ ରାଜ୍ୟର ୧୮ଜଣିଆ ଦଳ ଉତ୍ତରପ୍ରଦେଶ ଯାତ୍ରା କରିଛନ୍ତି।ଏହି ଦଳରେ ନୂଆପଡାର ଧ୍ରୁବ ଗୁପ୍ତା ସ୍ଥାନ ପାଇ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି।

ନୂଆପଡ଼ା ମନ୍ଦିରପଡ଼ାର ଲଲନ ଗୁପ୍ତା ଓ ମମତା ଗୁପ୍ତାଙ୍କ ପୁତ୍ର ଧ୍ରୁବ ତରବୋଡ଼ସ୍ଥିତ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନ କରନ୍ତି। ସୂଚନା ମୁତାବକ ଏହି ପ୍ରତିଯୋଗିତା ପାଇଁ ଗତ ମାର୍ଚ୍ଚରୁ ପ୍ରଶିକ୍ଷଣ ଶିବିର କରାଯାଇ ୩୦ଜଣଙ୍କୁ ଚୟନ କରାଯାଇଥିଲା। ଧ୍ରୁବ ନିଜର ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଦଳରେ ସ୍ଥାନ ପାଇଥିଲେ। ପରେ ଖେଳାଳିମାନଙ୍କ ପ୍ରଦର୍ଶନକୁ ଆଧାର କରି ୧୮ ଜଣିଆ ରାଜ୍ୟ ଦଳ ଚୟନ କରାଯାଇଥିଲା ।ଏଥିରେ ମଧ୍ୟ ଧ୍ରୁବ ନିଜ ସ୍ଥାନ ପକ୍କା କରିଥିଲେ। ତାଙ୍କର ଏହି ସଫଳତା ପାଇଁ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ, ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼େଇ, ଜିଲା କ୍ରିକେଟ ସଂଘ ସମ୍ପାଦକ ସରୋଜ କୁମାର ସାହୁ, ବିଦ୍ୟାଳୟ ଅଧକ୍ଷ ଡ. ଭି. ରମନା ତାଙ୍କୁ ଶୁଭେଚ୍ଛା ଜଣାଇ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# କୋର୍ଟ ଯିବେ ଆଝାରୁଦ୍ଦିନ



ନୂଆଦିଲ୍ଲୀ, ୨୧।୪: ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମର ଉତ୍ତର ଷ୍ଟାଣ୍ଡରୁ ଆଝାରୁଦ୍ଦିନଙ୍କ ନାମ ହଟାଇବାକୁ ହାଇଦ୍ରାବାଦ୍ କ୍ରିକେଟ୍ ଆସୋସିଏଶନ (ଏଚ୍‌ସିଏ)ର ଓମ୍ବୁଡସମ୍ୟାନ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଉପରେ ରହିତାଦେଶ ଜାରି କରିବା ଲାଗି ଭାରତର ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ତେଲଙ୍ଗାନା ହାଇକୋର୍ଟର ଦ୍ୱାରସ୍ଥ ହେବାକୁ ଯୋଜନା କରୁଛନ୍ତି।

ଏଚସିଏର ସଦସ୍ୟ ଲର୍ଡସ କ୍ରିକେଟ କ୍ଲବ ପକ୍ଷରୁ ଦାଖଲ କରାଯାଇଥିବା ଆବେଦନ ଆଧାରରେ ଏଚ୍‌ସିଏର ଏଥିକ୍ସ ଅଧିକାରୀ ଥିବା ଅବସରପ୍ରାପ୍ତ ଜଷ୍ଟିସ ଭି. ଈଶ୍ୱରେୟା ଏଭଳି ନିଷ୍ପତ୍ତି ନେଇଛନ୍ତି। ଲର୍ଡସ କ୍ରିକେଟ କ୍ଲବ ପକ୍ଷରୁ କରାଯାଇଥିବା ଆବେଦନରେ ଦର୍ଶାଯାଇଥିଲା, ୨୦୧୯ ଡିସେମ୍ବରରେ ଷ୍ଟାଡିୟମର ଉତ୍ତର ଷ୍ଟାଣ୍ଡକୁ ଆଝାରୁଦ୍ଦିନଙ୍କ ନାମରେ ନାମିତ କରିବା ଲାଗି ନିଷ୍ପତ୍ତି ନିଆଗଲା ବେଳେ ଭାରତର ପୂର୍ବତନ ଅଧିନାୟକ ଏଚସିଏର ପୂର୍ବତନ ସଭାପତି ଭାବେ କାର୍ଯ୍ୟକାରୀ ପରିଷଦରେ ବସିଥିଲେ। ଏଥିଯୋଗୁ ସେ ଏଚସିଏର ନିୟମ ଭଙ୍ଗ କରିଥିଲେ।

ମୁଁ ନିଶ୍ଚିତ ଭାବେ ଆଇନର ବାଟ ଆପଣେଇବି ଏବଂ ଓମ୍ବୁଡସମ୍ୟାନଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ ଲାଗି ହାଇକୋର୍ଟରେ ଆବେଦନ କରିବି। ଭାରତର ଅଧିନାୟକଙ୍କ ନାମ ଷ୍ଟାଣ୍ଡରୁ ହଟାଇବାକୁ ନିର୍ଦ୍ଦେଶ ଦେବା ଏକ ଲଜ୍ଜାର ବିଷୟ ବୋଲି ଆଝାରୁଦ୍ଦିନ କହିଛନ୍ତି।

ଏତଦ୍‌ବ୍ୟତୀତ ସେ ଓମ୍ବୁଡସ୍ମ୍ୟାନଙ୍କ ନିର୍ଦ୍ଦେଶର ବୈଧତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଆସୋସିଏଶନର ସମ୍ବିଧାନ ଅନୁଯାୟୀ, ଓମ୍ବୁଡସମ୍ୟାନ ବା ଏଥିକ୍ସ ଅଧିକାରୀଙ୍କ କାର୍ଯ୍ୟକାଳ ୧ ବର୍ଷ। ଏହି ଘଟଣାରେ ଓମ୍ବୁଡସମ୍ୟାନଙ୍କ କାର୍ଯ୍ୟକାଳ ୨୦୨୫ ଫେବୃଆରୀ ୧୮ ତାରିଖରେ ଶେଷ ହୋଇଯାଇଛି। ଏହି ତାରିଖ ପରେ ତାଙ୍କ ଦ୍ୱାରା ପାରିତ ସମସ୍ତ ନିର୍ଦ୍ଦେଶ ମୂଲ୍ୟହୀନ। ତାଙ୍କ କାର୍ଯ୍ୟକାଳରେ ବୃଦ୍ଧି କରାଯାଇ ନାହିଁ। ତାଙ୍କ କାର୍ଯ୍ୟକାଳରେ ବୃଦ୍ଧି କେବଳ ଏଜିଏମରେ କରାଯାଇପାରିବ, ଯାହା କି ଏପର୍ଯ୍ୟନ୍ତ ହୋଇନାହିଁ। ଏଣୁ ସେ କେଉଁ ଭଳି ନିର୍ଦ୍ଦେଶ ଜାରି କଲେ।

# ଚେନ୍ନାଇକୁ ହରାଇଲା ମୁମ୍ବାଇ



ମୁମ୍ବାଇ, ୨୧।୪(ଏଜେନସି): ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମଠାରେ ରବିବାର ଖେଳାଯାଇଥିବା ଆଇପିଏଲ ୨୦୨୫ର ୩୮ତମ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗସକୁ ୯ ୱିକେଟରେ ପରାସ୍ତ କରିଛି। ମୁମ୍ବାଇ ଇଣ୍ଡିଆନ୍ସ ମୁମ୍ବାଇ ଆଗରେ ୧୭୭ ରନର ଲକ୍ଷ୍ୟ ଥିବାବେଳେ ଦଳ ୧୫.୪ ଓଭରରେ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ରୋହିତ ଶର୍ମା ୭୬ ରନ ଓ ସୂର୍ଯ୍ୟକୁମାର ଯାଦବ ୬୭ ରନ କରିଥିଲେ । ରିୟାନ ରିକଲଟ ୨୪ ରନ କରିଥିଲେ।

ଏହି ମ୍ୟାଚରେ ମୁମ୍ବାଇ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଚେନ୍ନାଇ ଦଳ ପକ୍ଷରୁ ରାଚିନ ରବୀନ୍ଦ୍ର ଓ ସାଇକ୍ ରଶିଦ୍ ବ୍ୟାଟିଂ ଓପନ କରିଥିଲେ। କିନ୍ତୁ ରାଚିନ ମାତ୍ର ୫ ରନ କରି ଆଉଟ ହୋଇଥିଲେ ତେବେ ରଶିଦ ଓ ଆୟୁଷ ମାହାତ୍ରେଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ ଦେଖିବାକୁ ମିଳିଥିଲା ରଶିଦ ୧୯ ରନ ଓ ମାହାତ୍ରେ ୩୨ ରନ କରିଥିଲେ। ଏହାପରେ ରବିନ୍ଦ୍ର ଜାଦେଜା ଓ ଶିବମ ଦୁବେଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ୍ ଦେଖିବାକୁ ମିଳିଥିଲା। ଜାଦେଜା ୫୩ ରନ କରିଥିବାବେଳେ ଦୁବେ ୫୦ ରନ କରିଥିଲେ। ମୁମ୍ବାଇ ପକ୍ଷରୁ ଯଶପ୍ରୀତ ବୁମରା ୨ଟି ୱିକେଟ ନେଇଥିବାବେଳେ ଦିପକ ଚହର, ଅଶ୍ୱିନୀ କୁମାର ଓ ମିଚେଲ ସାଣ୍ଟନର ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

# ପନ୍ତଙ୍କୁ ପ୍ରମୋସନ : କେନ୍ଦ୍ରୀୟ ଚୁକ୍ତିକୁ ଫେରିଲେ ଶ୍ରେୟାସ, କିଶନ








ନୂଆଦିଲ୍ଲୀ, ୨୧।୪: ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ୨୦୨୪-୨୫ ସିଜିନ ପାଇଁ ଏହାର କେନ୍ଦ୍ରୀୟ ଚୁକ୍ତି ତାଲିକାରେ ମୋଟ ୩୪ ଜଣ ଖେଳାଳିଙ୍କୁ ସାମିଲ କରିଛି। ଯେଉଁଥିରେ ଏପରି ୯ ଜଣ ଖେଳାଳି ଅଛନ୍ତି, ଯେଉଁମାନେ ପ୍ରଥମ ଥର ପାଇଁ ବିସିସିଆଇର କେନ୍ଦ୍ରୀୟ ଚୁକ୍ତିନାମା ପାଇଛନ୍ତି। ରୋହିତ ଶର୍ମା ଏବଂ ବିରାଟ କୋହଲି ୨୦୨୪ରେ ଟି-୨୦ ଆନ୍ତର୍ଜାତୀୟ ଫର୍ମାଟରୁ ଅବସର ନେଇଥିଲେ ମଧ୍ୟ ସର୍ବୋଚ୍ଚ ଶ୍ରେଣୀ - ଗ୍ରେଡ୍ ଏ-ପ୍ଲସରେ ସ୍ଥାନ ବଜାୟ ରଖିଛନ୍ତି। ସେହି ସମୟରେ ଶ୍ରେୟସ ଆୟର ଏବଂ ଇଶାନ କିଶନଙ୍କ ଭଳି ଷ୍ଟାର ଖେଳାଳିମାନେ ଚୁକ୍ତିକୁ ମଧ୍ୟ ଫେରିଛନ୍ତି। ତେବେ ଏଥର ବିସିସିଆଇ କେବଳ ଜଣେ ଖେଳାଳିଙ୍କୁ ପ୍ରମୋଟ କରିଛି। ଏହି ଖେଳାଳିଙ୍କୁ ଏବେ ଗ୍ରେଡ ବିରୁ ଗ୍ରେଡ ଏକୁ ଉନ୍ନୀତ କରାଯାଇଛି। ଏହି ଖେଳାଳି ଗତ କିଛି ବର୍ଷ ମଧ୍ୟରେ ଭାରତ ପାଇଁ ଅନେକ ସ୍ମରଣୀୟ ମ୍ୟାଚ ଜିତିଛନ୍ତି। ୨୦୨୪-୨୫ ସିଜିନ୍ ପାଇଁ ମୋଟ ୩୪ ଜଣ ଖେଳାଳିଙ୍କୁ ବାର୍ଷିକ ରିଟେନରସିପ୍ ପ୍ରଦାନ କରାଯାଇଛି, ଯେଉଁଥିରେ ୨୦୨୪ ଅକ୍ଟୋବର ୧ ରୁ ୨୦୨୫ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଖେଳ ଅବଧିକୁ ବିଚାରକୁ ନିଆଯାଇଛି।

ବିସିସିଆଇ ନୂତନ କେନ୍ଦ୍ରୀୟ ଚୁକ୍ତିନାମାରେ ଯେଉଁ ଖେଳାଳିଙ୍କୁ ପଦୋନ୍ନତି ଦେଇଛି ସେ ହେଉଛନ୍ତି ଷ୍ଟାର ଉଇକେଟକିପର ବ୍ୟାଟ୍ସମ୍ୟାନ ଋଷଭ ପନ୍ତ। ଏହା ତାଙ୍କର କଠିନ ପରିଶ୍ରମ, ଅସାଧାରଣ ପ୍ରତିଭା ଏବଂ ଭାରତୀୟ କ୍ରିକେଟ ପ୍ରତି ତାଙ୍କର ଅବଦାନକୁ ପ୍ରତିଫଳିତ କରେ। ଗତ କିଛି ବର୍ଷ ମଧ୍ୟରେ ଋଷଭ ପନ୍ତ ଭାରତ ପାଇଁ ଜଣେ ବଡ଼ ମ୍ୟାଚ୍ ବିଜେତା ପ୍ରମାଣିତ ହୋଇଛନ୍ତି। ୨୦୨୨ ମସିହାରେ ଏକ ଭୟଙ୍କର କାର ଦୁର୍ଘଟଣା ପନ୍ତଙ୍କ କ୍ୟାରିୟର ଉପରେ ପ୍ରଶ୍ନ ଉଠାଇଥିଲା, କିନ୍ତୁ ସେ ଏକ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି।

୨୦୨୪ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକତ୍ୱ କରିବା ସମୟରେ ସେ ଚମତ୍କାର ବ୍ୟାଟିଂ ମଧ୍ୟ କରିଥିଲେ।ଏହା ପରେ ତାଙ୍କୁ ସିଧାସଳଖ ୨୦୨୪ ଟି-୨୦ ବିଶ୍ୱକପ ଦଳରେ ସାମିଲ କରାଯାଇଥିଲା।୨୦୨୪ ଟି-୨୦ ବିଶ୍ୱକପରେ ଭାରତର ଟାଇଟଲ ବିଜୟରେ ମଧ୍ୟ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଜିତିଥିବା ଭାରତୀୟ ଦଳର ମଧ୍ୟ ଅଂଶ ଥିଲେ। ବିସିସିଆଇର ଗ୍ରେଡ୍ ଏ କେନ୍ଦ୍ରୀୟ ଚୁକ୍ତିନାମା କେବଳ ଜଣେ ଖେଳାଳିଙ୍କ ପାଇଁ ଏକ ଆର୍ଥିକ ପୁରସ୍କାର ନୁହେଁ ବରଂ ଏହା ଖେଳାଳିଙ୍କ ପ୍ରତି ବୋର୍ଡର ବିଶ୍ୱାସ ଏବଂ ଗୁରୁତ୍ୱକୁ ମଧ୍ୟ ପ୍ରତିଫଳିତ କରେ।

କହିରଖୁଛୁ, ବିସିସିଆଇ ଗ୍ରେଡ B ଖେଳାଳିମାନଙ୍କୁ ବାର୍ଷିକ ୩ କୋଟି ଟଙ୍କା ଏବଂ ଗ୍ରେଡ ଏ ଖେଳାଳିମାନଙ୍କୁ ୫ କୋଟି ଟଙ୍କା ଦେଇଥାଏ। ଏହାର ଅର୍ଥ ହେଉଛି ଏଥର ପନ୍ତଙ୍କୁ ବିସିସିଆଇରୁ ୩ କୋଟି ଟଙ୍କା ବଦଳରେ ୫ କୋଟି ଟଙ୍କା ମିଳିବ।

ଗତ ଥର ପରି, ଏଥର ମଧ୍ୟ ବିସିସିଆଇ ଗ୍ରେଡ ଇରେ ମୋଟ ୬ ଜଣ ଖେଳାଳିଙ୍କୁ ସାମିଲ କରିଛି। ମହମ୍ମଦ ସିରାଜ, କେଏଲ୍ ରାହୁଲ, ଶୁଭମନ ଗିଲ, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ମହମ୍ମଦ ଶାମି ସେମାନଙ୍କ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଛନ୍ତି। ସେହି ସମୟରେ, ଆର୍ ଅଶ୍ୱିନ ଏହି ତାଲିକାରୁ ବାଦ୍ ପଡ଼ିଛନ୍ତି। କାରଣ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଛନ୍ତି। ଏପରି ପରିସ୍ଥିତିରେ ତାଙ୍କ ସ୍ଥାନରେ ରିଷଭ ପନ୍ତ ଏହି ତାଲିକାରେ ଯୋଡ଼ା ଯାଇଛନ୍ତି।

### ଚୁକ୍ତି ତାଲିକା

ଗ୍ରେଡ୍ ଏ+: ରୋହିତ ଶର୍ମା, ବିରାଟ କୋହଲି, ଜସପ୍ରୀତ ବୁମରା, ରବୀନ୍ଦ୍ର ଜାଡେଜା।

ଗ୍ରେଡ୍ ଏ: ମହମ୍ମଦ ସିରାଜ, କେ.ଏଲ୍. ରାହୁଲ, ଶୁଭମନ ଗିଲ, ହାର୍ଦ୍ଦିକ ପାଣ୍ଡ୍ୟା, ମହମ୍ମଦ ଶାମି, ଋଷଭ ପନ୍ତ।

ଗ୍ରେଡ୍ ବି: ସୂର୍ଯ୍ୟକୁମାର ଯାଦବ, କୁଲଦୀପ ଯାଦବ, ଅକ୍ଷର ପଟେଲ, ଯଶସ୍ୱୀ ଜୟସୱାଲ, ଶ୍ରେୟସ୍ ଆୟାର।

ଗ୍ରେଡ୍ ସି: ରିଙ୍କୁ ସିଂ, ତିଲକ ବର୍ମା, ଋତୁରାଜ ଗାୟକ୍ୱାଡ, ଶିବମ ଦୁବେ, ରବି ବିଷ୍ଣୋଇ, ୱାଶିଂଟନ ସୁନ୍ଦର, ମୁକେଶ କୁମାର, ସଞ୍ଜୁ ସାମସନ, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା, ରଜତ ପଟିଦାର, ଧ୍ରୁବ ଜୁରେଲ, ସରଫରାଜ ଖାନ, ନୀତୀଶ କୁମାର ରେଡ୍ଡୀ, ଇଶାନ କିଶନ, ଅଭିଷେକ ଶର୍ମା, ଆକାଶ ଦୀପ, ବରୁଣ ଚକ୍ରବର୍ତ୍ତୀ, ହର୍ଷିତ ରାଣା।

## ଏବେ ରାଜ୍ୟର .... (ପ୍ରଥମ ପୃଷ୍ଠାରୁ)

ପଂଜିକୃତ ଓ ଅଫଲାଇନରେ ପ୍ରାୟ ୪୦୦ ଲୋକଙ୍କ ଅଭିଯୋଗ ଗ୍ରହଣ କରାଯାଇଛି । ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ୍ୟ ଓ ଦୂରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ସହାୟତା ଯୋଗାଇ ଦିଆଯାଉଛି। ଆଜି ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ପାଇଁ ୧୮ ଜଣଙ୍କୁ ୧୯ ଲକ୍ଷ ୫୦ ହଜାର ଟଙ୍କାର ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି । ଏହି ତତ୍କାଳ ସହାୟତା ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଯୋଗ ପ୍ରକୋଷ୍ଠରେ ଡାକ୍ତରୀ ଦଳ ମଧ୍ୟ ନିୟୋଜିତ ଥିଲେ । କେବଳ ଚିକିତ୍ସା ସହାୟତା ନୁହେଁ, ଅନ୍ୟାନ୍ୟ ବିଭିନ୍ନ ସମସ୍ୟା ନେଇ ଅଭିଯୋଗକାରୀମାନେ ଆସିଥିଲେ । ସମସ୍ତଙ୍କ ଅଭିଯୋଗ ଗୁଡ଼ିକୁ ଗୁରୁତ୍ୱର ସହ ଶୁଣି ଆବଶ୍ୟକ ସ୍ଥଳେ ଟେଲିଫୋନ୍ ଜରିଆରେ ମନ୍ତ୍ରୀମଣ୍ଡଳର ସଦସ୍ୟ ଓ ଉପସ୍ଥିତ ବରିଷ୍ଠ ସଚିବ ସ୍ତରୀୟ ଅଧିକାରୀମାନେ ସମ୍ପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ ।

ଅଭିଯୋଗ ପ୍ରକୋଷ୍ଠରୁ ଫେରୁଥିବା ପ୍ରତ୍ୟେକଙ୍କ ମୁହଁରେ ପ୍ରକାଶ ପାଉଥିଲା ଭରସା ଓ ଆତ୍ମ ସନ୍ତୋଷର ଚିହ୍ନ ।

ଅଭିଯୋଗକାରୀଙ୍କ ମଧ୍ୟରେ ଥିଲେ ସମ୍ବଲପୁରର ଦୀପ୍ତିରାଣୀ ପାଢ଼ୀ । ସେ ତାଙ୍କ ପେନ୍ସନ ସଂକ୍ରାନ୍ତୀୟ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସିଥିଲେ । ମୁଖ୍ୟମନ୍ତ୍ରୀ ତାଙ୍କ ସମସ୍ୟା ଶୁଣିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀମତୀ ପାଢ଼ୀ ଗଭୀର ଆତ୍ମସନ୍ତୋଷର ସହ ଘରକୁ ଫେରିଥିଲେ ।

ସେହିପରି ବରଗଡ଼ ଜିଲ୍ଲା ଡୁଙ୍ଗୁରିବାହାଲ ର କିଛି ବାସିନ୍ଦା ଆସିଥିଲେ ଡୁଙ୍ଗୁରିବାହାଲ ଜଳସେଚନ ପ୍ରକଳ୍ପରୁ ଜଳସେଚନ ସୁବିଧା କରାଇବା ପାଇଁ । ମୁଖ୍ୟମନ୍ତ୍ରୀ ତୁରନ୍ତ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏହାର ସମାଧାନ ପାଇଁ । ମୁଖ୍ୟମନ୍ତ୍ରୀଙ୍କ ଠୁ ଆଶ୍ୱାସନା ପାଇ ସେମାନେ ଖୁସି ମନରେ ଫେରିଥିଲେ । ଏହିପରି ଜଣେ ପରେ ଜଣେ ଅଭିଯୋକାରୀ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ମାନଙ୍କୁ ଭେଟି ଭରସା ଓ ସନ୍ତୋଷ ନେଇ ଫେରୁଥିଲେ । ସମସ୍ତଙ୍କ ମୁହଁରେ ଥିଲା ଖୁସିର ଲହରୀ କାରଣ ମୁଖ୍ୟମନ୍ତ୍ରୀ ନିଜେ ତାଙ୍କ ସମସ୍ୟା ଶୁଣିଛନ୍ତି ଓ ସମାଧାନର ବ୍ୟବସ୍ଥା ମଧ୍ୟ କରିଛନ୍ତି ।

ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଇଂ ଗଣେଶ ରାମ ସିଂ ଖୁଣ୍ଟିଆ, ପଞ୍ଚାୟତିରାଜ ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଶିଳ୍ପ ମନ୍ତ୍ରୀସମ୍ପଦ ଚନ୍ଦ୍ର ସ୍ୱାଇଁ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।

ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟ ପରିଚାଳନା କରିଥିଲେ ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ